
ଯା ଦେବୀ ସର୍ବଭୂତେଷୁ ଶକ୍ତିରୂପେଣ ସଂସ୍ଥିତା
ନମଃତସ୍ୟୈ ନମଃତସ୍ୟୈ ନମଃତସ୍ୟୈ ନମୋନମଃ ।

# ଆମର ପ୍ରୟାସ
AAMAR PRAYAS
PRGI NO - ORORI/26/A1298



ବକେୟା ଖଣି ଟିକସ ଆଦାୟ ହେଲେ
ପ୍ରତି ଓଡ଼ିଆଙ୍କୁ ମିଳିବ ୨୨ହଜାର : କଂଗ୍ରେସ

ବର୍ଷ-୦୧,ସଂଖ୍ୟା-୧୫୪, ମଙ୍ଗଳବାର, ୨୫ ଅଗଷ୍ଟ ୨୦୨୬, ଭୁବନେଶ୍ୱର ମୂଲ୍ୟ - ଟ. ୫.୦୦ (ପୃଷ୍ଠା-୦୮) VOl- 01, Issue- 154 Tuesday, 25 August 2026, Bhubaneswar, Rs. 5.00 (Page - 08)


## ନାଗପୁର କ୍ଲୋରିନ ଗ୍ୟାସ୍ ଲିକ୍, ୪୦ରୁ ଅଧିକ ଅସୁସ୍ଥ

ନାଗପୁର, ୨୪।୮: ମହାରାଷ୍ଟ୍ରର ନାଗପୁର ଗୋଧନୀ ଅଞ୍ଚଳର ଏକ ଜଳ ବିଶୋଧନ ପ୍ଲାଣ୍ଟରେ ମଧ୍ୟରାତ୍ରିରେ ବିଷାକ୍ତ କ୍ଲୋରିନ ଗ୍ୟାସ୍ ଲିକ୍ ହେବାରୁ ଆତଙ୍କ ଖେଳିଯାଇଛି। ଏହି ଘଟଣାରେ ପ୍ରାୟ ୪୦ ଜଣ ଅସୁସ୍ଥ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିବାବେଳେ ଚିକିତ୍ସା ପରେ ୧୨ ଜଣଙ୍କୁ ଡିସ୍‌ଚାର୍ଜ କରାଯାଇଛି। ଗୋଧନୀରେ ଥିବା ମହାରାଷ୍ଟ୍ର ଜୀବନ ପ୍ରାଧିକରଣର ମ୍ୟୁନିସିପାଲିଟି କାଉନ୍ସିଲ ଜଳ ବିଶୋଧନ ପ୍ଲାଣ୍ଟରେ ରାତି ପ୍ରାୟ ୧ଟା ସମୟରେ ୯୦୦ କିଲୋଗ୍ରାମ କ୍ଷମତାର ଏକ କ୍ଲୋରିନ ସିଲିଣ୍ଡରରୁ ଗ୍ୟାସ୍ ଲିକ୍ ହୋଇଥିଲା। ବିଷାକ୍ତ ଗ୍ୟାସ୍ ନିକଟବର୍ତ୍ତୀ ଅଞ୍ଚଳକୁ ବ୍ୟାପିଯିବାରୁ ଲୋକେ କାଶ ଓ ଶ୍ୱାସକ୍ରିୟାରେ ସମସ୍ୟା ଅନୁଭବ କରିଥିଲେ। ଖବର ପାଇ ଏନ୍‌ଡିଆରଏଫ୍, ଅଗ୍ନିଶମ ବିଭାଗ, ପୁଲିସ ଓ ପ୍ରଶାସନର ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର ଓ ନିୟନ୍ତ୍ରଣ କାର୍ଯ୍ୟ ଆରମ୍ଭ କରିଥିଲେ। ନିକଟବର୍ତ୍ତୀ ଅଞ୍ଚଳର ଲୋକଙ୍କୁ ସତର୍କ କରାଯିବା ସହ ସୁରକ୍ଷିତ ସ୍ଥାନକୁ ଯିବାକୁ କୁହାଯାଇଥିଲା। ଘଟଣାସ୍ଥଳର ୨୦୦ ମିଟର ବ୍ୟାସାର୍ଦ୍ଧକୁ ନିଷିଦ୍ଧ ଅଞ୍ଚଳ କରାଯାଇ ବ୍ୟାରିକେଡ୍ ଲଗାଯାଇଥିଲା। ଅସୁସ୍ଥମାନଙ୍କୁ ଜିଙ୍ଗାବାଇ ଟକଲିସ୍ଥିତ ସ୍ୱର୍ଶ ହସ୍ପିଟାଲ ଓ ମେୟୋ ହସ୍ପିଟାଲରେ ଚିକିତ୍ସା କରାଯାଇଛି। ସକାଳ ପ୍ରାୟ ସାଢ଼େ ୫ଟାରେ ଉଦ୍ଧାର କାର୍ଯ୍ୟ ଶେଷ ହୋଇଥିଲା। ଏନ୍‌ଡିଆରଏଫ୍, ଅଗ୍ନିଶମ ବିଭାଗ ଓ ଅରେଞ୍ଜ ସିଟି ୱାଟରର ଜରୁରୀକାଳୀନ କର୍ମଚାରୀମାନେ ୯୦୦ କିଲୋଗ୍ରାମର କ୍ଲୋରିନ ସିଲିଣ୍ଡରକୁ ସୁରକ୍ଷିତ ଭାବେ ହଟାଇ ନିଷ୍କ୍ରିୟ କରିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣିର ୨୦ତମ ପାଳି

# ୧୯ ପାଳି ସୁଦ୍ଧା ୯୫ ପ୍ରତିଶତ ସମାଧାନ

ଭୁବନେଶ୍ୱର : ଆମ ଶାସନ ବ୍ୟବସ୍ଥାର ମୂଳନୀତି ହେଉଛି- ସହାନୁଭୂତି, ସମବେଦନା ଓ ସହୃଦୟତା। ଲୋକଙ୍କ ସମସ୍ୟା ଶୁଣି, ତା'ର ସମାଧାନ କରିବା ଆମ ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା ବୋଲି ଆଜି ୨୦ତମ ରାଜ୍ୟସ୍ତରୀୟ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଗଣମାଧ୍ୟମ ଆଗରେ ବିବୃତି ରଖି କହିଛନ୍ତି।ଆଜି ମୁଖ୍ୟମନ୍ତ୍ରୀ ସକାଳେ ଭୁବନେଶ୍ୱର ୟୁନିଟ-୨ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ପହଞ୍ଚି ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହିତ ମନ୍ତ୍ରୀ ମଣ୍ଡଳର ୧୦ଜଣ ବରିଷ୍ଠ ମନ୍ତ୍ରୀ ଏବଂ ବିଭିନ୍ନ ବିଭାଗର ସଚିବ ସ୍ତରୀୟ ଅଧିକାରୀମାନେ ମଧ୍ୟ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମ ସରକାର ହେଉଛି ଲୋକଙ୍କ ସରକାର। ଲୋକଙ୍କ ସମସ୍ୟାକୁ ସହୃଦୟତାର ସହ ଶୁଣି ତା'ର ସମାଧାନ କରିବାକୁ ଆମ ସରକାର ସର୍ବୋଚ୍ଚ ପ୍ରାଥମିକତା ଦେଉଛନ୍ତି। ଯେଉଁଠି ଲୋକଙ୍କ ସମସ୍ୟା ଅଛି, ଆମ ସରକାର ସେଠାରେ ନିଶ୍ଚୟ ପହଞ୍ଚିଥାନ୍ତି। ବନ୍ୟା, ବାତ୍ୟା, ମରୁଡି ଆଦି ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସବୁବେଳେ ଲୋକଙ୍କ ପାଖରେ ଆମେ ପହଞ୍ଚୁଛୁ ଓ ସେମାନଙ୍କୁ ସହାୟତା ପ୍ରଦାନ କରୁଛୁ। ୨୦୨୪ ମସିହାର ଅଦିନିଆ ବର୍ଷାକୁ ପ୍ରାକୃତିକ ବିପର୍ଯ୍ୟୟ ରୂପେ ଘୋଷଣା କରି ଆମେ ସହାୟତା ପ୍ରଦାନ କରିଥିଲୁ। ଚଳିତ ବନ୍ୟା ପାଇଁ ମଧ୍ୟ ସହାୟତା ପ୍ୟାକେଜ ପ୍ରଦାନ କରିଛୁ। ଆମ ସରକାର ଲୋକଙ୍କ ସୁଖ ଦୁଃଖରେ ଅଛି ଓ ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।ସୂଚନାଯୋଗ୍ୟ ଯେ, ପୂର୍ବରୁ ରାଜ୍ୟସ୍ତରରେ ଅନୁଷ୍ଠିତ ୧୯ଟି ପାଳିରେ ଅଭିଯୋଗ ପ୍ରକୋଷ୍ଠକୁ ଆସିଥିବା ୧୫,୩୨୭ ଅଭିଯୋଗ ମଧ୍ୟରୁ ୧୪,୫୧୯ ଅର୍ଥାତ ୯୫ ପ୍ରତିଶତ ଅଭିଯୋଗର ସଫଳ ସମାଧାନ କରାଯାଇସାରିଛି। ଏଥି ସହିତ ଜିଲ୍ଲାସ୍ତରରେ ଜିଲ୍ଲାପାଳ ଓ ଏସ୍.ପି ମାନେ ନିୟମିତ ଭାବେ ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣୁଥିବା ବେଳେ ତହସିଲ ଓ ବ୍ଲକ ସ୍ତରରେ ମଧ୍ୟ ଅଭିଯୋଗ ଶୁଣାଣି ନିୟମିତ ରୂପେ ଚାଲିଛି। ଜିଲ୍ଲାସ୍ତରରେ ଜୁଲାଇ ମାସ ଶେଷ ସୁଦ୍ଧା ୨,୬୯,୩୯୪ ଅଭିଯୋଗ ଶୁଣାଣି ହୋଇ ୮୭ ପ୍ରତିଶତ ଅଭିଯୋଗର ସମାଧାନ ହୋଇଛି। ଜିଲ୍ଲାସ୍ତରରେ ଅନେକ ସମସ୍ୟାର ସମାଧାନ ହୋଇଯାଉଥିବାରୁ ଲୋକଙ୍କୁ ଆଉ ଅଯଥା ହଇରାଣ ହେବାକୁ ପଡୁନାହିଁ। ପ୍ରଶାସନିକ ବ୍ୟବସ୍ଥାରେ ଏହି ପରିବର୍ତ୍ତନ ଫଳରେ ସରକାରଙ୍କ ଉପରେ ସାଧାରଣ ଲୋକଙ୍କ ଭରସା ଓ ଆସ୍ଥା ବହୁଗୁଣିତ ହୋଇଛି।ସବୁଥର ପରି ଆଜି ମୁଖ୍ୟମନ୍ତ୍ରୀ




ସକାଳେ ପ୍ରଥମେ ଆସି ବାହାରେ ଅପେକ୍ଷା କରିଥିବା ଭିନ୍ନକ୍ଷମ ଓ ଦୂରାରୋଗ୍ୟରେ ପୀଡ଼ିତ ଲୋକମାନଙ୍କୁ ଭେଟି ସେମାନଙ୍କ ସମସ୍ୟା ଶୁଣିଥିଲେ। ସେମାନଙ୍କ ଅଭିଯୋଗ ପତ୍ର ଗ୍ରହଣ କରି ତୁରନ୍ତ ପଦକ୍ଷେପ ନେବା ପାଇଁ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ପ୍ରକୋଷ୍ଠ ଭିତରେ ପଞ୍ଜିକୃତ କରିଥିବା ଅଭିଯୋଗକାରୀ ମାନଙ୍କ ଅଭିଯୋଗ ଶୁଣିଥିଲେ।ବିଭିନ୍ନ ଦୁରାରୋଗ୍ୟ ରୋଗରେ ପୀଡ଼ିତ ୧୬ ଜଣଙ୍କ ପାଇଁ ଆଜି ମୁଖ୍ୟମନ୍ତ୍ରୀ ସିଙ୍ଗିଲ୍ ୱିଣ୍ଡୋ ସିଷ୍ଟମ ଜରିଆରେ ୧୪.୫୦ ଲକ୍ଷ ଟଙ୍କା ଚିକିତ୍ସା ସହାୟତା ରାଶି ମଞ୍ଜୁର କରିଛନ୍ତି।ଆଜି ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନ ଜରିଆରେ ୬୦୦ରୁ ଉର୍ଦ୍ଧ୍ୱ ଅଭିଯୋଗ ପତ୍ର ଗ୍ରହଣ କରାଯାଇଛି। ଆଜି ମୁଖ୍ୟମନ୍ତ୍ରୀଙ୍କ ସହିତ ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂ ଦେଓ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଶ୍ରୀ ବିଭୂତି ଭୂଷଣ ଜେନା, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଶ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ସମବାୟ ମନ୍ତ୍ରୀ ଶ୍ରୀ ପ୍ରଦୀପ ବଳ ସାମନ୍ତ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ, ଜଙ୍ଗଲ, ପରିବେଶ ଓ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଶ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ।ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଶାଶ୍ୱତ ମିଶ୍ର, ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢୀ, ସାଧାରଣ ଅଭିଯୋଗ ଓ ସାଧାରଣ ପ୍ରଶାସନ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ସୁରେଶ କୁମାର ବଶିଷ୍ଠ ଏବଂ ଅନ୍ୟ ବିଭାଗ ଗୁଡ଼ିକର ସଚିବ ସ୍ତରୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ ।

## ରାଜ୍ୟପାଳଙ୍କୁ ଭେଟିଲେ ମାଉଣ୍ଟ ୟୁନାମ ଆରୋହଣକାରୀ ମହିଳା ଦଳ



ଭୁବନେଶ୍ୱର, : ହିମାଚଳ ପ୍ରଦେଶର ୬,୧୧୧ ମିଟର ଉଚ୍ଚ ମାଉଣ୍ଟ ୟୁନାମ ଶୃଙ୍ଗ ସଫଳତାର ସହ ଆରୋହଣ କରିଥିବା ଓଡ଼ିଶାର ମହିଳା ପର୍ବତାରୋହୀ ଦଳ ସୋମବାର ଦିନ ଲୋକ ଭବନରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟିଙ୍କୁ ସାକ୍ଷାତ କରିଛନ୍ତି।ଏହି ଅବସରରେ ଦଳର ସଫଳତା ପାଇଁ ସମସ୍ତ ସଦସ୍ୟଙ୍କୁ ରାଜ୍ୟପାଳ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହ ଅଭିଯାନ ସମୟରେ ସେମାନେ ସାମ୍ନା କରିଥିବା ଆହ୍ୱାନ ଓ ଅନୁଭୂତି ସମ୍ପର୍କରେ ଆଲୋଚନା କରିଥିଲେ।ଦଳର ୧୧ ଜଣ ସଦସ୍ୟଙ୍କ ମଧ୍ୟରୁ ୫ ଜଣ ମାଉଣ୍ଟ ୟୁନାମ ଶୃଙ୍ଗରେ ପହଞ୍ଚିବାରେ ସଫଳ ହୋଇଥିବା ବେଳେ ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁଁ ୬ ଜଣଙ୍କୁ ମଝିରୁ ଫେରିବାକୁ ପଡ଼ିଥିଲା।ଏହି ସଫଳତା ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ରାଜ୍ୟପାଳ କହିବା ସହ ଏହା ଅଧିକ ମହିଳାଙ୍କୁ ପର୍ବତାରୋହଣ ଓ ଅନ୍ୟାନ୍ୟ ଦୁଃସାହସିକ କ୍ରୀଡ଼ା ପ୍ରତି ଆକୃଷ୍ଟ କରିବ ବୋଲି ଆଶା ପ୍ରକାଶ କରିଥିଲେ। ଦଳର ସଦସ୍ୟମାନଙ୍କ ଦୃଢ଼ ସଙ୍କଳ୍ପ, ସାହସ ଓ ଉତ୍ସାହକୁ ରାଜ୍ୟପାଳ ପ୍ରଶଂସା କରିଥିଲେ ଏବଂ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।ଏହି ଅବସରରେ ଆସୋସିଏସନ ଫର ଆଡଭେଞ୍ଚର ଆଣ୍ଡ ସୋସିଆଲ ଆକ୍ଟିଭିଟିଜ୍ (ଇଇଯଇ)ର ଉପସଭାପତି ଶ୍ରୀ ହରେଶ କୁମାର ମିଶ୍ର ଏବଂ ସଂଘର ସମ୍ପାଦକ ତଥା ପର୍ବତାରୋହୀ ଗଣେଶ ଚନ୍ଦ୍ର ଜେନା ମଧ୍ୟ ଉପସ୍ଥିତ ଥିଲେ।

## ଓୟୁଏଟିର ୬୫ତମ ପ୍ରତିଷ୍ଠା ଦିବସ ଚାଷୀଙ୍କ ସ୍ୱପ୍ନ ପୂରଣ ସରକାରଙ୍କ ଲକ୍ଷ୍ୟ: ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୪/୮: ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ର ୬୫ତମ ପ୍ରତିଷ୍ଠା ଦିବସ ସୋମବାର ବିଶ୍ୱବିଦ୍ୟାଳୟ ପରିସରସ୍ଥିତ କୃଷି ଶିକ୍ଷା ସଦନଠାରେ ପାଳିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ତଥା ଓୟୁଏଟିର ଉପ-କୁଳାଧିପତି କନକ ବର୍ଦ୍ଧନ ସିଂହଦେଓ ଯୋଗଦେଇ କହିଥିଲେ ଯେ, ଚାଷୀଙ୍କ ସ୍ୱପ୍ନ ପୂରଣ କରିବା ପାଇଁ ସରକାର ସଂକଳ୍ପବଦ୍ଧ। ଚାଷୀଙ୍କ ଆବଶ୍ୟକତା ପୂରଣ ଲାଗି ବିଭିନ୍ନ ଯୋଜନା ହାତକୁ ନିଆଯାଇଛି। ଚାଷୀଙ୍କ ଆବଶ୍ୟକତା ଅନୁଯାୟୀ ସାର ମହଜୁଦ ରହିଥିବାରୁ ଏନେଇ ବ୍ୟତିବ୍ୟସ୍ତ ନ ହେବାକୁ ସେ ପରାମର୍ଶ ଦେଇଥିଲେ। କୃଷି ଓ କୃଷକ ସଶକ୍ତିକରଣ ବିଭାଗର କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଜାଧବ ବିଶ୍ୱବିଦ୍ୟାଳୟରେ ନବସୃଜନ ଓ ଆଧୁନିକ କୃଷି ପ୍ରଯୁକ୍ତିକୁ ଗୁରୁତ୍ୱ ଦେବାକୁ ଆହ୍ୱାନ ଦେଇଥିଲେ। ଓୟୁଏଟି କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ବିଶ୍ୱବିଦ୍ୟାଳୟର ୬୫ ବର୍ଷର ଯାତ୍ରାରେ କୃଷି ଶିକ୍ଷା, ଗବେଷଣା, ପ୍ରଯୁକ୍ତି ବିକାଶ ଓ ସମ୍ପ୍ରସାରଣ କ୍ଷେତ୍ରରେ ଏହାର ଅବଦାନ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଭିନ୍ନ ବିଷୟରେ ପ୍ରସ୍ତୁତ ୩୭ଟି ପ୍ରକାଶନ ଉନ୍ମୋଚନ କରାଯାଇଥିଲା। ଏମ୍‌ଆଇଏସ୍ ଓ ଡିଜିଟାଲ୍ ପଦକ୍ଷେପର ଶୁଭାରମ୍ଭ ସହ ବିଦ୍ୟାର୍ଥୀ ଭବନ, ଉଦ୍ୟମିତା ଭବନ, ଭୁବନେଶ୍ୱରୀ ଛାତ୍ରୀ ନିବାସ ଓ ପଶୁ ଚିକିତ୍ସା ପରିସରର ନୂତନ ଭିତ୍ତିଭୂମିକୁ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରାଯାଇଥିଲା। କୃଷି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୩୩ ଜଣ ମହିଳା କୃଷି ଉଦ୍ୟୋଗୀଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ବିଭିନ୍ନ ବର୍ଗରେ ଶ୍ରେଷ୍ଠତା ହାସଲ କରିଥିବା ବ୍ୟକ୍ତି ଓ ଅନୁଷ୍ଠାନଙ୍କୁ ପୁରସ୍କୃତ କରାଯାଇଥିଲା। କୃଷି ମହାବିଦ୍ୟାଳୟ,




ଭବାନୀପାଟଣାର ସମୀକ୍ଷା ପାଳଙ୍କୁ ଶ୍ରେଷ୍ଠ ସ୍ନାତକ ଏବଂ ପ୍ରତୀକ ରଥଙ୍କୁ ଶ୍ରେଷ୍ଠ ପୁରୁଷ ସ୍ନାତକ ସମ୍ମାନ ମିଳିଥିଲା। ଡଃ ସଞ୍ଜୟ କୁମାର ରାଉଳଙ୍କୁ ଶ୍ରେଷ୍ଠ ଶିକ୍ଷକ, ଡଃ ଦେବଦତ୍ତ ସେଠୀଙ୍କୁ ଶ୍ରେଷ୍ଠ ବୈଜ୍ଞାନିକ, ଡଃ ଦାବନଗେରେ ଲେଙ୍କାଙ୍କୁ ଶ୍ରେଷ୍ଠ ସମ୍ପ୍ରସାରଣ ବୈଜ୍ଞାନିକ ଏବଂ ଡଃ କବିତା ସେଠୀଙ୍କୁ ଶ୍ରେଷ୍ଠ ମହିଳା ବୈଜ୍ଞାନିକ ଭାବେ ସମ୍ମାନିତ କରାଯାଇଥିଲା। ସେହିପରି ଡଃ ଦେବ୍ରା ମେହେରଙ୍କୁ ଶ୍ରେଷ୍ଠ ବୈଷୟିକ କର୍ମଚାରୀ ଏବଂ ସରୋଜ କୁମାର ନାୟକଙ୍କୁ ଶ୍ରେଷ୍ଠ ମନ୍ତ୍ରଣାଳୟ କର୍ମଚାରୀ ସମ୍ମାନ ପ୍ରଦାନ କରାଯାଇଥିଲା। ଇଓଉଜଚ କ୍ଟଭ ଖସଭଶ୍ୱରରୟକୁ ଶ୍ରେଷ୍ଠ ଇଓଉଜଚ, କେଭିକେ ମୟୂରଭଞ୍ଜ-ଓଓକୁ ଶ୍ରେଷ୍ଠ କେଭିକେ ଏବଂ ଇଓଉଜଚ କ୍ଟଭ ଉବଶ୍ୱଷରଙ୍ଗକୁ ଶ୍ରେଷ୍ଠ ବିହନ ଓ ଛଚଗ ଉତ୍ପାଦନ ୟୁନିଟ୍ ଭାବେ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ କୃଷି ସମ୍ପ୍ରସାରଣ ଓ ଶିକ୍ଷା ନିର୍ଦ୍ଦେଶାଳୟର ଅଧ୍ୟକ୍ଷ ପ୍ରଫେସର ସୁଶାନ୍ତ କୁମାର ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିବାବେଳେ ବିଶ୍ୱବିଦ୍ୟାଳୟର କୁଳସଚିବ ପ୍ରତିଭା ଦୋରା ଧନ୍ୟବାଦ ଅର୍ପଣ କରିଥିଲେ।

## ଏନ୍‌ଏଚ୍-୫୫ର ଦୁର୍ଦ୍ଦଶା ନେଇ ଗଡ଼କରୀଙ୍କୁ ଧର୍ମେନ୍ଦ୍ରଙ୍କ ଚିଠି

ଭୁବନେଶ୍ୱର/ ରେଢ଼ାଖୋଲ, ୨୪/୮: ସମ୍ବଲପୁର-ଅନୁଗୋଳ-କଟକକୁ ସଂଯୋଗ କରୁଥିବା ଏନ୍‌ଏଚ୍-୫୫ର ଦୁର୍ଦ୍ଦଶା ନେଇ ଚିନ୍ତା ପ୍ରକାଶ କରିଛନ୍ତି ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ। ରାଜପଥର ବିଭିନ୍ନ ସ୍ଥାନରେ ବଡ଼ବଡ଼ ଖାଲ ସୃଷ୍ଟି ହୋଇଥିବାରୁ ତୁରନ୍ତ ମରାମତି ଓ ରକ୍ଷଣାବେକ୍ଷଣ ପାଇଁ ସେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ଚିଠି ଲେଖିଛନ୍ତି। ଚିଠିରେ ଧର୍ମେନ୍ଦ୍ର ଦର୍ଶାଇଛନ୍ତି ଯେ, ଏନ୍‌ଏଚ୍-୫୫ ଓଡ଼ିଶାର ଏକ ପ୍ରମୁଖ ପରିବହନ ଓ ଲଜିଷ୍ଟିକ୍ସ କରିଡର। ଲଗାଣ ବର୍ଷା ସହ ଅତ୍ୟଧିକ ଯାନବାହନ ଚଳାଚଳ ଯୋଗୁଁ ରାଜପଥର ଅନେକ ସ୍ଥାନରେ ବଡ଼ବଡ଼ ଖାଲ ହୋଇଛି। ବର୍ଷାଜଳ ଜମି ରହିବାରୁ ଖାଲଗୁଡ଼ିକ ଚିହ୍ନଟ କରିବା ମଧ୍ୟ କଷ୍ଟକର ହେଉଛି। ଫଳରେ ଯାତ୍ରୀବାହୀ ଓ ପଣ୍ୟବାହୀ ଯାନ ଚଳାଚଳ ବାଧାପ୍ରାପ୍ତ ହେବା ସହ ଦୁର୍ଘଟଣା ଆଶଙ୍କା ବଢ଼ିଛି। ବର୍ତ୍ତମାନ ବର୍ଷା ଓ ଜଳବନ୍ଦୀ ଯୋଗୁଁ ରାଜପଥର ସ୍ଥିତି ଆହୁରି ଖରାପ ହୋଇଥିବା ସେ ଉଲ୍ଲେଖ କରିଛନ୍ତି।

## ସ୍ୱତନ୍ତ୍ର ସଘନ ସଂଶୋଧନ ଉପରେ ଉତ୍କଳ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଇଣ୍ଟର୍ନସିପ୍

ଭୁବନେଶ୍ୱର, ୨୪ ଅଗଷ୍ଟ: ନିର୍ବାଚନୀ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ସମ୍ପର୍କିତ ଇଣ୍ଟର୍ନସିପ୍ ଉତ୍କଳ ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ର ଛାତ୍ରଛାତ୍ରୀମାନେ ହାସଲ କରିଥିବା ଅଭିଜ୍ଞତା ଓ କ୍ଷେତ୍ରସ୍ତରୀୟ କାର୍ଯ୍ୟର ଅନୁଭୂତି ଉପସ୍ଥାପନ କରିଛନ୍ତି। ଆଜି ଅପରାହ୍ନ ୩ଟା ୩୦ ମିନିଟ୍‌ରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଏହି ଉପସ୍ଥାପନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ଏହି ବୈଠକ-ସହ-ଆଲୋଚନା ଚକ୍ରରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର ଏସ ଗୋପାଳନ ଅଧ୍ୟକ୍ଷତା କରିଥିଲେ। ଛାତ୍ରଛାତ୍ରୀମାନେ ଏସଆଇଆର କାର୍ଯ୍ୟସୂଚୀ ସମୟରେ କ୍ଷେତ୍ରସ୍ତରରେ ସମ୍ମୁଖୀନ ହୋଇଥିବା ବାସ୍ତବ ସମସ୍ୟା, ସେମାନଙ୍କର ନିରୀକ୍ଷଣ ଏବଂ ଶିକ୍ଷଣୀୟ ଅନୁଭୂତି ସମ୍ପର୍କରେ




ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସମ୍ମୁଖରେ ତଥ୍ୟ ଆଧାରିତ ବିବରଣୀ ରଖିଥିଲେ।ଇଣ୍ଟର୍ନସିପ୍ ସମୟରେ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାକୁ ନେଇ କ୍ଷେତ୍ରସ୍ତରରେ ସେମାନଙ୍କର ଅନୁଭୂତି, କାର୍ଯ୍ୟପଦ୍ଧତି ଏବଂ ହାସଲ କରିଥିବା ଶିକ୍ଷଣୀୟ ଅନୁଭବକୁ ଛାତ୍ରଛାତ୍ରୀମାନେ ବିସ୍ତୃତ ଭାବେ ଉପସ୍ଥାପନ କରିଥିଲେ।ଏହି ଉପସ୍ଥାପନା ପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା, ଯାହା ଛାତ୍ରଛାତ୍ରୀମାନଙ୍କୁ ତୃଣମୂଳ ସ୍ତରରେ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଏବଂ ଏହାର କାର୍ଯ୍ୟକାରିତା ସମ୍ପର୍କରେ ନିଜ ନିଜର ଦୃଷ୍ଟିକୋଣ ଉପସ୍ଥାପନ କରିବାର ସୁଯୋଗ ଦେଇଥିଲା।ଭୋଟର ତାଲିକା ର ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାର ବିଭିନ୍ନ ପର୍ଯ୍ୟାୟ, କ୍ଷେତ୍ରସ୍ତରର କାର୍ଯ୍ୟକଳାପ ଏବଂ ଏହି ପ୍ରକ୍ରିୟାରେ ସେମାନେ ପାଇଥିବା ଜ୍ଞାନ ସମ୍ପର୍କରେ ମଧ୍ୟ ଛାତ୍ରଛାତ୍ରୀମାନେ ସେମାନଙ୍କ ମତ ଉପସ୍ଥାପନ କରିଥିଲେ।ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର ଏସ ଗୋପଳନ ଛାତ୍ରଛାତ୍ରୀମାନଙ୍କର ଏହି ନିଷ୍ଠାପର ଉଦ୍ୟମ ଓ ସକ୍ରିୟ ସହଭାଗିତାକୁ ଉଚ୍ଚ ପ୍ରଶଂସା କରିଥିଲେ। ଭୋଟର ତାଲିକାକୁ ଅଧିକ ସ୍ୱଚ୍ଛ, ତ୍ରୁଟିମୁକ୍ତ ଓ ସୁଗମ କରିବାରେ ଯୁବବର୍ଗଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ପ୍ରକାଶ କରିବା ସହ ଛାତ୍ରଛାତ୍ରୀଙ୍କ ପ୍ରସ୍ତାବଗୁଡ଼ିକୁ ସ୍ୱୀକୃତି ଦେଇଥିଲେ।ଏହି ବୈଠକରେ ଉତ୍କଳ ବିଶ୍ୱବିଦ୍ୟାଳୟର ଇଣ୍ଟର୍ନ ଛାତ୍ରଛାତ୍ରୀଙ୍କ ସମେତ ଅତିରିକ୍ତ ସି ଇ ଓ ସୁଶାନ୍ତ କୁମାର ମିଶ୍ର,ବିତ୍ତ ପରାମର୍ଶଦାତ୍ତା ସଞ୍ଜୟ କୁମାର ଲୁଗୁନ ଡ଼େପୁଟି ସି ଇ ଓ ଡ଼.ଲକ୍ଷ୍ମୀପ୍ରସାଦ ସାହୁ, ଡ଼େପୁଟି ସିଇଓ ଅନାମିକା ସିଂ, ଡ଼େପୁଟି ସେକ୍ରେଟାରୀ ଦିନମଣି ନାଏକ, ପ୍ରଶାସନିକ ଅଧିକାରୀ ଶାଶ୍ୱତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ରାଜ୍ୟରେ ହେବ ଉପଗ୍ରହ ଉତ୍କ୍ଷେପଣ କେନ୍ଦ୍ର: କୃଷ୍ଣଚନ୍ଦ୍ର ପାତ୍ର

ଭୁବନେଶ୍ୱର, ୨୪/୮: ଓଡ଼ିଶାରେ ଉପଗ୍ରହ ଉତ୍କ୍ଷେପଣ କେନ୍ଦ୍ର ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାରଙ୍କ ସହ ପ୍ରାରମ୍ଭିକ ଆଲୋଚନା ହୋଇଛି। ନିକଟରେ ଦିଲ୍ଲୀ ଗସ୍ତ ସମୟରେ କେନ୍ଦ୍ର ମନ୍ତ୍ରୀଙ୍କ ସହ ଏନେଇ ଆଲୋଚନା ହୋଇଥିବା ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି।ଓଡ଼ିଶା ମହାକାଶ ଉପଯୋଗ କେନ୍ଦ୍ର (ଓସାକ୍) ପରିସରରେ ଆୟୋଜିତ ଜାତୀୟ ମହାକାଶ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ କହିଥିଲେ ଯେ, ରାଜ୍ୟ ସରକାର ବୈଜ୍ଞାନିକ ଗବେଷଣା ଓ ବିଜ୍ଞାନଭିତ୍ତିକ ପ୍ରକଳ୍ପକୁ ଗୁରୁତ୍ୱ ଦେଉଛନ୍ତି। ଓସାକ୍ ମାଧ୍ୟମରେ ଚାଷଜମି, ଭୂତଳ ଜଳ ଓ ଖଣିଜ ସମ୍ପଦ ସମ୍ପର୍କରେ ବିଭିନ୍ନ ତଥ୍ୟ ହାସଲ କରାଯାଉଛି। ଏହାଦ୍ୱାରା ଆବଶ୍ୟକ ସ୍ଥଳେ ସରକାରଙ୍କ ରାଜସ୍ୱ ସଞ୍ଚୟ ମଧ୍ୟ ସମ୍ଭବ ହେଉଛି। ରାଜ୍ୟର ଷ୍ଟାର୍ଟଅପ୍‌ଗୁଡ଼ିକ ଦ୍ୱାରା ନିର୍ମିତ ଡ୍ରୋନ୍ ଭଳି ଉପକରଣ ଦେଶର ପ୍ରତିରକ୍ଷା ବ୍ୟବସ୍ଥାରେ ବ୍ୟବହାର ହେଉଥିବାରୁ ଏହା ଗର୍ବର ବିଷୟ ବୋଲି ମନ୍ତ୍ରୀ କହିଥିଲେ। ରାଜ୍ୟରେ ବିଜ୍ଞାନ ଭବନ ଓ ଓସାକ୍‌ର ନୂତନ କୋଠା ନିର୍ମାଣ ସହ ଜିଆଇଏସ୍ ଲ୍ୟାବ୍ ପ୍ରତିଷ୍ଠା କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ। ଭବିଷ୍ୟତରେ ରାଜ୍ୟର ବୈଜ୍ଞାନିକମାନେ ମହାକାଶ ଓ ପ୍ରଯୁକ୍ତି କ୍ଷେତ୍ରରେ ଗବେଷଣା କରି ଓଡ଼ିଶା ତଥା ଦେଶ ପାଇଁ ଗୌରବ ଆଣିବେ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଚିତ୍ରା ଅରୁମୁଗମ୍ କହିଥିଲେ ଯେ, ବିଜ୍ଞାନ କ୍ଷେତ୍ରରେ ଓଡ଼ିଶା ଅନେକ ଅଗ୍ରଗତି କରିଛି। କେନ୍ଦୁଝର, ମୟୂରଭଞ୍ଜ, ରାୟଗଡ଼ା, ଗଞ୍ଜାମ, ବଲାଙ୍ଗିର ଓ ରାଉରକେଲାରେ ବିଜ୍ଞାନ କେନ୍ଦ୍ର ଓ ପ୍ଲାନେଟୋରିୟମ୍ ପ୍ରତିଷ୍ଠା କରାଯାଇଛି। ଛାତ୍ରଛାତ୍ରୀ ଏସବୁ କେନ୍ଦ୍ର ପରିଦର୍ଶନ କରି ମହାକାଶ, ଗ୍ରହ ଓ ନକ୍ଷତ୍ର ସମ୍ପର୍କରେ ଜ୍ଞାନ ଆହରଣ କରିବା ସହ ପ୍ରତ୍ୟେକ ବିଷୟ ପ୍ରତି ଜିଜ୍ଞାସୁ ହେବା ଆବଶ୍ୟକ ବୋଲି ସେ କହିଥିଲେ।

## ନବରଙ୍ଗପୁର ଜିଲ୍ଲାର କୃଷି ଭିତିକ ପର୍ବ ଉଆଁସ ପରବ ବା ପବିତ୍ର ଚିତା ଲାଗି ଅମାବାସ୍ୟା



ନବରଙ୍ଗପୁର : ନବରଙ୍ଗପୁର ଜିଲ୍ଲାର କୃଷି ଭିତିକ ପର୍ବ ଉଆଁସ ପରବ ବା ପବିତ୍ର ଚିତା ଲାଗି ଅମାବାସ୍ୟା ।ନବରଙ୍ଗପୁର ଜିଲ୍ଲାରେ ଏହା ଏକ କୃଷି ଭିତିକ ପର୍ବ ଭାବରେ କେଉଁ ଆଦିମ କାଳରୁ ଚାଲିଆସୁଛି । ଈଏହି ଦିନ ଆମ ଆଦିବାସୀ ଭାଇ ମାନେ ନିଜନିଜ ଜମିରେ ଆଦିବାସୀ ପରମ୍ପରା ଅନୁସାରେ ଦେଓବାଡ଼ନି,ବାତ୍ରୀ ବୁଟା, କେନ୍ଦୁ ଡାଲ ଖାଲଖଳି ପତିଥାନ୍ତିଈ ଏବଂ କ୍ଷୀରି ,ଚିତଉ ଭାଗ ଲଗାଇ ନଡ଼ିଆ ଭାଙ୍ଗି ଧୂପଦୀପ ଦେଇ ପୂଜାକରି ଥାନ୍ତି ।ଆଦିବାସୀ ଭାଇମାନଙ୍କ ବିଶ୍ୱାସ ଅଛି ଏଭଳି କରିବା ଦ୍ୱାରା ଚାଷ ଜମିରେ ରୋଗ ପୋକ ହୋଇନଥାଏ ।ମାଟି ମାଁ ଙ୍କୁ ଏବର୍ଷ ଚାଷ ଭଲ ହେଉ ବଲି ପାର୍ଥନା କରିଥାନ୍ତି । ଏବଂ ଜଙ୍ଗଲରୁ ସଂଗ୍ରହ କରି ଆଣିଥିବା ଡାଳ ପତ୍ରକୁ ସମସ୍ତଙ୍କ ଘର ଦୁଆରବନ୍ଧ ଓ ନିଜ ନିଜ ଗାଈ ଗୁହାଳରେ ଲଗାଇବା ସହିତ ପୂଜାବିଧି କରିବାର ଦେଖିବାକୁ ମିଳିଥିଲା । ଏହା ଦ୍ୱାରା ଘରକୁ ରୋଗ ଜୀବାଣୁ ପ୍ରବେଶ କରିବ ନାହିଁ ବୋଲି ବିଶ୍ୱାସ ରହିଛି ଓ ସମସ୍ତଙ୍କ ଘରେ ପିଠାପଣା ସହିତ ଆମିଷ ରୋଷେଇ କରାଯାଇଥାଏ କ୍ଷଖୁବ ଆନନ୍ଦରେ ଏହି ପର୍ବ ପାଳନ କରିଥାନ୍ତିଏହି ପର୍ବ ଆମର ଆଦିବାସୀ ଭାଇ ମାନେ। ଠିକ ଏହିପରି ଓଡ଼ିଶାର ପରମ୍ପରା ଅନୁସାରେ ଏହି ଦିନ ଶ୍ରୀମନ୍ଦିରରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କର ଚିତାଲାଗି ହୋଇଥାଏ। ପୂଜା ଓ ଧୂପ ଶେଷ ହେବା ତିନି ଠାକୁରଙ୍କ ଲଲାଟରେ ଚିତାଲାଗି କରାଯାଏ। ।ଶ୍ରାବଣ ମାସର ଅମାବାସ୍ୟା ତିଥିରେ ଚିତଲାଗି ଅମାବାସ୍ୟା ପାଳନ କରାଯାଏ ।ଏହି ଦିନ ଗେଣ୍ଡା ଆଦି ଜଳଚର ପ୍ରାଣୀଙ୍କ ଉଦ୍ଦେଶ୍ୟରେ ଚିତଉ ଓ ଗଇଁଠା ଆଦି ପିଠା ଅର୍ପଣ କରାଯାଇଥାଏ । ସେଥିପାଇଁ ଏହା 'ଗେଣ୍ଡେଇକଟା ଓଷା' ନାମରେ ମଧ୍ୟ ପ୍ରସିଦ୍ଧ। ବାଲେଶ୍ୱର, ମୟୂରଭଞ୍ଜ ଓ କେଉଁଝର ଆଦି ଅଞ୍ଚଳରେ ଏହି ପର୍ବକୁ 'ଗେଣ୍ଡାକଟା ଅମାବାସ୍ୟା' କୁହାଯାଏ ।ଯାହାବି ହେଉ ଆମ ଓଡ଼ିଶା ରୋ ପରମ୍ପରା ସବୁଠୁ ନିଆରା ।

## ଜ଼ିଲ୍ଲା ସ୍ତରୀୟ ନିରନ୍ତର ଏଡ଼ସ ସମ୍ପର୍କୀୟ ଶିକ୍ଷା ଅଭିଯାନ

ବେଲଗୁଣ୍ଠା : ବେଲଗୁଣ୍ଠା ବ୍ଲକ ଅନ୍ତର୍ଗତ ଗୋବରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ଗୋବରା ଗ୍ରାମରେ ଜ଼ିଲ୍ଲା ସ୍ତରୀୟ ଏଡ଼ସ ସମ୍ପର୍କୀୟ ନିରନ୍ତର ଶିକ୍ଷା ଅଭିଯାନ ସହ ଅନ୍ତର୍ଜାତୀକ ଯୁବ ଦିବସ ପାଳିତ ହୋଇଯାଇଛି ।ଏଥିରେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ଼ା ଶ୍ରୁତି ରେଣୁ ଗୌଡ଼ ଅଧ୍ୟକ୍ଷତା କରି ଅଭିଯାନର ଅଭିମୁଖ୍ୟ ସମ୍ପର୍କରେ ଅବଗତ କରାଇଥିଲେ ।ମୁଖ୍ୟ ଅତିଥି ରୂପେ ଅବସର ପ୍ରାପ୍ତ ଅଧ୍ୟକ୍ଷ ତଥା ପୂର୍ବତନ ଜ଼ିଲ୍ଲା ଯୁବ ରେଡ କ୍ରସ ସଂଯୋଜକ ବି ଗୋବିନ୍ଦ ରାଓ ସମ୍ପ୍ରାତିକ ପରିସ୍ଥିତିରେ କଲେଜ ପାଠ ପଢ଼ା ପିଲା ବହୁଳ ଆକ୍ରାନ୍ତ ହେବା ସତର୍କ କରିଥିଲେ ।ମୁଖ୍ୟ ବକ୍ତା ରୂପେ ଜ଼ିଲ୍ଲା ଏଡ଼ସ କାର୍ଯ୍ୟକ୍ରମ ସଂଚାଳକ ରାଜେନ୍ଦ୍ର ମହାରଣା ଅଗଷ୍ଟ ମାସରୁ ଅକ୍ଟୋବର ପର୍ଯ୍ୟନ୍ତ ଏହି ଅଭିଯାନର ରୂପରେଖ ସମ୍ପର୍କରେ କହିଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ସ୍ଥାନୀୟ ସରପଞ୍ଚ ସୁପ୍ରଭା ନାୟକ, ସମିତି ସଭ୍ୟ ବିଭୁ ପାଦ ଜେନା ସମନ୍ୱିତ ଶିଶୁ ବିକାଶ ସଂସ୍ଥାର ପର୍ଯ୍ୟବେକ୍ଷିକା ପ୍ରଭାସିନୀ ସାହୁ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ ।କାର୍ଯ୍ୟକ୍ରମକୁ ସମ୍ୱନ୍ୱିତ ପରୀକ୍ଷା କେନ୍ଦ୍ରର ଉପଦେଷ୍ଟା ଅର୍ଚ୍ଚନା କୁମାରୀ ପ୍ରଧାନ ପରିଚାଳନା କରିଥିବା ବେଳେ ଟିବି ପର୍ଯ୍ୟବେକ୍ଷକ ଦୁର୍ଗା ପ୍ରସାଦ ପାତ୍ର ସଂଯୋଜନା କରିଥିଲେ, ଡ଼ା ବସନ୍ତ ସ୍ୱାଇଁ ଧନ୍ୟବାଦ ଦେଇଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ଆରତୀ କୁମାରୀ ସୁବୁଦ୍ଧି, ସୁଜ୍ଞାନୀ ପାଣିଗ୍ରାହୀ ସହଯୋଗ କରିଥିଲେ ।ଏହି ଅବସରରେ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା ।ଏଥିରେ ଆଶା କର୍ମି ଅଙ୍ଗନବାଡି କର୍ମି ପ୍ରମୁଖ ଯୋଗ ଦେଇଥିଲେ।

# ବିଭିନ୍ନ ବିଦ୍ୟାଳୟରେ ଚାରାରୋପଣ

ଉମରକୋଟ : ପରିବେଶ ସୁରକ୍ଷା, ସବୁଜିମା ବୃଦ୍ଧି ଓ ଛାତ୍ରଛାତ୍ରୀଙ୍କ ମନରେ ପ୍ରକୃତି ପ୍ରତି ଭଲପାଇବା ଏବଂ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଉମରକୋଟ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟରେ ଚାରାରୋପଣ ଅଭିଯାନ ଅନୁଷ୍ଠିତ ହୋଇଛି। ବିଭିନ୍ନ ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ସହଯୋଗରେ ଏହି ଅଭିଯାନ ଆୟୋଜିତ ହୋଇଥିଲା। ଏହି ଅଭିଯାନରେ ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ଦେବେନ୍ଦ୍ର ବାଘଙ୍କ ସମେତ ସାଗର କୁମାର ପରିଡ଼ା, ରଞ୍ଜନ କୁମାର ବେହେରା, ପ୍ରଫୁଲ୍ଲ କୁମାର ରାଉତ, ବଲ୍ଲଭ କୁମାର ରାଉତ, ମହାନନ୍ଦ ମହାଲିକ, ରାମଚନ୍ଦ୍ର ରାମ, ରାଜକିଶୋର ନାୟକ, ପ୍ରକାଶ ଚନ୍ଦ୍ର ବେହେରା, ଶେଖ୍ ନାସିରୁଦ୍ଦିନ୍, କେଦାରେଶ୍ୱର ପଟ୍ଟନାୟକ, ବଂଶୀଧର ଭୂୟାଁ ପ୍ରମୁଖ ଶିକ୍ଷକ ସହଯୋଗ କରିଥିଲେ। ସେମାନଙ୍କ ସହଯୋଗରେ ବିଭିନ୍ନ ବିଦ୍ୟାଳୟ ପରିସର, ଖେଳ ପଡ଼ିଆ ଓ ଖାଲି ସ୍ଥାନରେ ଫଳ, ଔଷଧୀୟ ଓ ଛାୟା ପ୍ରଦାନକାରୀ ବିଭିନ୍ନ ପ୍ରକାରର ଚାରା ରୋପଣ କରାଯାଇଥିଲା। ଚାରାରୋପଣ ସମୟରେ ଶିକ୍ଷକମାନଙ୍କ ସହ ଛାତ୍ରଛାତ୍ରୀମାନେ ମଧ୍ୟ ଉତ୍ସାହର ସହ ଯୋଗଦେଇଥିଲେ। ବିଶେଷକରି ଏସ୍ଏସ୍‌ଡି ଉଚ୍ଚ ବିଦ୍ୟାଳୟ, ଭୀମଗୁଡ଼ାରେ ପ୍ରଧାନଶିକ୍ଷକ ରଞ୍ଜନ କୁମାର ବେହେରାଙ୍କ ସଭାପତିତ୍ୱରେ ଚାରାରୋପଣ କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ସମାଜ ପ୍ରତିନିଧି ନିଗମ କୁମାର ସାହୁ ଯୋଗଦେଇ ଚାରାରୋପଣ କରିବା ସହ ଏହାର ସୁରକ୍ଷା ଓ ନିୟମିତ ଯତ୍ନ ନେବାକୁ ଛାତ୍ରଛାତ୍ରୀ ଙ୍କୁ ପରାମର୍ଶ ଦେଇଥିଲେ । ଉମରକୋଟ ସମେତ ବିଭିନ୍ନ ବ୍ଲକର ବିଦ୍ୟାଳୟଗୁଡ଼ିକରେ ଏଭଳି ଚାରାରୋପଣ ଅଭିଯାନ ଜାରି ରହିଛି। ଏହା ମାଧ୍ୟମରେ ବିଦ୍ୟାଳୟ ପରିସରକୁ ସବୁଜିମାମୟ କରିବା ସହ ଛାତ୍ରଛାତ୍ରୀଙ୍କ ମନରେ ପରିବେଶ ସୁରକ୍ଷାର ମହତ୍ତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଉଛି।ଶିକ୍ଷକମାନେ କହିଥିଲେ ଯେ, ଗଛ ମଣିଷ ଜୀବନର ଅମୂଲ୍ୟ ସମ୍ପଦ। ଗଛ ଅମ୍ଳଜାନ ଯୋଗାଇବା ସହ ପରିବେଶର ସନ୍ତୁଳନ ରକ୍ଷା କରିଥାଏ। ତେଣୁ କେବଳ ଚାରା ଲଗାଇଦେଲେ ହେବ ନାହିଁ, ଏହାକୁ ବଡ଼ କରିବା ପର୍ଯ୍ୟନ୍ତ ନିୟମିତ ଯତ୍ନ ନେବା ଆମ ସମସ୍ତଙ୍କ ଦାୟିତ୍ୱ ରହିଛି । ପରିବେଶ ସୁରକ୍ଷା ଓ ସବୁଜିମା ସୃଷ୍ଟି ପାଇଁ ଚେତନା ଆରମ୍ଭ ହେବା ଆବଶ୍ୟକ। ଆଜି ଲଗାଯାଇଥିବା ଗୋଟିଏ ଚାରା ଆଗାମୀ ପିଢ଼ି ପାଇଁ ଏକ ବଡ଼ ସମ୍ପଦ ହୋଇପାରିବ। ତେଣୁ ଅଧିକରୁ ଅଧିକ ଚାରା ଲଗାଇବା ସହ ତାହାର ସୁରକ୍ଷା କରିବା ଆମର ଲକ୍ଷ୍ୟ ହେବା ଉଚିତ।" ଏହି ଅଭିଯାନରେ ସହଯୋଗ କରିଥିବା ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କୁ ସାଧୁବାଦ ଜଣାଇବା ସହ ଆଗାମୀ ଦିନରେ ମଧ୍ୟ ଅଧିକ ସଂଖ୍ୟକ ଚାରାରୋପଣ କରି ସେଗୁଡ଼ିକର ସୁରକ୍ଷା ପାଇଁ ଆହ୍ୱାନ ଦିଆଯାଇଥିଲା।



## ଜାମୁରୁଣ୍ଡା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ




ଉମରକୋଟ : ସ୍ଥାନୀୟ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଜକ୍ଷମରୁଣ୍ଡା ଠାରେ ଏକାଦଶ ଶ୍ରେଣୀର ' ପ୍ରବେଶ ଉତ୍ସବ ' ଦ୍ୱାଦଶ ଶ୍ରେଣୀର ଛାତ୍ର ଛାତ୍ରୀଙ୍କ ଦ୍ୱାରା ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଶ୍ରୀଯୁକ୍ତ ଘନଶ୍ୟାମ ମାଝିଙ୍କ ସଭାପତିତ୍ୱରେ ଓ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ବରିଷ୍ଠ ଶିକ୍ଷକ ଡ଼କ୍ଟର ପ୍ରଦୀପ କୁମାର ମିଶ୍ରଙ୍କ ସଂଯୋଜନାରେ ଏହି ଉତ୍ସବ ଆରଂଭ ହୋଇଥିଲା। ରଙ୍ଗୋଲି ମାଧ୍ୟମରେ ବିଦ୍ୟାଳୟଙ୍କୁ ଦ୍ୱିତୀୟ ବର୍ଷର ଛାତ୍ର ଛାତ୍ରୀ ମାନେ ସଜାଇ ଥିଲେ। ଅଧିବେଶନ ଆରମ୍ଭରେ ଶ୍ରୀ ଜଗନ୍ନାଥଙ୍କ ଫୋଟୋ ଚିତ୍ରରେ ଧୂପ ଦୀପ ଅର୍ପଣ କରିବା ପରେ, ଛାତ୍ର ଛାତ୍ରୀ ମାନେ ସ୍ୱାଗତ ସଂଗୀତ ଗାନ କରିଥିଲେ। ପରେ ଅଧ୍ୟକ୍ଷ ସମସ୍ତ ନବକ୍ଷଗତ ଛାତ୍ର ଛାତ୍ରୀଙ୍କୁ ଅନୁଷ୍ଠାନିକ ଭାବେ ସ୍ୱାଗତ କରିବା ପରେ, ଏହାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ସୂଚନା ଦେଇଥିଲେ ଡ଼. ମିଶ୍ର। ଛାତ୍ର ଛାତ୍ରୀଙ୍କୁ ଜୀବନ ଗଢିବାର ସୂତ୍ର କହିଥିଲେ ଏକାଦଶ ଶ୍ରେଣୀ ଶିକ୍ଷକ ଶ୍ରୀ ହରଦୀପ ଭୁଏ,ପରେ ଶିକ୍ଷକ ଶ୍ରୀ ଦିଲ୍ଲିପ ମହାନନ୍ଦା, ଶ୍ରୀମତୀ ତନୁଜା ବିଶ୍ୱାସ, ସୁଶ୍ରୀ ଶୈଳବାଳକ୍ଷ ସାହୁ, ସୁଶ୍ରୀ ସଂଯୁକ୍ତା କାମୋ ଡ଼ି, ଶ୍ରୀ ଅଭିନ୍ନ ଦାସ,ଶ୍ରୀ ଜିତେନ୍ଦ୍ର ସେଠି,ଶ୍ରୀ ଆଲୋକ ଷଣ୍ଢ,ଶ୍ରୀ ଦ୍ରୁପଦ ବଡ଼େଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଛାତ୍ର ଛାତ୍ରୀଙ୍କ ପରିଚୟ ଓ ପ୍ରତିଭା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଶ୍ରୀମତୀ ଆନନ୍ଦିତା ରାୟ। ସହଯୋଗ କରିଥିଲେ ଶ୍ରୀମତୀ ସୁସ୍ମିତା ବିଶ୍ୱାସ, ଶ୍ରୀ ବାଲୁଙ୍କେଶ୍ୱର ପ୍ରଧାନ,ଶ୍ରୀମତୀ ସୋନାଲି ଶ୍ୱେତପଦ୍ମକ୍ଷ ବାରିକ, ଶ୍ରୀ ପ୍ରିୟବ୍ରତ ପ୍ରଧାନ, ଶ୍ରୀ ରମାକାନ୍ତ ମହାରଣା,ଶ୍ରୀମତୀ ପ୍ରୀତିରକ୍ଷଣୀ ଦାସ, ଶ୍ରୀ ଘନଶ୍ୟାମ ସାହୁ କ୍ଷ ଶେଷରେ କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ଶ୍ରୀ ସିଦ୍ଧେଶ୍ୱର ନାୟକ।

## ପ୍ରବଳ ବର୍ଷା ସତ୍ତ୍ୱେ ମାଟିଆଳିରେ ସଫଳତାର ସହ ଅନୁଷ୍ଠିତ ହେଲା ସ୍ୱତନ୍ତ୍ର କ୍ୟାମ୍ପ କୋର୍ଟ

ମୟୂରଭଞ୍ଜ ଲୋକଙ୍କୁ ଘରୁ ଡାକି ଆଣି ସେବା ଯୋଗାଇଲା ଜାମଦା ତହସିଲ ପ୍ରଶାସନ। ବାହାରେ ଲଗାଣ ବର୍ଷା, ତଥାପି ଅଟକି ନାହିଁ ପ୍ରଶାସନିକ ସେବା। ପ୍ରବଳରୁ ପ୍ରବଳ ବର୍ଷା ସତ୍ତ୍ୱେ ଜାମଦା ତହସିଲ ଅନ୍ତର୍ଗତ ମାଟିଆଳି ଗ୍ରାମରେ ଜମି ରେକର୍ଡର ସଂଶୋଧନ ପାଇଁ ଆୟୋଜିତ ସ୍ୱତନ୍ତ୍ର କ୍ୟାମ୍ପ କୋର୍ଟ ଜୋରସୋରରେ ଆଗେଇ ଚାଲିଛି। ଲୋକଙ୍କୁ ସେମାନଙ୍କ ହକ୍ ପ୍ରଦାନ କରିବା ଦିଗରେ ତହସିଲ ପ୍ରଶାସନର ଏହି ନିଷ୍ଠାପର ପ୍ରୟାସ ସାଧାରଣରେ ବେଶ୍ ପ୍ରଶଂସା ସାଉଁଟିଛି ।ଖରାପ ପାଗ ଯୋଗୁଁ ଯେପରି କୌଣସି ହିତାଧିକାରୀ ନିଜ ଅଧିକାରରୁ ବଞ୍ଚିତ ନହୁଅନ୍ତି, ସେଥିପାଇଁ ଜାମଦା ତହସିଲ ପ୍ରଶାସନ ପକ୍ଷରୁ ଏକ ଅଭିନବ ପଦକ୍ଷେପ ଗ୍ରହଣ କରାଯାଇଛି। ପ୍ରଶାସନିକ କର୍ମଚାରୀମାନେ ନିଜେ ଲୋକଙ୍କ ଘରକୁ ଯାଇ ସେମାନଙ୍କୁ ଡାକି ଆଣି କ୍ୟାମ୍ପ କୋର୍ଟରେ ଉପସ୍ଥିତ କରାଉଛନ୍ତି ଏବଂ ସମ୍ପୂର୍ଣ୍ଣ ସହଯୋଗ ସହିତ ସେମାନଙ୍କର ଜମିଜମା ରେକର୍ଡର ସଂଶୋଧନ କାର୍ଯ୍ୟ ସମ୍ପନ୍ନ କରୁଛନ୍ତି ।ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ପ୍ରଶାସନିକ ଅଧିକାରୀମାନେ ସମ୍ପୂର୍ଣ୍ଣ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଛି। ଏହି କ୍ୟାମ୍ପ କୋର୍ଟ ଆୟୋଜନ ଓ ପରିଚାଳନାରେ ଅଙ୍କିତା ସ୍ୱାଇଁ( ତହସିଲଦାର, ଜାମଦା),ଆଶୀର୍ବାଦ ହେମ୍ବ୍ରମ (ଅତିରିକ୍ତ ତହସିଲଦାର ଜାମଦା), ସୁବାସ ହାଁସଦା (ରାଜସ୍ୱ ପରିଦର୍ଶକ), ସ୍ମିତା ମହାକୁଡ଼ (ତାଳଗାଁ ରାଜସ୍ୱ ନିରୀକ୍ଷକ), ସସ୍ମିତା ସେଠୀ(ସହକାରୀ ରାଜସ୍ୱ ନିରୀକ୍ଷକ),ସୁଦାମ ହାଁସଦା (ପ୍ରୋସେସ ସର୍ଭର) ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ଥିଲେ । ପ୍ରଶାସନର ଏଭଳି ଉଦ୍ୟମକୁ ଦେଖି ଗ୍ରାମବାସୀ ମଧ୍ୟ ଉତ୍ସାହିତ ହୋଇଥିଲେ। ପ୍ରବଳ ବର୍ଷା ସତ୍ତ୍ୱେ, ଗ୍ରାମର ବାକି ଥିବା ପ୍ରାୟ ସମସ୍ତ ହିତାଧିକାରୀ ଏହି କ୍ୟାମ୍ପ କୋର୍ଟରେ ଯୋଗଦାନ କରିଥିଲେ। ପାରମ୍ପରିକ ଭାବେ ତହସିଲ ଅଫିସକୁ ଦୌଡ଼ିବା ପରିବର୍ତ୍ତେ ନିଜ ଗାଁରେ ଏତେ ସହଜରେ ଜମି ରେକର୍ଡ ସଂଶୋଧନ ହୋଇପାରୁଥିବାରୁ, ଗ୍ରାମବାସୀମାନେ ତହସିଲଦାର ଏବଂ ତାଙ୍କର ସମସ୍ତ ଟିମ୍‌କୁ କୃତଜ୍ଞତା ଜଣାଇଛନ୍ତି।

## ଜିଲ୍ଲା ସ୍ତରୀୟ ବେଟି ବଚାଓ ବେଟି ପଢାଓ କାର୍ଯ୍ୟକ୍ରମ



ଖୋରଧା : ଖୋର୍ଦ୍ଧା ଜିଲ୍ଲାପାଳଙ୍କ କନଫରେନ୍ସ କକ୍ଷରେ ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ପକ୍ଷରୁ 'ବେଟି ବଚାଓ ବେଟି ପଢାଓ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ କୁସୁମ କୁମାରୀ ପ୍ରହରାଜ , ପୋଲିସ ସୁପରିଟେଣ୍ଡେଣ୍ଟ ଏଡିଏମ ଜେନେରାଲ ଖୋର୍ଦ୍ଧା, ସିଡମ, ପିଏଚ୍ଓ ଖୋର୍ଦ୍ଧା, ଏସ୍ଏସଏସଓ, ଡବ୍ଲୁଇଓ, ବିଡିଓ, ଏବିଡିଓ, ଜିପିଡିଓ, ସମସ୍ତ ସିଡିପିଓ, ସିଡବ୍ଲୁସି ମେମ୍ବର, ଡ଼ାଲ୍ସା ର ଅଫିସର ସମସ୍ତ ହବ ଷ୍ଟାଫ ,ପ୍ରୋଗ୍ରାମ ଅଫିସର ଏବଂ ଶକ୍ତି ସଦନର ସୁପରିଟେଣ୍ଡନ୍ଟ ମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସଫଳ ରୁପାନ୍ତରିକରଣକୁ ନେଇ ଖୋର୍ଦ୍ଧା ଏଡିମ୍ ଜେନେରାଲ ଗୁରୁତ୍ୱ ଦେଇଥିଲେ । ଉଦବୋଧନ ଦେବା ସହ ସେ ସମସ୍ତ ଲାଇନ ଡିପାର୍ଟମେଣ୍ଟ ଅଧିକାରୀମାନଙ୍କ ସହଯୋଗ ଦ୍ୱାରା ସବୁ ଦିଗ ପ୍ରତି କିପରି ଆଲୋକପାତ କରାଯାଇପାରିବ ସେହି ବିଷୟରେ କହିଥିଲେ। ବିଶେଷ କରି କନ୍ୟା ରତ୍ନକୁ ଯତ୍ନ କରିବା, ତାକୁ ସୁରକ୍ଷା ଦେବା ସହ ଭ୍ରୁଣ ହତ୍ୟାରୁ କିପରି ନିବୃତ ରହି ଜନସାଧାରଣଙ୍କ ଭିତରେ ସଚେତନତା ସୃଷ୍ଟି କରିବା, ସେ ବିଷୟରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ଦାୟିତ୍ୱ ଦେଇଥିଲେ ।ପରିଶେଷରେ ଡିସି ହବ୍ ସମିତା ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରି କାର୍ଯ୍ୟକ୍ରମକୁ ସମାପ୍ତ କରିଥିଲେ।

## ଲଗାଣ ବର୍ଷାରେ ଘର ଭୂଷୁଡ଼ିଲା

ପାଟଣା ସାହାରପଡା ବ୍ଲକ ଅଞ୍ଚଳ ରେ ଗତରାତି ଲଗାଣ ବର୍ଷା ଫଳରେ ଶିଆଳିଯୋଡା ଗ୍ରାମର ହରିଶଙ୍କର ମହାନ୍ତ ଙ୍କ କଚ୍ଚା ଘର ର କାନ୍ଥ ଭୁଶୁଡ଼ି ପଡ଼ିଛି। ଘର ଲୋକେ ବାହାରେ ଥିବାରୁ କୌଣସି ଅଘଟଣ ଘଟିନାହିଁ। ତେବେ ଗତକାଲି ରାତି ରୁ ଲଗାଣ ବର୍ଷା ଫଳ ରେ ପାଟଣା ତହସିଲ୍ ଅଞ୍ଚଳ ରେ ୪ ଟି ଘର ଭାଙ୍ଗିଥିବା ଆଜି ସନ୍ଧ୍ୟା ସୁଦ୍ଧା ରାଜସ୍ୱ ବିଭାଗ ନିକଟ ରେ ଅଭିଯୋଗ ହୋଇଥିବା ତହସିଲଦାର ଅଶ୍ୱିନୀ କୁମାର ନାଏକ ସୂଚନା ଦେଇଛନ୍ତି।

# ଫୁଲନଖରା-ନିଆଳି ଚାରିଲେନ୍ ରାସ୍ତା କେବେ

କଟକ : ତାରିଖ ଧାର୍ଯ୍ୟ ହେଉଛି, ତାହା ମଧ୍ୟ ଶେଷ ମୁହୂର୍ତ୍ତରେ ଘୁଞ୍ଚିଯାଉଛି। ଥରେ କି ଦୁଇ ଥର ନୁହେଁ ଫୁଲନଖରା-ନିଆଳି ଚାରି ଲେନ୍ ରାସ୍ତା ନିର୍ମାଣ ପାଇଁ ଚାରି ମାସ ମଧ୍ୟରେ ୯ ଥର ଟେଣ୍ଡର୍ ତାରିଖ ବଦଳିଲାଣି ଅଗଷ୍ଟ ୧୩ ତାରିଖକୁ ଟେଣ୍ଡର୍ ଅନ୍ଧାନ ପାଇଁ ନୂଆ ତାରିଖ ଧାର୍ଯ୍ୟ ହୋଇଥିବାରୁ ଏଥର କାଏମ ରହିବ କି ନାହିଁ, ସେନେଇ ଅଞ୍ଚଳବାସୀଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଛି। ଫୁଲନଖରାରୁ ନିଆଳି ପର୍ଯ୍ୟନ୍ତ ୩୫ କିମି ୪୫୧ ମିଟର ଲମ୍ବ ରାଜ୍ୟ ରାଜପଥ-୬୦କୁ ଚାରିଲେନ୍‌ରେ ପରିଣତ କରିବା ଲାଗି ବହୁଦିନ ଧରି ଦାବି ହୋଇଆସୁଛି । ଏହି ରାସ୍ତାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ପୂର୍ବ ସରକାରଙ୍କ ସମୟରେ ୩୫୮ କୋଟି ୯୩ ଲକ୍ଷ ଟଙ୍କାର ବ୍ୟୟ ଅଟକଳ ହୋଇଥିଲା। ମାତ୍ର ୨୦୨୪ ନିର୍ବାଚନ ପୂର୍ବରୁ ପ୍ରକଳ୍ପଟି ଆଗକୁ ବଢ଼ିପାରିନଥିଲା। ସରକାର ବଦଳିବା ପରେ ଏହି ପ୍ରକଳ୍ପ ପୁଣି ଆଲୋଚନାକୁ ଆସିଥିଲା। ଚଳିତବର୍ଷ ଏପ୍ରିଲ ୧୫ରେ ମୁଖ୍ୟଯନ୍ତ୍ରୀ (ସିଭିଲ୍ ଆଣ୍ଡ ରୋଡ୍) ଙ୍କ ଚିଠି ଅନୁସାରେ ରାସ୍ତା ସମ୍ପ୍ରସାରଣ ପାଇଁ ୨୧୫ କୋଟି ୮୬ ଲକ୍ଷ ଟଙ୍କାର ଅଟକଳ ରଖାଯାଇ ମେ' ୨୮ରେ ଟେଣ୍ଡର୍ ଡକାଯିବା ନିଷ୍ପତ୍ତି ହୋଇଥିଲା । ହେଲେ ମେ' ୨୮ ପୂର୍ବରୁ ହିଁ ପ୍ରଥମ ପରିବର୍ତ୍ତନ ଆସିଲା ପୁନର୍ବାର ଚିଠି ଟେଣ୍ଡର ତାରିଖ ଜୁନ୍ ୨କୁ ଘୁଞ୍ଚିଥିଲା ଏହା ପରେ ମଧ୍ୟ ପ୍ରକ୍ରିୟା ଆଗେଇବା ପରିବର୍ତ୍ତେ ପୁଣି ପରିବର୍ତ୍ତନ ହୋଇଚାଲିଲା ମେ' ୫ରେ ପୂର୍ବ ଅଟକଳରେ ତ୍ରୁଟିଥିବା ଦର୍ଶାଇ ବ୍ୟୟ ଅଟକଳକୁ ୨୨୪ କୋଟି ୮୬ ଲକ୍ଷ ଟଙ୍କା କରାଗଲା। ଏହା ସହିତ ଟେଛର୍ ତାରିଖ ମଧ୍ୟ ପୁଣି ପୁଣି ବଦଳିଲା ଜୁନ୍ ୧୦ ପରେ ଜୁନ୍ ୨୩, ତା'ପରେ ଜୁଲାଇ ୭, ଜୁଲାଇ ୨୧ ଏବଂ ଶେଷରେ ଅଗଷ୍ଟ ୫ ତାରିଖ ଧାର୍ଯ୍ୟ ହୋଇଥିଲା କିନ୍ତୁ ଏଥର ବି ଆଶାୟୀଙ୍କୁ ନିରାଶ ହେବାକୁ ପଡ଼ିଲା। ଅଗଷ୍ଟ ୫ ତାରିଖରେ ପୂର୍ତ୍ତ ବିଭାଗ ଚିଠି ସଂଖ୍ୟା ୨୮୦୨୮ ମାଧ୍ୟମରେ ଆଉ ଏକ ଶୁଦ୍ଧିପତ୍ର ପ୍ରକାଶ କରି ଟେଣ୍ଡର ତାରିଖକୁ ଅଗଷ୍ଟ ୧୩କୁ ଘୁଞ୍ଚାଇ ଦିଆଗଲା ଏହିପରି ଟେଣ୍ଡର ତାରିଖ ପରିବର୍ତ୍ତନର ତାଲିକା ଦୀର୍ଘ ହୋଇଗଲାଣି ଏକ ବଡ଼ ଭିତ୍ତିଭୂମି ପ୍ରକଳ୍ପ ପାଇଁ ଏତେ ଥର ଟେଣ୍ଡର୍ ତାରିଖ ବଦଳିବାର ପଛରେ କାରଣ କ'ଣ ସେନେଇ ପ୍ରଶ୍ନ ଉଠିଛି ପ୍ରକଳ୍ପ ସମ୍ପର୍କରେ ସରକାରୀ ସ୍ତରରେ ଘୋଷଣା ହେଉଥିବା ବେଳେ ଟେଣ୍ଡର ପ୍ରକ୍ରିୟା ଆଗକୁ ବଢ଼ି ନପାରିବା ଦ୍ୱନ୍ଦ୍ୱରେ ପକାଇଛି। ଅନ୍ୟପଟେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ରାସ୍ତା କାମ ଶୀଘ୍ର ଶେଷ ହେବ ବୋଲି ଘୋଷଣା କରିଥିବା ବେଳେ ନିଆଳି ବିଧାୟକ ଛବି ମଲ୍ଲିକ ଏହି ପ୍ରକଳ୍ପକୁ ନିଜର 'ଡ୍ରିମ୍ ପ୍ରୋଜେକ୍ଟ' ବୋଲି କହିଆସୁଛନ୍ତି। ହେଲେ ଟେଣ୍ଡର ପ୍ରକ୍ରିୟା ଏପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇ ନଥିବାରୁ କେବେ କାର୍ଯ୍ୟକାରୀ ହେବ ତାକୁ ନେଇ ପ୍ରଶ୍ନ ଛିଡ଼ା ହୋଇଛି। ଅନ୍ୟପଟେ ଏହି ରାସ୍ତା ଅବସ୍ଥା ଅତ୍ୟନ୍ତ ଖରାପ ହୋଇଥିବାରୁ ଲୋକମାନେ ଯାତାୟାତରେ ହଇରାଣ ହେଉଛନ୍ତି ଅଗଷ୍ଟ ୧୩ରେ ଟେଣ୍ଡର ହେଲେ ମଧ୍ୟ କେବେ କାମ ଆରମ୍ଭ ହେବ ସେନେଇ କଟକ ସଦର ଥାନାଞ୍ଚଳ ଶାନ୍ତି କମିଟିର ଉପଦେଷ୍ଟା ଶ୍ରୀସନ୍ନ୍ୟାସୀ ଜୀ ଆଶଙ୍କା ପ୍ରକାଶ କରିଛନ୍ତି । ଏନେଇ ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀ ଇଂ. ଜ୍ୟୋତିରଞ୍ଜନ ପତି ଓ ଆର୍ଆଣ୍ଡବି ଉପଖଣ୍ଡ ଅଧିକାରୀ ଇଂ. ମନୋଜ କୁମାର ମିଜି ଙ୍କୁ ପଚାରିବାରେ ସନ୍ତୋଷଜନକ ଉତ୍ତର ମିଳି ନାହିଁ।

## ହାତୀ ତାଣ୍ଡବ - ଘର ଭାଙ୍ଗି ଏକ ଭରି ସୁନା, ୩୫ ହଜାର ଟଙ୍କା ଖାଇଗଲା, ବନ ବିଭାଗ ସତର୍କତାରୁ ବର୍ତ୍ତିଲା ପରିବାର



ମୁରିବାହାଲ, ତା ୦୬/୦୮/୨୬ (ଭଗବାନ ମହାନ୍ତି):ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବନଖଣ୍ଡ ଅନ୍ତର୍ଗତ ଗୁଡିଘାଟ ପଞ୍ଚାୟତର ବାରବନ୍ଧ ଗ୍ରାମରେ ରବିବାର ୧୦. ୩୦ ରାତିରେ ହାତୀ ପଲ ଆତଙ୍କ ସୃଷ୍ଟି କରିଛନ୍ତି। ଏକ ଘର ସମ୍ପୂର୍ଣ୍ଣ ଭାଙ୍ଗି ଦେବା ସହ ଘରେ ଥିବା ସୁନା ଓ ଟଙ୍କା ଖାଇଯାଇଥିବା ଅଭିଯୋଗ ହୋଇଛି ।ସୂଚନା ମୁତାବକ, ବାରବନ୍ଧ ଗ୍ରାମର ଭୀଷ୍ମ ପ୍ରଧାନଙ୍କ କ୍ଷେତରେ ଥିବା ଘରକୁ ନ ରହି ବସ୍ତିରେ ଥିବା ଘରକୁ ଚାଲିଯିବାକୁ ଜଙ୍ଗଲ ବିଭାଗ କର୍ମଚାରୀ ପୂର୍ବରୁ ସତର୍କ କରିଥିଲେ। ରାତି ପ୍ରାୟ ୧୦ଟା ସମୟରେ ତାଙ୍କ ଭାଇ ଫୋନ୍ କରି ଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବା ଜଣାଇଥିଲେ। ଭୀଷ୍ମ ଆସି ଦେଖିଲା ବେଳକୁ ଡ୍ରମରେ ଥିବା ଚାଉଳ ସହ ଏକ ଭରି ସୁନା, ବ୍ୟାଙ୍କରୁ କାଢି ପେମେଣ୍ଟ ପାଇଁ ରଖାଯାଇଥିବା ୩୫ ହଜାର ଟଙ୍କା ଓ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ସବୁ ନଷ୍ଟ ହୋଇଯାଇଥିଲା। ଜଙ୍ଗଲ ବିଭାଗର ତତ୍ପରତା ଯୋଗୁଁ ପରିବାରଟି ବଡ ଅଘଟଣରୁ ବର୍ତ୍ତି ଯାଇଛି ।ଅନ୍ୟପକ୍ଷରେ ହାତୀ ଆକ୍ରମଣରେ ଘରଟି ସମ୍ପୂର୍ଣ୍ଣ ଭାଙ୍ଗିଯିବାରୁ ପରିବାରଟି ଗୃହହୀନ ହୋଇପଡିଛି। ଘରେ ରଖାଯାଇଥିବା ଚାଉଳ, ଡାଲି, ପିନ୍ଧା ଲୁଗା, ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ମଧ୍ୟ ନଷ୍ଟ ହୋଇଯାଇଛି। ପରିବାରଟି ଅତ୍ୟନ୍ତ ଗରିବ ହୋଇଥିବାରୁ ସମସ୍ତ କ୍ଷତିର ଭରଣା କରିବା ସହ ଆବାସ ଯୋଜନାରେ ଏକ ପକ୍କା ଘର ଯୋଗାଇ ଦେବାକୁ ଗ୍ରାମବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି।

## ଡୁମ୍ରେରବାହାଲ ସ୍କୁଲରେ ପ୍ରଧାନ ଶିକ୍ଷକ ହୃଷିକେଶ ବାଗଙ୍କ ଅଧ୍ୟକ୍ଷତାରେ ଏକ ବୃକ୍ଷରୋପଣ

ପଦ୍ମପୁର, (ଭେଙ୍କଟ ରମଣ ପ୍ରଧାନ )୨୪/୮: ପଦ୍ମପୁର ଉପଖଣ୍ଡ ପାଇକମାଲ ବ୍ଲକ ଅନ୍ତର୍ଗତ ଡୁମ୍ରେରବାହାଲ ସ୍କୁଲରେ ପ୍ରଧାନ ଶିକ୍ଷକ ହୃଷିକେଶ ବାଗଙ୍କ ଅଧ୍ୟକ୍ଷତାରେ ଏକ ବୃକ୍ଷରୋପଣ ସଭା ଅନୁଷ୍ଠିତ ହୋଇଯାଇଛି । ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥବା ବେଳେ ମାଣ୍ଡୋସିଲ ସରପଞ୍ଚ ଓମ୍ ପ୍ରକାଶ ନାୟକ, ସିଆଁସିସି ବସୁଦେବ କୁମ୍ଭାର, ପୂର୍ବତନ ଏସ୍ଏମ୍‌ସି ସଭାପତି ବନବସ ସାହୁ ଓ ବର୍ତ୍ତମାନର ଏସ୍ଏମ୍‌ସି ସଭାପତି ସୁଶାନ୍ତ ଖୁମୁରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରଧାନଶିକ୍ଷକ ଶ୍ରୀ ବାଗ ଗତ ୧୨ ବର୍ଷ ଧରି ଏହି ସ୍କୁଲ ଦ୍ୱାରା ହେଉଥିବା ବୃକ୍ଷରୋପଣ ଓ ତା'ର ସଫଳ ରୂପାୟନ ସଂପର୍କରେ ସୂଚନା ଦେଇଥିବା ବେଳେ ପୂର୍ବତନ ସ୍କୁଲ ସଭାପତି ଶ୍ରୀ ସାହୁ ଉତ୍କୃଷ୍ଟ ଶିକ୍ଷାଦାନ ଦ୍ୱାରା ସ୍କୁଲର ହେଉଥିବା ଉନ୍ନତି ଓ ବର୍ତ୍ତମାନର ସ୍ଥିତି ସମ୍ପର୍କରେ ସୂଚନା ଦେବା ସହ ପ୍ରସ୍ତାବିତ ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ମାଣ୍ଡୋସିଲ ଗ୍ରାମ ପଞ୍ଚାୟତର ଡୁମ୍ରେରବାହାଲ ଗ୍ରାମରେ ସ୍ଥାପନ ଦିଗରେ ପଦକ୍ଷେପ ନେବାକୁ ସାଂସଦଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସରପଞ୍ଚ ଶ୍ରୀ ନାୟକ ଓ ସିଆଁସିସି ଶ୍ରୀ କୁମ୍ଭାର ବୃକ୍ଷରୋପଣର ଆବଶ୍ୟକତା ସମ୍ପର୍କରେ ବୁଝାଇଥିବା ବେଳେ ମୁଖ୍ୟ ଅତିଥି ସାଂସଦ ଶ୍ରୀ ପୁରୋହିତ ଅବାଧ ଗଛକଟାର କୁପରିଣାମ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଫଳରେ ସାରା ଦେଶରେ ହେଉଥିବା ସଫଳ ବୃକ୍ଷରୋପଣ ସମ୍ପର୍କରେ ପ୍ରାଞ୍ଜଳ ଭାବରେ ବର୍ଣ୍ଣନା କରିଥିଲେ । ଆବଶ୍ୟକ ଯୋଗ୍ୟତା ମାନଦଣ୍ଡ ଥିଲେ ଡୁମ୍ରେରବାହାଲ ଗ୍ରାମରେ ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ସ୍ଥାପନକୁ କେହି ଅଟକାଇ ପାରିବେ ନାହିଁ ବୋଲି ଘୋଷଣା କରିବା ସହିତ ଡୁମ୍ରେରବାହାଲ ନଦୀରେ ଥିବା ବ୍ରିଜଟି ଭାଙ୍ଗିଯାଇ ଜରାଜୀର୍ଣ୍ଣ ଅବସ୍ଥାରେ । ଏହା ଉପରେ ପ୍ରତିଦିନ ହଜାର ହଜାର ଜନସାଧାରଣ ଓ ଛାତ୍ରଛାତ୍ରୀ ବିପଦ ସଙ୍କୁଳ ଭାବେ ଯାତାୟାତ କରୁଥିବାରୁ ଏଠାରେ ଖୁବ ଶୀଘ୍ର ନୂତନ ବ୍ରିଜ ନିର୍ମାଣ ହେବ ବୋଲି ଶ୍ରୀ ପୁରୋହିତ ପ୍ରତିଶୃତି ଦେଇଥିଲେ । ସହକାରୀ ଶିକ୍ଷକ ଡେଜଲିଂ ଦନ୍ତା ସ୍ୱାଗତ ଭାଷଣ ଦେଇଥିବାବେଳେ ସୁଦାମ କନ୍ଧେର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସଭାରେ ଗ୍ରାମ କମିଟି ସଭାପତି ତରଣୀସେନ ଷଡ଼ଙ୍ଗୀ, ରେଡ୍ଡି ଆଦିନାରାୟଣ ପ୍ରମୁଖ ଓ ସମସ୍ତ ଗ୍ରାମବାସୀ ଉପସ୍ଥିତ ଥିଲେ । ଶେଷରେ ସାଂସଦ ଶ୍ରୀ ପୁରୋହିତ ଛାତ୍ରଛାତ୍ରୀ ଓ ଗ୍ରାମବାସୀଙ୍କ ସହ ଏକ ଶୋଭାଯାତ୍ରାରେ ଯାଇ ଖେଳ ପଡିଆ ପାର୍ଶ୍ୱରେ ବୃକ୍ଷ ରୋପଣ କରିଥିଲେ ।

## ଯୋଡ଼ା ଖଣିଜ କ୍ଷେତ୍ରରୁ ଗଞ୍ଜେଇ ଜବତ ଓ ୨ ଗିରଫ



କେନ୍ଦୁଝର/ଯୋଡ଼ା: - କେନ୍ଦୁଝର ଜିଲ୍ଲାର ଖଣିଜ କ୍ଷେତ୍ର ଯୋଡ଼ା ଥାନା ଅଞ୍ଚଳରେ ୧୦ କେଜିରୁ ଉର୍ଦ୍ଧ ଗଞ୍ଜେଇ ଜବତ ହୋଇଛି ଏବଂ ୨ ଜଣଙ୍କୁ ଗିରଫ କରାଯିବା ସହିତ ସେମାନଙ୍କ ନିକଟରୁ ନଗଦ ଟଙ୍କା ଓ ୨ ଟି ମୋବାଇଲ ଫୋନ୍ ଜବତ କରାଯାଇଛି ।ପ୍ରାପ୍ତ ସୂଚନାନୁଯାୟୀ, ବିଶ୍ୱସ୍ତ ସୂତ୍ରରୁ ଖବର ପାଇ କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ଲହଣ୍ଡା ବସଷ୍ଟାଣ୍ଡରୁ ଗଞ୍ଜେଇ ଚୋରା ଚାଲାଣ ବେଳେ, ଲକ୍ଷାଧିକ ଟଙ୍କାର ଗଞ୍ଜେଇ ଜବତ କଲା ପୋଲିସ । ଚୋରା ଗଞ୍ଜେଇ ଚାଲାଣରେ ସମ୍ପୃକ୍ତ ୨ଜଣଙ୍କୁ ଗିରଫ କରିଛି ଯୋଡ଼ା ଥାନା ପୋଲିସ । ଯୋଡ଼ା ଥାନା ପୋଲିସ ଲହଣ୍ଡା ବସଷ୍ଟାଣ୍ଡରେ ଗଞ୍ଜେଇ ବିକ୍ରୀ କରିବାକୁ ଅପେକ୍ଷା କରିଥିବା ୨ଜଣଙ୍କ ଠାରୁ ୧୦କେଜି ୧୮୦ଗ୍ରାମ୍ ଓଜନର ଗଞ୍ଜେଇ ଜବତ କରିଥିଲା । ଗିରଫ ବ୍ୟକ୍ତିମାନେ ହେଲେ ଯୋଡା ଥାନା ୧୦ ନମ୍ବର ୱାର୍ଡ଼ର ଯୋଗେନ୍ ପ୍ରଧାନ ଏବଂ ପଶ୍ଚିମବଙ୍ଗ ଉତ୍ତର ଚବିଶପ୍ରଗଣା ବାରାକପୁର ଅଞ୍ଚଳର ଦୁଲାଲ୍ ଚନ୍ଦ୍ର ସରକାର ହୋଇଥିବା ବେଳେ ଜବତ ଗଞ୍ଜେଇ ସହିତ ସେମାନଙ୍କ ଠାରୁ ୬ହଜାର ୭ଶହ ଟଙ୍କା ଏବଂ ୨ଟି ମୋବାଇଲ୍ ଫୋନ୍ ଜବତ ହୋଇଥିବା ନେଇ ସୂଚନା ମିଳିଛି। ଖଣିଜକ୍ଷେତ୍ର ଯୋଡ଼ା ଅଞ୍ଚଳରେ ଦିନକୁ ଦିନ ବେଆଇନ ନିଶା କାରବାର ବୃଦ୍ଧି ପାଉଥିବା ବେଳେ, ଜିଲ୍ଲାର ବୁଦ୍ଧିଜୀବି ମହଲରେ ଉଦବେଗ ପ୍ରକାଶ ପାଇଛି।

# ସାହିତ୍ୟର ସମାପ୍ତି ପାଠକୀୟ ପ୍ରଶ୍ନବାଚୀ ଉପରେ ନିର୍ଭର : ଅତିଥି ବୃନ୍ଦ



କେନ୍ଦୁଝର: - ଓଡ଼ିଆ ଭାଷା ଓ ସାହିତ୍ୟର ନବ ଉନ୍ମେଷ ତଥା ସାହିତ୍ୟିକ ଓ ଶିକ୍ଷାନୁଷ୍ଠାନ ମଧ୍ୟରେ ସଂଯୋଗ ସ୍ଥାପନ କରୁଥିବା ସଂଯୋଗୀ ସାହିତ୍ୟ ସଂସଦ, କୁଣ୍ଡାପିଠା ଓ ଅନୁପମ ସାହିତ୍ୟ ସଂସଦ, କେନ୍ଦୁଝରର ମିଳିତ ସହଯୋଗରେ ରାଜ୍ୟସ୍ତରୀୟ ପୁସ୍ତକ ସମୀକ୍ଷା ଓ କ୍ଷୁଦ୍ରଗଳ୍ପ ପଠନ କର୍ମଶାଳା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି।ଗତ ରବିବାର କେନ୍ଦୁଝରଗଡ ସହରସ୍ଥ ବାଣିଆପାଟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ମହାପାଟ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ସୁସାହିତ୍ୟିକ ବ୍ରହ୍ମାନନ୍ଦ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସାରସ୍ୱତ ସମାରୋହରେ ଅବସରପ୍ରାପ୍ତ ପ୍ରାଣୀ ବିଜ୍ଞାନ ପ୍ରାଧ୍ୟାପକ ଡ. କୁଳମଣି ପ୍ରଧାନ ମୁଖ୍ୟ ଅତିଥି, ନୟାଗଡ଼ ଜିଲ୍ଲାର ବିଶିଷ୍ଟ ବକ୍ତା ତଥା କୁଇଜ୍ ମାଷ୍ଟର ଚନ୍ଦ୍ରବିଜୟୀ ମିଶ୍ର ମୁଖ୍ୟ ବକ୍ତା ରୂପେ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟର ବିଭିନ୍ନ ଦିଗକୁ ଆଲୋଚନା କରିବା ସହିତ ସାହିତ୍ୟ ରଚନାର ସଫଳତା ପାଠକ ମାନଙ୍କ ପ୍ରଶ୍ନବାଚୀ ଉପରେ ନିର୍ଭର କରିବା ସହ ଏହିଭଳି ମଞ୍ଚ ଓଡ଼ିଆ ଭାଷା, ସାହିତ୍ୟ ଓ ଗଳ୍ପ ଚର୍ଚ୍ଚାକୁ ଆହୁରି ସମୃଦ୍ଧ କରିବ ଏବଂ ସାହିତ୍ୟିକ ମାନଙ୍କ ମଧ୍ୟରେ ଉତ୍କୃଷ୍ଟ ଭାବ ବିନିମୟ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଏହି ସମାରୋହରେ ଔପନ୍ୟାସିକ ଭାଗିରଥି ଗିରିଙ୍କ ଉପନ୍ୟାସ ଅନ୍ତିମ ପରୀକ୍ଷାକୁ ବିଶିଷ୍ଟ ସାହିତ୍ୟିକ ମୁରଲୀଧର ବେହେରା, ମମତା ପୁସ୍ତକକୁ ବଲାଙ୍ଗୀର ଜିଲ୍ଲାର ଯୁବ ସମୀକ୍ଷକ କଣ୍ଠୁରୀ ଚରଣ ରାଉତ, କସ୍ତୁରୀ ମୃଗ କୁ କେନ୍ଦୁଝର ଜିଲ୍ଲାର ଯୁବକବି ଦୀପକ୍ କୁମାର ସ୍ୱାଇଁ ଓ ମୁଁ ମାନଗୋବିନ୍ଦ କହୁଛି ଉପନ୍ୟାସ ପୁସ୍ତକକୁ ମୟୁରଭଞ୍ଜ ଜିଲ୍ଲାର ବରିଷ୍ଠ ସାହିତ୍ୟିକ ହିମାଂଶୁ ଶେଖର ଦାସ ଓ କେନ୍ଦୁଝର ଜିଲ୍ଲାର ବରିଷ୍ଠ ସାହିତ୍ୟିକ ଅର୍ଜୁନ ଚରଣ ବେହେରା ଏବଂ ଡ. ଅନିଲ କୁମାର ଦାସଙ୍କ ଗଳ୍ପ ସଂକଳନ ବାପାଙ୍କ ଓଡ଼ିଶା କୁ କେନ୍ଦୁଝର ଜିଲ୍ଲାର ବରିଷ୍ଠ କବି ଉମାକାନ୍ତ ବେହେରା ଓ ମନ୍ତ୍ରାରୂଢ ପୁସ୍ତକଟିକୁ କେନ୍ଦୁଝର ଜିଲ୍ଲାର ବରିଷ୍ଠ ସାହିତ୍ୟିକ ତଥା ସମାଲୋଚକ ଚିନ୍ତାମଣି ମହାଳିକ ସମୀକ୍ଷା କରିଥିଲେ। ପ୍ରାରମ୍ଭରେ ଅତିଥି ବୃନ୍ଦ ମା ସରସ୍ୱତୀଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରିବା ସହିତ ଧୂପ, ଦୀପ, ନୈବେଦ୍ୟ ଅର୍ପଣ କରି ସଭାଟିକୁ ଉଦଘାଟନ କରିଥିବା ବେଳେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀ ମାନଙ୍କ ଦ୍ୱାରା ମନ୍ତ୍ରପାଠ ଓ ସ୍ୱାଗତ ସଂଗୀତ ପରିବେଷଣ କରାଯାଇଥିଲା।ଏହି ଅବସରରେ ଅଗଷ୍ଟ ନଅ ର କ୍ରାନ୍ତି ଦିବସ ଓ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ସ୍ମୃତି ଚାରଣ କରାଯାଇଥିଲା। ଏବଂ କବି ରତିନାରାୟଣ ରାଉତଙ୍କ କବିତା ସଙ୍କଳନ ଜ୍ଞାନ ସୁମନ ପୁସ୍ତକ ଅତିଥି ଗଣ ଉନ୍ମୋଚନ କରିଥିଲେ।ଅନୁପମ ସାହିତ୍ୟ ସଂସଦ କେନ୍ଦୁଝର ର ପ୍ରତିଷ୍ଠାତା ତଥା ସଂପାଦକ ଶାନ୍ତନୁ କୁମାର ମହାପାତ୍ରଙ୍କ ସଂଯୋଜନାରେ ରାମଚନ୍ଦ୍ର ସାହୁ, ହରିହର ମହାନ୍ତ, ସସ୍ମିତା ସାହୁ, ଧ୍ରୁବାନନ୍ଦ ରାଉତ, ନରହରି ମିଶ୍ର, ପଣ୍ଡିତ ମଧୁସୂଦନ ମିଶ୍ର, ମନରଞ୍ଜନ ମହାନ୍ତି, ଗୀତାରାଣୀ ଦାଶ, ରୀତାଞ୍ଜଳୀ ସାହୁ, ନୃସିଂହ ସାମଲ, ନାରାୟଣ ସାହୁ, ରତିନାରାୟଣ ରାଉତ, ସରୋଜିନୀ ମିଶ୍ର, ସନ୍ତୋଷ କୁମାର ପତି, ସୁଜାତା ଗୁପ୍ତା,ସୁଭଦ୍ରା ମହାନ୍ତ, ଲିପିକା ଦାସ ପଟ୍ଟନାୟକ, ଡ. ସାଇ ଦୁର୍ଗାପ୍ରସାଦ, ନିତ୍ୟାନନ୍ଦ ବେହେରା, ବେଣୁଧର ସାହୁ, ସୁରଥ ମହାନ୍ତ, ଜ୍ୟୋସ୍ନା ପାଢ଼ୀ, ତପନ କୁମାର ଦାଶ, ଶରତ ଚନ୍ଦ୍ର ମହାନ୍ତ, ମୀନା କୁମାରୀ ମିଶ୍ର, ମନ୍ଦାକିନୀ ବେହେରା , ଗୌତମ ଚନ୍ଦ୍ର ଗିରି , ବିଦ୍ୟୁତ ପ୍ରଭା ସାହୁ, ଅନୁପମା ସାହୁ, ଛାତ୍ରୀ ସୁଶ୍ରୀ ନିରାଳୀ ନାୟକ , ଅର୍ପିତା ମହାନ୍ତିଙ୍କ ସମେତ ୪୦ ରୁ ଅଧିକ ମିନିଗଳ୍ପ ପାଠ କରିଥିଲେ। ଏହି ଅବସରରେ ସମସ୍ତ ଅତିଥି, ସମୀକ୍ଷକ ଓ ଗାଳ୍ପିକ ମାନଙ୍କୁ ସଂସଦ ପକ୍ଷରୁ ମାନପତ୍ର ପ୍ରଦାନ କରି ସମ୍ମାନିତ କରାଯାଇଥିଲା।ସଂସଦର ସଂପାଦକ ବାବୁଲାଲ ପଲେଇ ସଭା ପରିଚାଳନା କରିଥିବା ବେଳେ ସଂସଦର କର୍ମକର୍ତ୍ତା ସନ୍ତୋଷ କୁମାର ପତି ଓ ସରୋଜ କୁମାର ସେନାପତି ଏବଂ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଦୀନବନ୍ଧୁ ମହାକୁଡ଼, କାର୍ଯ୍ୟାଳୟ ପ୍ରମୁଖ ଦୀନବନ୍ଧୁ ମହାକୁଡ ସମେତ ଗୁରୁଜୀ,ଗୁରୁମା ଗଣ ସହଯୋଗ କରିଥିଲେ। ସଂସଦର ସଭାପତି ଉପେନ୍ଦ୍ର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

### ଦଶମ ଶ୍ରେଣୀ ପାଠ ଛାଡି ଅସହାୟ ବାପାଙ୍କ ସେବାରେ ପୁଅ

# ଆଧାରକାର୍ଡ ମିଳି ନଥିବା ଯୋଗୁଁ ଦୁଃଖ ବଢ଼ି ଚାଲିଛି



ପାରଳାଖେମୁଣ୍ଡି, ଗଜପତି ଜିଲ୍ଲାରେ ଏକ ଦୁଃଖଦ ଖବର ସାମ୍ନାକୁ ଆସିଛି. ୭୫ % ଭିନ୍ନକ୍ଷମ ଥିବା ଅସହାୟ ବାପାଙ୍କ ସେବା ପାଇଁ ଦଶମ ଶ୍ରେଣୀ ପାଠ ଛାଡି ସାହା ହୋଇଛି ଏକମାତ୍ର ପୁଅ. ହେଲେ ଆଧାରକାର୍ଡ ହୋଇପାରିନଥିବା ଯୋଗୁଁ ଆବଶ୍ୟକୀୟ ସରକାରୀ ସୁବିଧା ସୁଯୋଗ ନପାଇ ଏମାନେ ବହୁ ଦୁଃଖ କଷ୍ଟ ପାଉଥିବା ଅଭିଯୋଗ ହୋଇଛି. ଏଭଳି ଦୁଃଖଦ ଘଟଣା ଦେଖିବାକୁ ମିଳିଛି ଗଜପତି ଜିଲ୍ଲାର ଆର. ଉଦୟଗିରି ବ୍ଲକର ଛେଲାଗଡ଼ ଗ୍ରାମର ଖ୍ରୀଷ୍ଟିଆନ ସାହିରେ. ଏହି ସାହିରେ ବାସ କରୁଥିବା ଇଶାକ ଲିମ୍ମା. ସେ ଗତ ୧୭ ବର୍ଷ ଧରି ୭୫% ଭିନ୍ନକ୍ଷମ ହୋଇ ଅତ୍ୟନ୍ତ ଅସହାୟ ଅବସ୍ଥାରେ କାଳାତିପାତ କରୁଛନ୍ତି. ତାଙ୍କର ଏକମାତ୍ର ପୁଅ ଦଶମ ଶ୍ରେଣୀ ପାଠ ଛାଡି ବାପାଙ୍କ ସେବାରେ ନିଜକୁ ଉତ୍ସର୍ଗ କରିଛି. ଏମାନଙ୍କ ଏକ ପୁରାତନ ଘର ରହିଛି. ଏହି ଘରେ ସରକାରଙ୍କ ଠାରୁ ମିଳୁଥିବା ସାହାର୍ଯ୍ୟ ମାତ୍ର କିଛି ଟଙ୍କା ଆଉ ଚାଉଳରେ ଏହି ଦୁଇ ପ୍ରାଣୀ ଅତ୍ୟନ୍ତ ଦୁଃଖ କଷ୍ଟରେ ଜୀବନ ବିତଉଛନ୍ତି. ଏମାନଙ୍କ ଆଧାରକାର୍ଡ ହୋଇପାରୁନଥିବା ଯୋଗୁଁ ୭୫% ଭାଗ ଭିନ୍ନକ୍ଷମ ଥାଇ ସୁଦ୍ଧା ଆବଶ୍ୟକ ସରକାରୀ ସୁବିଧା ସୁଯୋଗ ଏବଂ ଆବଶ୍ୟକ ଚିକିତ୍ସା ସୁବିଧା ଆଦି ପାଇପାରୁନାହାନ୍ତି. ଗ୍ରାମବାସୀମାନେ ଏହି ଅସହାୟ ଦୁଇ ପ୍ରାଣୀଙ୍କୁ ଅନେକ ଥର ସହାୟତାର ହାତ ବଢ଼ାଇ ଚାଲିଛନ୍ତି. ତଥାପି ଏମାନଙ୍କ ଦୁଃଖ କଷ୍ଟ ଦୂର ହୋଇପାରୁନାହିଁ. ଏଭଳି ଅସହାୟଙ୍କୁ ଆବଶ୍ୟକ ସୁବିଧା ସୁଯୋଗ ଓ ଚିକିତ୍ସା ସୁବିଧା ପାଇଁ ପ୍ରଶାସନ ଓ ସରକାର ବିହିତ ପଦକ୍ଷେପ ଗ୍ରହଣ କରିବା ସହ ଅତି ତୁରନ୍ତ ଆଧାରକାର୍ଡ଼ ଦେବା ପାଇଁ ପଦକ୍ଷେପ ନିଆ ଯାଉ ବୋଲି ଗ୍ରାମବାସୀମାନେ ଦାବି ଜଣାଇଛନ୍ତି ।

# ଦେବଭୂମି ପିଏମ୍ ଶ୍ରୀ ବିଦ୍ୟାଳୟରେ ୧୩୩ ଛାତ୍ରଛାତ୍ରୀଙ୍କୁ ମାଗଣା ପୋଷାକ ବିତରଣ



ଆସିକା : ଆସିକା ବ୍ଲକ ଅନ୍ତର୍ଗତ ଦେବଭୂମି ପିଏମ୍ ଶ୍ରୀ ଗ୍ରାମ ପଞ୍ଚାୟତ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ରାଜ୍ୟ ସରକାରଙ୍କ ମାଗଣା ଗଣପୋଷାକ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପରିଚାଳନା କମିଟି ସଭାପତି ସାଗରି କୁମାରୀ ସ୍ୱାଇଁ, ସଦସ୍ୟ ଗୌରହରି ବେହେରା, ଜୁରେନ୍ଦ୍ର ସାହୁ ଓ ମଞ୍ଜୁଳା ନାହକ ପ୍ରମୁଖ ଉପସ୍ଥିତ ଥିଲେ।ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥିବା ମାଗଣା ଗଣପୋଷାକ ବିଦ୍ୟାଳୟର ୧୩୩ ଜଣ ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରାଯାଇଥିଲା। ଏହି ପଦକ୍ଷେପ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସମାନତା, ଶୃଙ୍ଖଳା ଓ ବିଦ୍ୟାଳୟ ପ୍ରତି ଆଗ୍ରହ ବୃଦ୍ଧିରେ ସହାୟକ ହେବ ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ।କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଲବ ସେଠୀ, ରଞ୍ଜିତା ବେହେରା, ଶିବାନୀ ସେଠ1, ଗାୟତ୍ରୀ ବିଶ୍ୱାଳ, କବିତା ସାମନ୍ତରା, ଅନୁପ କୁମାର ନାୟକ, ରବୀନ୍ଦ୍ର ନାୟକ, ଉଦୟ ମାଝୀ, ସଂଘମିତ୍ରା ପାଢ଼ୀ, ବବିତା ଚୌଧୁରୀ, ସଂଯୁକ୍ତା ବେହେରା, ଗାଣ୍ଡୁ ସ୍ୱାଇଁ, ଗୋପୀନାଥ ପାଢ଼1, ପ୍ରଶାନ୍ତ ନାୟକ ଓ ସୂର୍ଯ୍ୟନାରାୟଣ ବେହେରା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଖଡ଼ିଆଳ-ବୋଡେନ୍ ରାସ୍ତାର ପଲସଦା ବ୍ରିଜରେ ସୁରକ୍ଷା ବାଡ଼ ଭାଙ୍ଗିଲା

# ଦୁର୍ଘଟଣା ଆଶଙ୍କା, ନୂତନ ବ୍ରିଜ୍ ନିର୍ମାଣ ଦାବି



ନୂଆପଡ଼ା, : ନୂଆପଡ଼ା ଜିଲ୍ଲାର ଖଡ଼ିଆଳ-ବୋଡେନ୍ ପିଡବ୍ଲ୍ୟୁଡି ରାସ୍ତାର ପଲସଦା ନିକଟରେ ଥିବା ବ୍ରିଜର ସୁରକ୍ଷା ବାଡ଼ର ବଡ଼ ଅଂଶ ଭାଙ୍ଗିଯାଇଥିବାରୁ ଯାତ୍ରୀ ଓ ଯାନବାହନ ଚଳାଚଳ ପାଇଁ ଗୁରୁତର ବିପଦ ସୃଷ୍ଟି ହୋଇଛି। ତୁରନ୍ତ ମରାମତି ସହ ଏଠାରେ ଏକ ନୂତନ ଓସାରିଆ ବ୍ରିଜ୍ ନିର୍ମାଣ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।ଚଳିତ ସପ୍ତାହରେ ଲଘୁଚାପଜନିତ ପ୍ରବଳ ବର୍ଷା ଯୋଗୁଁ ବ୍ରିଜ୍ ଉପରେ ପ୍ରାୟ ୩ ଫୁଟରୁ ଅଧିକ ଉଚ୍ଚତାରେ ବନ୍ୟାଜଳ ପ୍ରବାହିତ ହୋଇଥିଲା। ତୀବ୍ର ସ୍ରୋତର ପ୍ରଭାବରେ ବ୍ରିଜର ଉଭୟ ପାର୍ଶ୍ୱରେ ଥିବା ସୁରକ୍ଷା ବାଡ଼ର ପ୍ରାୟ ୭୦ ପ୍ରତିଶତ ଅଂଶ କ୍ଷତିଗ୍ରସ୍ତ ହୋଇ ଭାଙ୍ଗି ପଡ଼ିଛି। ଫଳରେ ବ୍ରିଜ୍ ଉପରେ ଯାତାୟାତ ବିପଦସଙ୍କୁଳ ହୋଇପଡ଼ିଛି।ଏହି ରାସ୍ତା ଖଡ଼ିଆଳ ଓ ବୋଡେନ୍ ମଧ୍ୟରେ ଏକ ପ୍ରମୁଖ ସଂଯୋଗ ରାସ୍ତା ହୋଇଥିବାରୁ ପ୍ରତିଦିନ ଶତାଧିକ ଦୁଇଚକିଆ, ଚାରିଚକିଆ ଓ ଅନ୍ୟାନ୍ୟ ଯାନବାହନ ଚଳାଚଳ କରୁଛି। ସୁରକ୍ଷା ବାଡ଼ ନ ଥିବାରୁ ପାଦଚାରୀ, ମୋଟରସାଇକେଲ ଆରୋହୀ ଓ ଅନ୍ୟ ଯାତ୍ରୀମାନେ ଯେକୌଣସି ସମୟରେ ଦୁର୍ଘଟଣାର ଶିକାର ହେବାର ଆଶଙ୍କା ରହିଛି। ବିଶେଷକରି ରାତ୍ରି ସମୟରେ ଦୃଶ୍ୟମାନତା କମ୍ ଥିବାରୁ ବିପଦ ଆହୁରି ବଢ଼ିଯାଇଛି।ସ୍ଥାନୀୟ ଅଞ୍ଚଳବାସୀଙ୍କ କହିବା ଅନୁଯାୟୀ, ପଲସଦା ବ୍ରିଜ୍ ବହୁ ବର୍ଷ ପୁରୁଣା ଏବଂ ଅତ୍ୟନ୍ତ ସଂକୀର୍ଣ୍ଣ ହୋଇଥିବାରୁ ବର୍ତ୍ତମାନର ବଢୁଥିବା ଯାନବାହନ ଚାପ ସମ୍ଭାଳିବାରେ ଅସୁବିଧା ହେଉଛି। ଏହାର ସ୍ଥାୟିତ୍ୱ ଓ ସୁରକ୍ଷା ଦୃଷ୍ଟିରୁ ପ୍ରଶାସନ ତୁରନ୍ତ ଧ୍ୟାନ ଦେବା ଆବଶ୍ୟକ ବୋଲି ସେମାନେ ମତ ପ୍ରକାଶ କରିଛନ୍ତି।ଅଞ୍ଚଳବାସୀମାନେ ପିଡବ୍ଲ୍ୟୁଡି ବିଭାଗକୁ ଶୀଘ୍ର ଭାଙ୍ଗିଥିବା ସୁରକ୍ଷା ବାଡ଼ର ମରାମତି କରି ଯାତାୟାତକୁ ସୁରକ୍ଷିତ କରିବା ସହ ଏକ ନୂତନ ଓସାରିଆ ବ୍ରିଜ୍ ନିର୍ମାଣ ପାଇଁ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଯଦି ଶୀଘ୍ର କୌଣସି ପଦକ୍ଷେପ ଗ୍ରହଣ ନ କରାଯାଏ, ତେବେ ଆଗାମୀ ଦିନରେ ଗଣଆନ୍ଦୋଳନ କରାଯିବ ବୋଲି ସେମାନେ ସତର୍କ କରିଛନ୍ତି।

# ଅବସରପ୍ରାପ୍ତ ଏସବିଆଇ ଅଫିସରଙ୍କ ପତ୍ନୀଙ୍କ ବିୟୋଗ

ପାରଳାଖେମୁଣ୍ଡି, : ପାରଳାଖେମୁଣ୍ଡି ଫ୍ରେଣ୍ଡସ୍ କଲୋନୀରେ ରହୁଥିବା ପୂର୍ବତନ ଷ୍ଟେଟବ୍ୟାଂକ ଅଫ ଇଣ୍ଡିଆର ଅଧିକାରୀ ହରିମୋହନ ପଟ୍ଟନାୟକଙ୍କ ପତ୍ନୀ ଲତିକା ପଟ୍ଟନାୟକଂକ ଗତକାଲି ସନ୍ଧ୍ୟାରେ ବିୟୋଗ ଘଟିଛି। ସେ କିଛିଦିନ ହେଲା ଚିକିତ୍ସିତ ହେଉଥିଲେ। ମୃତ୍ୟୁ ବେଳକୁ ତାଂକୁ ୫୯ ବର୍ଷ ହୋଇଥିଲା।ତାଂକର ଅକାଳ ବିୟୋଗରେ ଏସବିଆଇର ପୂର୍ବତନ କର୍ମକର୍ତ୍ତା ଅନାଦି ପାଣିଗ୍ରାହୀ,ଶିବପ୍ରସାଦ ପଟ୍ଟନାୟକ, କୃଷ୍ଣପ୍ରସାଦ ପାତ୍ର, ସତ୍ୟନାରାୟଣ ପଣ୍ଡା, କୈଳାଶ ମୋହନ ପାଠୀ,ଉମାପ୍ରସାଦ ନାୟକ,ସାରଳା ପଟ୍ଟନାୟକ ଗୋକୁଳୀ ପାଇକ,ଧର୍ମରାଜ ନାଏକ ତଥା ବିଭିନ୍ନ ସାଂସ୍କୃତିକ ଓ ସାହିତ୍ୟ ଅନୁଷ୍ଠାନ ଯଥା:- ଉତ୍କଳ ହିତୈଷିଣୀ ସମାଜ, ପ୍ରଗତି ମହିଳା ସଂଗଠନ,ଭକ୍ତି ସଂଗୀତ ସଂସଦ,ନିତ୍ୟାନନ୍ଦ ପାଠାଗାର,କ୍ରିୟେଟିଭ୍ ଆର୍ଟସ୍, ନିୟତି,ଜଗନ୍ନାଥ ଓଡିଶୀ କଳାକେନ୍ଦ୍ର,ଆକାଂକ୍ଷା ମହିଳା ଅନୁଷ୍ଠାନ, ବରିଷ୍ଠ ନାଗରିକ ସଂଘ, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ, ଗଜପତି ଜିଲ୍ଲା ତଥା ଏସୟୁଜେ ସାମ୍ବାଦିକ ସଂଘର ସଭାପତି ଗରୁଡ଼ ଧ୍ୱଜ ଚୌଧୁରୀ, ସାଧାରଣ ସମ୍ପାଦକ ତାରିଣୀ ପ୍ରସାଦ ପଣ୍ଡା ପ୍ରମୁଖଙ୍କ ସମେତ ବହୁ ଅନୁଷ୍ଠାନର କର୍ମକର୍ତ୍ତାଗଣ ଦିଗନ୍ତ ଆତ୍ମାକୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ହରିମୋହନ ପଟ୍ଟନାୟକ ଓ ତାଂକର ପରିବାରବର୍ଗଂକୁ ସମବେଦନା ଜଣାଇଛନ୍ତି।

# ସରସ୍ୱତୀ ଶିଶୁ ମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ



ଡାବୁଗାଁ ନବରଙ୍ଗପୁର ଜିଲ୍ଲା ଡାବୁଗାଁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଦ୍ୟାଳୟ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ସତ୍ୟ ନାରାୟଣ ଚୌଧୁରୀ ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଘାଟନି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭୈରବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ଅଧ୍ୟକ୍ଷ ରମେଶ ଚନ୍ଦ୍ର ନାହାକ ଯୋଗ ଦେଇ ଜ୍ଞାନ ବିଜ୍ଞାନ ମେଳା ଦ୍ୱାରା ଶିଶୁ ମାନଙ୍କ ଅନ୍ତର୍ନିହିତ ପ୍ରତିଭା ବାହାରକୁ ଆସି ପାରିବ ବୋଲି କହିଥିଲେ। ବୈଜ୍ଞାନିକ ଚେତନା ର ବିକାଶ ହିଁ ଉନ୍ନତ ସମାଜ ଗଠନ ର ମୂଳ ବିକାଶ ବୋଲି କହିଥିଲେ। ଶିଶୁ ମନ୍ଦିର ପରିଚାଳନା କମିଟି ସମ୍ପାଦକ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଶିଶୁ ବର୍ଗ , ବାଲ ବର୍ଗ ଓ ପ୍ରୟୋଗ ର ୨୧ ଟି ପ୍ରକଳ୍ପ ପ୍ରଦର୍ଶନୀ କରାଯାଇଥିବା ବେଳେ ବିଚାରକ ଭାବେ ନିଗମାନନ୍ଦ ନାୟକ, କୁଳେଶ୍ୱର ମାଝୀ ଓ ଇତିଶ୍ରୀ ବର୍ଷାରାଣୀ ରାଉତ ପ୍ରମୁଖ ମୂଲ୍ୟାଙ୍କନ କରିଥିଲେ। ବାଲବର୍ଗରେ ସୁଦୀପ କୁମାର ନାୟକ, ଶିବାଂଶ ସିଂ ଲାଲ , ମନୀଷା ପ୍ରିୟଦର୍ଶନୀ ବୈଠାରୁ ଓ ନୂତନ ପ୍ରୟୋଗ ରେ ଜସ୍ମିନ୍ ପ୍ରିୟା ବାଘ ଓ ଶିଶୁ ବର୍ଗରେ ଶୁଭଶ୍ର1 ପଣ୍ଡା, ସାଇସ୍ମିତା ଦୁଆରୀ, ପ୍ରତୀକ୍ଷା ବିଶୋଇ ଓ ନୂତନ ପ୍ରୟୋଗ ରେ ଆରୋହୀ ଦାଶ ପ୍ରଥମ ସ୍ଥାନ ହାସଲ କରିଥିଲେ। ସେହିପରି ପ୍ରୟୋଗ ରେ ଶ୍ରୀୟାଂଶୁ ବେହେରା ଓ ପତ୍ର ବାଚନ ରେ ଅସ୍ୱୀକା ପଣ୍ଡା ପ୍ରଥମ ସ୍ଥାନ ହାସଲ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବ ରେ ଶିକ୍ଷାବିତ ଅମୂଲ୍ୟ କୁମାର ବାରିକ, ପରିଚାଳନା କମିଟି ସମ୍ପାଦକ ସଞ୍ଜୟ ପାଢୀ, କୋଷାଧକ୍ଷ କିଶୋର ସିଂ ଲାଲ ପ୍ରମୁଖ ଯୋଗ ଦେଇ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ। ପ୍ରଥମ ସ୍ଥାନ ହାସଲ କରିଥିବା କୃତି ପ୍ରତିଯୋଗୀ ମାନେ ଆଗାମୀ ୧୪ ତାରିଖରେ ଉମରକୋଟ ରେ ଅନୁଷ୍ଠିତ ହେବାକୁ ଥିବା ସଙ୍କୁଳ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ରେ ଭାଗ ନେବେ । ଅନ୍ୟ ମାନଙ୍କ ମଧ୍ୟରେ ନିତ୍ୟା ଗୁରୁଜୀ, ପ୍ରଦୀପ ଗୁରୁଜୀ, ବିଶ୍ୱ ଗୁରୁଜୀ ଓ ଆଶିଷ ଗୁରୁଜୀ ସହ ଅନ୍ୟ ଗୁରୁମା ମାନେ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ।

# ସ୍କାଉଟସ ଓ ଗାଇଡସ ଦ୍ୱାରା ଚାରା ରୋପଣ

ଆସିକା ଆସିକା ବିଜ୍ଞାନ ମହାବିଦ୍ୟାଳୟ ର ଓଡିଶା ରାଜ୍ୟ ଭାରତ ସ୍କାଉଟସ ଓ ଗାଇଡସ ର ସ୍ୱେଚ୍ଛାସେବୀ ମାନଙ୍କ ଜରିଆରେ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅଧ୍ୟାପକ ତଥା ରୋଭର ଲିଡର ଶ୍ରୀ ସରୋଜ କୁମାର ପଣ୍ଡା ଓ ଅଧ୍ୟାପିକା ତଥା ରେଞ୍ଜର ଲିଡର ସୁଶ୍ରୀ ରଶ୍ମିପ୍ରିୟା କାଲୋ ଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନ ରେ ଅନୁଷ୍ଠିତ ହୋଇଯାଇଛି. ପରିବେଶ ଓ ଜଳବାୟୁ କୁ ସନ୍ତୁଳିତ ରଖିବା ଓ ପୃଥିବୀ ପୃଷ୍ଠ ରେ ବସବାସ କରୁଥିବା ସମଗ୍ର ଜୀବ ଜଗତ ର ହିତ ଲାଗି ଏହି କାର୍ଯ୍ୟକ୍ରମ କରାଯାଇଥିଲା. ମହାବିଦ୍ୟାଳୟ ର ଖେଳ ପଡିଆ ର ଚତୁର୍ପାଶ୍ୱ ରେ ପ୍ରାୟ ଷାଠିଏ ଗୋଟି ବିଭିର୍ଣ୍ଣ କିସମ ର ଚାରା ତଥା ଶାଗୁଆଣୀ, ହଳନ୍ଦ, ଶିଶୁଆ, କୃଷ୍ଣଚୂଡ଼ା, ବିଷ୍ଣୁଚୁଡା, ଚକ୍ରୀ, ନିମ, ଶାଳ, ଅଁଳା ପ୍ରବୃତି ରୋପଣ କରାଯାଇଥିଲା.

### ୪୧ କେଜି ଗଞ୍ଜେଇ ଜବତ, ଜଣେ ଅଟକ

# କେସିଙ୍ଗା ନୂତନ ବସଷ୍ଟାଣ୍ଡ ନିକଟରେ ପୋଲିସର ଚଢ଼ାଉ



କେସିଙ୍ଗା, :ଦୀର୍ଘଦିନ ପରେ ଚୋରା ଗଞ୍ଜେଇ ଚାଲାଣ ବିରୋଧରେ କେସିଙ୍ଗା ପୋଲିସକୁ ମିଳିଛି ବଡ଼ ସଫଳତା। ଗୁପ୍ତ ସୂଚନା ଆଧାରରେ ଶୁକ୍ରବାର ସନ୍ଧ୍ୟାରେ କେସିଙ୍ଗା-କୁର୍ଲୁପଡ଼ାସ୍ଥିତ ନୂତନ ବସଷ୍ଟାଣ୍ଡ ନିକଟରେ ପୋଲିସ ଚଢ଼ାଉ କରି ପ୍ରାୟ ୪୧ କେଜି ଗଞ୍ଜେଇ ଜବତ କରିବା ସହ ଜଣେ ବ୍ୟକ୍ତିଙ୍କୁ ଅଟକ ରଖିଛି।ଜବତ ଗଞ୍ଜେଇର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୨ ଲକ୍ଷ ଟଙ୍କା ବୋଲି ଜଣାପଡ଼ିଛି। ଅଟକ ବ୍ୟକ୍ତିଙ୍କ ପରିଚୟ କେସିଙ୍ଗା ପୋଲିସ ପକ୍ଷରୁ ସ୍ପଷ୍ଟ କରାଯାଇନଥିବା ବେଳେ, ସେ ମଦନପୁର-ରାମପୁର ଅଞ୍ଚଳର ବୋଲି ସୂଚନା ମିଳିଛି।ଜବତ ଗଞ୍ଜେଇ କଳାହାଣ୍ଡିରୁ ଅନ୍ୟ ରାଜ୍ୟକୁ ଚାଲାଣ ହେବାକୁ ଥିଲା ବୋଲି ପୋଲିସ ସନ୍ଦେହ କରୁଛି। ଘଟଣାରେ ଅଧିକ ଲୋକଙ୍କ ସମ୍ପୃକ୍ତି ରହିଛି କି ନାହିଁ, ସେନେଇ ପୋଲିସ ତଦନ୍ତ ଜାରି ରଖିଛି।ଚଢ଼ାଉ ସମୟରେ ମାଜିଷ୍ଟ୍ରେଟ ଦାୟିତ୍ୱରେ କେସିଙ୍ଗାର ଅତିରିକ୍ତ ତହସିଲଦାର ବିବେକାନନ୍ଦ ସାମଲଙ୍କ ସମେତ କେସିଙ୍ଗା ଥାନାର ପୋଲିସ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଜଣେ ଲେଖାଏଁ ଶିକ୍ଷୟିତ୍ରୀରେ ଚାଲିଛି ୨ଟି ବିଦ୍ୟାଳୟ



ବୁଗୁଡ଼ା : ବୁଗୁଡ଼ା କ୍ଲଷ୍ଟର ଅନ୍ତର୍ଗତ ପ୍ରଧାନ ସଡକ ପ୍ରାଥମିକ ବିଦ୍ୟାଳୟଟି ଜଣେ ମାତ୍ର ଶିକ୍ଷୟିତ୍ରୀଙ୍କୁ ନେଇ ଚାଲିଥିବା ଦେଖିବାକୁ ମିଳିଛି। ଏହି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀରେ ମୋଟ ୩୫ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିଲା ବେଳେ ବିଦ୍ୟାଳୟର ଦୁଇ ଜଣ ଶିକ୍ଷୟିତ୍ରୀଙ୍କ ମଧ୍ୟରୁ ଜଣେ ପ୍ରସୂତି ଛୁଟିରେ ଯାଇଥିବାରୁ ବିଦ୍ୟାଳୟର ଅନ୍ୟାନ୍ୟ ଦାୟିତ୍ୱ ସହ ପାଞ୍ଚଟି ଶ୍ରେଣୀକୁ ଜଣେ ଶିକ୍ଷୟିତ୍ରୀ ଯୋଗୁଁ ପିଲାଙ୍କ ସଠିକ୍ ପାଠପଢା ମଧ୍ୟ ସମ୍ଭବ ହୋଇପାରୁନି। ଅନ୍ୟପକ୍ଷରେ ଶିକ୍ଷୟିତ୍ରୀଙ୍କ କୌଣସି ଅସୁବିଧା ହେଲେ ପିଲାଙ୍କ ପାଠପଢା ପୂରାପୂରି ଠପ୍ ହୋଇଯାଉଛି। ସେହିପରି ବୁଗୁଡ଼ା କ୍ଲଷ୍ଟର ଅନ୍ତର୍ଗତ କାଦପଡା ଗ୍ରାମସ୍ଥ ପ୍ରାଥମିକ ବିଦ୍ୟାଳୟ ମଧ୍ୟ ଏପରି ପରିସ୍ଥିତି ଦେଇ ଗତି କରୁଛି। ସେହି ବିଦ୍ୟାଳୟରେ ଶିଶୁ ବାଟିକାଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୪୧ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ପୂର୍ବରୁ ଦୁଇ ଜଣ ଶିକ୍ଷୟିତ୍ରୀ ଥିଲେ। ତେବେ ଗତ ଜୁଲାଇ ୩୧ ତାରିଖ ଦିନ ସେଥିରୁ ଜଣେ ଶିକ୍ଷୟିତ୍ରୀ ଅବସର ଗ୍ରହଣ କରିବା ପରେ ଜଣେ ମାତ୍ର ଶିକ୍ଷୟିତ୍ରୀଙ୍କ ଭରସାରେ ସେହି ବିଦ୍ୟାଳୟର କାର୍ଯ୍ୟ ଚାଲୁଥିବା ଯୋଗୁଁ ମୁଖ୍ୟ ସଡକ ପ୍ରାଥମିକ ବିଦ୍ୟାଳୟ ଭଳି ଦୂରବସ୍ଥା ସୃଷ୍ଟି ହୋଇଛି। ଏଣୁ ସ୍ଥାନୀୟ ଶିକ୍ଷା ପ୍ରଶାସନ ଉପରୋକ୍ତ ପ୍ରାଥମିକ ବିଦ୍ୟାଳୟ ଦ୍ୱୟରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କୁ ଆବଶ୍ୟକୀୟ ଶିକ୍ଷାଦାନ ନିମନ୍ତେ ଯଥାଶୀଘ୍ର କୌଣସି ପ୍ରତିକାର ବ୍ୟବସ୍ଥା କରିବାକୁ ଦାବି ହେଉଛି।

### କେସିସିଏଲ୍‌ର ସ୍ୱତନ୍ତ୍ର ସମବାୟ ସମାରୋହ

# ବିକଶିତ ଭାରତ ଲକ୍ଷ୍ୟ ପୂରଣରେ ସମବାୟର ଭୂମିକା ଗୁରୁତ୍ୱପୂର୍ଣ୍ଣ




କେନ୍ଦ୍ରାପଡ଼ା, : କେନ୍ଦ୍ରାପଡ଼ା କୋ-ଅପରେଟିଭ୍ ସୋସାଇଟି ଲିମିଟେଡ୍ (କେସିସିଏଲ)ର ୨୬ତମ ବର୍ଷ ପୂର୍ତ୍ତି ଅବସରରେ ସହର ନିକଟସ୍ଥ ଉଦୟନଗର ସଂସ୍କୃତି ଭବନରେ ଶନିବାର ସ୍ୱତନ୍ତ୍ର ସମବାୟ ସମାରୋହ ଅନୁଷ୍ଠିତ ହୋଇଛି। ସମିତି ସଭାପତି ପ୍ରମୋଦ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ବିକଶିତ ଭାରତ ଓ ବିକଶିତ ଓଡ଼ିଶା ଗଠନରେ ସମବାୟ ଆନ୍ଦୋଳନର ଭୂମିକା ନେଇ ଆଲୋଚନା ହୋଇଥିଲା।ଅନୁଷ୍ଠାନରେ ମୁଖ୍ୟ ଅତିଥି ଭାବେ ହାଇକୋର୍ଟର ଜଷ୍ଟିସ୍ ଆଦିତ୍ୟ କୁମାର ମହାପାତ୍ର ଯୋଗଦେଇ ସହଯୋଗିତା ମାନବ ସମାଜର ଇତିହାସ ସହ ଜଡ଼ିତ ବୋଲି କହିଥିଲେ। ଆଧୁନିକତା ଯୋଗୁଁ ଦୁର୍ବଳ ହୋଇଥିବା ସାମାଜିକ ସମ୍ପର୍କକୁ ସମବାୟ ଆନ୍ଦୋଳନ ପୁନଃ ମଜବୁତ କରିବାରେ ସହାୟକ ହୋଇଛି ବୋଲି ସେ ମତ ଦେଇଥିଲେ। ମୁଖ୍ୟ ବକ୍ତା ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦର ଯୁକ୍ତ ସଚିବ ଡ. କମଳାକାନ୍ତ ତ୍ରିପାଠୀ କହିଥିଲେ, ଭାରତୀୟ ଓ ଓଡ଼ିଆ ସଂସ୍କୃତିରେ ବ୍ୟକ୍ତି ସହିତ ସମାଜର ଅଭିବୃଦ୍ଧିକୁ ଗୁରୁତ୍ୱ ଦିଆଯାଇଛି। ଗ୍ରାମୀଣ ଅର୍ଥନୀତିର ବିକାଶ ପାଇଁ ସମବାୟ ଆନ୍ଦୋଳନକୁ ଅଧିକ ସୁଦୃଢ଼ କରିବା ଆବଶ୍ୟକ। ସମିତି ଓ ସଦସ୍ୟଙ୍କ ମଧ୍ୟରେ ସ୍ୱଚ୍ଛତା, ଦାୟିତ୍ୱବୋଧ, ସାମୂହିକ ଉଦ୍ୟମ, ଆଧୁନିକ ପ୍ରଣାଳୀ ଓ ଡିଜିଟାଲ କାରବାରକୁ ଗୁରୁତ୍ୱ ଦିଆଗଲେ ସମବାୟ ଆନ୍ଦୋଳନ ଅଧିକ ସଫଳ ହୋଇପାରିବ ବୋଲି ସେ କହିଥିଲେ। ସେହିପରି କେନ୍ଦ୍ରାପଡ଼ା ଜିଲ୍ଲାର ଫିସେରୀ, ଡାଏରୀ, ହର୍ଟିକଲଚର, ହ୍ୟାଣ୍ଡଲୁମ୍, ହ୍ୟାଣ୍ଡିକ୍ରାଫ୍ଟ ଓ ପର୍ଯ୍ୟଟନ କ୍ଷେତ୍ରକୁ ସମବାୟ ଆନ୍ଦୋଳନ ସହ ଯୋଡ଼ିବାର ଆବଶ୍ୟକତା ରହିଛି ବୋଲି ସେ ମତ ଦେଇଥିଲେ। ବିଶିଷ୍ଟ ଅତିଥି ରାଜ୍ୟ ବାର୍ କାଉନସିଲ୍ ସଦସ୍ୟ ଦିନେଶ ରାୟ କେସିସିଏଲ୍‌ର ୨୬ ବର୍ଷର କାର୍ଯ୍ୟଧାରାକୁ ପ୍ରଶଂସା କରିଥିଲେ। ସମ୍ମାନିତ ବକ୍ତା ସମବାୟ ସମିତି ସମୂହର ଅତିରିକ୍ତ ନିବନ୍ଧକ ପ୍ରମୋଦ କୁମାର ସାହୁ ସମବାୟ ଆନ୍ଦୋଳନ ଦ୍ୱାରା ସଦସ୍ୟମାନେ ପାଉଥିବା ବିଭିନ୍ନ ସୁବିଧା ଓ ଉପକାରିତା ଉପରେ ଆଲୋକପାତ କରିଥିଲେ।କେସିସିଏଲ୍ ସଭାପତି ପ୍ରମୋଦ ସାହୁ କହିଥିଲେ, ସମବାୟକୁ ସୁଚାରୁ ରୂପେ ପରିଚାଳନା କରାଗଲେ ବ୍ୟକ୍ତିଠାରୁ ପରିବାର, ଗ୍ରାମ, ରାଜ୍ୟ ଓ ଦେଶର ଅର୍ଥନୀତିକୁ ସୁଦୃଢ଼ କରାଯାଇପାରିବ। କୃଷି ବ୍ୟତୀତ ଅନ୍ୟାନ୍ୟ ଉଦ୍ୟୋଗକୁ ମଧ୍ୟ ସମବାୟ ସମିତି ମାଧ୍ୟମରେ ପ୍ରୋତ୍ସାହନ ଦେବା ଆବଶ୍ୟକ ବୋଲି ସେ କହିଥିଲେ।କେସିସିଏଲ୍ ପକ୍ଷରୁ ଅବିଭକ୍ତ କଟକ ଜିଲ୍ଲାରେ ୧୩ଟି ଶାଖା ଖୋଲାଯାଇ ୧ ଲକ୍ଷ ୪୭ ହଜାର ସଦସ୍ୟଙ୍କୁ ସାମିଲ କରାଯାଇଥିବା ସୂଚନା ଦିଆଯାଇଥିଲା। ବିଭିନ୍ନ ଯୋଜନାରେ ଅସହାୟ ବ୍ୟକ୍ତି, ପରିବାର ଓ ସଂଗଠନକୁ ସହଯୋଗ ସହିତ ଶିକ୍ଷା ଓ ଚିକିତ୍ସା କ୍ଷେତ୍ରରେ ମଧ୍ୟ ସହାୟତା ପ୍ରଦାନ କରାଯାଉଥିବା କୁହାଯାଇଥିଲା। ଏହି ଅବସରରେ ସଫଳ ଉଦ୍ୟମୀ ଭାବେ ଜଗତସିଂହପୁର ଜିଲ୍ଲାର ସଫଳ ଚାଷୀ ସୌରଭ ପଟ୍ଟନାୟକ, ବଡ଼ଚଣା ବ୍ଲକ୍‌ର ଆଦର୍ଶ କୃଷି ସମବାୟ ସମିତି, ଖବରଦାତା ମଳୟରଞ୍ଜନ ମହାନ୍ତି, ସମବାୟବିତ୍ ମମତା ପଣ୍ଡା, ଡା. ଉମେଶ ଚନ୍ଦ୍ର ରାୟ, ସମବାୟବିତ୍ ନୃସିଂହ ଚରଣ ମହାନ୍ତି ଓ ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତ୍ତା ସ୍ୱପ୍ନ ସିଂହଙ୍କୁ କେସିସିଏଲ୍ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ ଅରବିନ୍ଦ ସାହୁ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିବା ବେଳେ ଅତିରିକ୍ତ ସମ୍ପାଦକ ମନୋଜ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସମିତିର ନିର୍ଦ୍ଦେଶକ, କର୍ମଚାରୀ, ଏଜେଣ୍ଟ ଓ ସଦସ୍ୟମାନେ ବହୁସଂଖ୍ୟାରେ ଉପସ୍ଥିତ ଥିଲେ।

# ଟାଙ୍ଗିସାହି ଉଚ୍ଚ ବିଦ୍ୟାଳୟରେ ବୃକ୍ଷ ରୋପଣ

ବୋଲଗଡ - ବୋଲଗଡ ବ୍ଲକ୍ ଅନ୍ତର୍ଗତ ଟାଙ୍ଗିସାହି ସ୍ଥିତ ରଘୁନାଥ ମଧୁସୂଦନ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବୋଲଗଡ ବରିଷ୍ଠ ନାଗରିକ ମଞ୍ଚ ତଥା ବୋଲଗଡ ପୂଜ୍ୟପୂଜା ସଂସଦ ତରଫରୁ ବିଭିନ୍ନ ପ୍ରକାରର ଫଳ ଗଛ ରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଉଭୟ ସଂଗଠନର ସଭାପତି ଗୋପୀନାଥ ଖାଡ଼ଙ୍ଗା,ସମ୍ପାଦକ ରଘୁନାଥ ଦଳବେହେରା, ଡଃ. ଗୀତାଞ୍ଜଳି ମହାପାତ୍ର, କବି ଡଃ.ଲୁଣ୍ଡୁ ତ୍ରିପାଠୀ, କବି ଭକ୍ତ ବଲ୍ଲଭ ପଟ୍ଟନାୟକ, ପ୍ରଫୁଲ୍ଲ କୁମାର ପାଇକରାୟ, କବୟିତ୍ରୀ ସରୋଜିନୀ ପାଟ୍ଟଶାଣୀ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ସାହୁ, ଶିକ୍ଷକ ପ୍ରିୟ ଦେବାଶିଷ ସାମଲ, ଶିକ୍ଷୟତ୍ରୀ ସ୍ନେହଲତା ବାରିକ ତଥା ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ଅତିଥି ମାନେ ବୃକ୍ଷ ଲତା ର ଆବଶ୍ୟକତା,ଜଳବାୟୁ ଓ ପରିବେଶ ସମ୍ପର୍କରେ ଆଲୋକପାତ କରିଥିଲେ ।।

## ସଂପାଦକୀୟ

# ‘ନିଟ୍’ ବଜ୍ରପାତ

ପରୀକ୍ଷା ବାତିଲ ହେବା ଶୁଣି ଗୋଆର ମୋରଗାଓ ଠାରେ ଅତ୍ୟନ୍ତ ମ୍ରିୟମାଣ ଜଣେ ସତର ବର୍ଷ ବୟସ୍କ ତରୁଣ ଆତ୍ମହତ୍ୟା କରି ଦେଇଛନ୍ତି। ପିତାଙ୍କ ଉଦ୍ଦେଶ୍ୟରେ ଲିଖିତ ଏକ ପତ୍ରରେ ସେ ଲେଖିଛନ୍ତି ଯେ ସେ ଆଉ ଥରେ ପରୀକ୍ଷା ଦେବାକୁ ଚାହାନ୍ତି ନାହିଁ। ଏହି ଲେଖାରୁ ବାରି ହୋଇଯାଏ ଯେ ପରୀକ୍ଷାର ଚାପ ଓ ପ୍ରସ୍ତୁତି ପାଇଁ ଲୋଡ଼ା ଅଭ୍ୟାସର ନିର୍ମମତା କିଭଳି ଅସଂଖ୍ୟ ପରୀକ୍ଷାର୍ଥୀଙ୍କ ଲାଗି ଅସହନୀୟ ହୋଇ ଉଠୁଥିବ।ଦୀର୍ଘ ସମୟର ନିରନ୍ତ୍ର ଅଭ୍ୟାସ ଓ ପ୍ରସ୍ତୁତି ପରେ ଏକକ ମେଡିକାଲ ପ୍ରବେଶିକା ପରୀକ୍ଷା ‘ନିଟ୍-ୟୁଜି’ (ନେସନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ)ରେ ଅବତୀର୍ଣ୍ଣ ହୋଇ ପରୀକ୍ଷା ଫଳକୁ ପ୍ରତୀକ୍ଷା କରିଥିବା ୨୨ ଲକ୍ଷ ଛାତ୍ରଛାତ୍ରୀଙ୍କ ଉପରେ, ସପ୍ତାହେ ପୂରୁ ନ ପୂରୁଣୁ, ଏକ ଅକାଳ ବଜ୍ରପାତ ସ୍ୱରୂପ ଖବରଟି ପହଞ୍ଚିଛି ଯେ ପରୀକ୍ଷାଟି ସଂପୂର୍ଣ୍ଣ ରୂପେ ବାତିଲ ହୋଇଯାଇଛି। କହିବା ଅନାବଶ୍ୟକ ଯେ ସେହି ୨୨ ଲକ୍ଷ ପରୀକ୍ଷାର୍ଥୀ ଏକ ଉତ୍ସାହ-ଶୁଷ୍କ ବାତାବରଣରେ ବିନିଦ୍ର ରଜନୀର ପରିଶ୍ରମ ଏବଂ ଅନିଶ୍ଚିତ ଭବିଷ୍ୟତର ଘୋର ଉଦ୍‌ବେଗ ମଧ୍ୟକୁ ପୁନର୍ବାର ନିକ୍ଷେପିତ ହୋଇଯାଇଛନ୍ତି। ଚଳିତ ବର୍ଷ ସରକାରୀ ଓ ବେସରକାରୀ ମିଶି ପ୍ରାୟ ୧.୫ ଲକ୍ଷ ଏମ.ବି.ବି.ଏସ. ସିଟ୍ ଲାଗି ପ୍ରବେଶିକା ପରୀକ୍ଷା ହେଉଛି, ଯାହାର ଅର୍ଥ ପ୍ରତି ଆସନ ଲାଗି ପ୍ରତିଦ୍ୱନ୍ଦ୍ୱୀଙ୍କ ସଂଖ୍ୟା ପ୍ରାୟ ୧୭ ଏବଂ ସ୍ୱଳ୍ପ ବ୍ୟୟରେ ଡାକ୍ତର ହେବାର ସୁଯୋଗ ଦେଉଥିବା କେବଳ ସରକାରୀ ମେଡିକାଲ କଲେଜରେ ଆସନକୁ ନେଇ ହିସାବ କଲେ ଏହା ହେବ ପ୍ରତି ସିଟ୍ ଲାଗି ପ୍ରାୟ ୪୦ ଜଣ ପ୍ରତିଦ୍ୱନ୍ଦ୍ୱୀ। ଏଥିରୁ ଅନୁମାନସାପେକ୍ଷ ଯେ ପ୍ରାର୍ଥୀ ଓ ସେମାନଙ୍କ ପରିବାର ଉପରେ ଏହି ପରୀକ୍ଷାର ଚାପ କିଭଳି ଦୁର୍ବିଷହ ହୋଇଥାଏ। କିନ୍ତୁ ତା’ ଠାରୁ ଅଧିକ ବିଚଳିତକର ବିଷୟଟି ହେଲା ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାରେ ବାରମ୍ବାର ପ୍ରଶ୍ନପତ୍ର ଲିକ୍ ହେଉଥିବାରୁ ସରକାରଙ୍କ ସାମର୍ଥ୍ୟ ସହିତ ରାଷ୍ଟ୍ରର ଭାବମୂର୍ତ୍ତି ମଧ୍ୟ ପ୍ରଶ୍ନସଂକୁଳ ହୋଇ ପଡ଼ିଛି। ଗଣମାଧ୍ୟମ ସୂତ୍ରରୁ ପ୍ରକାଶ ଯେ ପରୀକ୍ଷାର ଅନ୍ତତଃ ୪୮ ଘଣ୍ଟା ପୂର୍ବରୁ ପ୍ରଶ୍ନପତ୍ର ଲିକ୍ ହୋଇସାରିଛି ବୋଲି ସୂଚନା ନେଇ ଏକ ଇ-ମେଲ, ମେ ୭ ତାରିଖ ଦିନ (ପରୀକ୍ଷାର ଚାରି ଦିନ ପରେ) ପରୀକ୍ଷା ପରିଚାଳନାକାରୀ ସଂସ୍ଥା ‘ନେସନାଲ ଟେଷ୍ଟିଂ ଏଜେନ୍‌ସି’ ବା ‘ଏନ୍.ଟି.ଏ.’ ନିକଟରେ ପହଞ୍ଚିଥିଲା, ଯାହା ସତ୍ୟ ବୋଲି ତଦନ୍ତ ପରେ ହୃଦ୍‌ବୋଧ ହେବାରୁ ପରୀକ୍ଷା ବାତିଲ କରିବାର ଅନିବାର୍ଯ୍ୟତା ଉପୁଜି ଥିଲା। କହିବା ବାହୁଲ୍ୟ ଯେ ‘ନିଟ୍’ ପରୀକ୍ଷାର ଆୟୋଜନ ଏକ ଅତ୍ୟନ୍ତ ବିଶାଳ ବ୍ୟାପାର; ବାତିଲ ହୋଇଥିବା ପରୀକ୍ଷାରେ ୧୪ଟି ରାଜ୍ୟର ୫୫୦ଟି ସହରରେ ୫୪୦୦ଟି ପରୀକ୍ଷା କେନ୍ଦ୍ର ସଂପୃକ୍ତ ଥିଲେ; ଏକ ମୋଟାମୋଟି ହିସାବ ଅନୁସାରେ ପ୍ରଶ୍ନ ପତ୍ର ପ୍ରସ୍ତୁତିରୁ ଆରମ୍ଭ କରି ପରୀକ୍ଷା ହଲରେ ପ୍ରାର୍ଥୀମାନଙ୍କୁ ସେଗୁଡ଼ିକର ବିତରଣ ପର୍ଯ୍ୟନ୍ତ ସମୟ ଖଣ୍ଡ ମଧ୍ୟରେ ଲକ୍ଷାଧିକ ବ୍ୟକ୍ତି ଏହାର ପ୍ରିଣ୍ଟିଂ, ପରିବହନ ଓ ସୁରକ୍ଷା ଇତ୍ୟାଦି ପ୍ରକରଣରେ ସଂଶ୍ଳିଷ୍ଟ ହୁଅନ୍ତି, ଯେଉଁଠି ଦୁର୍ନୀତିକୁ ପ୍ରଶ୍ରୟ ଦେଲା ଭଳି ଛିଦ୍ରଟିଏ ସନ୍ଧାନ କରିବା ସମ୍ଭବ ହୋଇଯାଏ। ପ୍ରତି ପ୍ରଶ୍ନ ପତ୍ରକୁ ପ୍ରାୟ ୨୫ରୁ ୩୦ ଲକ୍ଷ ଟଙ୍କାରେ ବିକ୍ରୟ କରାଯାଉଥିବା ଭଳି ସ୍ଥିତିରେ ବିପୁଳ ଅଧର୍ମ ବିତ୍ତ ଆହରଣର ଆକର୍ଷଣ ଦୁର୍ଲଂଘ୍ୟ ହେଉଥିବା ସ୍ୱାଭାବିକ। ବାତିଲ ହୋଇଥିବା ପରୀକ୍ଷାରେ ପ୍ରଶ୍ନପତ୍ରର ଖରିଦଦାରଙ୍କ ସଂଖ୍ୟା ୬୦୦ରୁ ଅଧିକ ବୋଲି ଅନ୍ତତଃ ପ୍ରାରମ୍ଭିକ ଅନୁସନ୍ଧାନରୁ ଜଣାପଡ଼ିଛି। ଗିରଫ ହୋଇଥିବା ବ୍ୟକ୍ତିଙ୍କ ଠାରୁ କିଛି କୋଚିଂ ସେଣ୍ଟର ଓ ଘରୋଇ ମେଡିକାଲ କଲେଜର ଲିଂକ୍ ନେଇ ମଧ୍ୟ ସନ୍ଦେହ ଦୃଢ଼ ହୋଇଛି। ସ୍ୱାଭାବିକ ଭାବେ ଯଦିଓ ଏଥି ଲାଗି ତୀବ୍ର ସମାଲୋଚନାର ଶରବ୍ୟ ହେଉଛନ୍ତି ‘ଏନ.ଟି.ଏ.’ର ଡାଇରେକ୍ଟର ଜେନେରାଲ (ଡିଜି) ଅଭିଷେକ ସିଂହ। ଗଲା ଏପ୍ରିଲ ମାସରେ ତାଙ୍କୁ ଏହି ନୂତନ ଦାୟିତ୍ୱ ପ୍ରଦାନ ମଧ୍ୟ ଭ୍ରୁକୁଂଚନ ସୃଷ୍ଟି କରିଥାଏ। ଏହାର ଅର୍ଥ ପରୀକ୍ଷା ଆଗରୁ ତାଙ୍କୁ ମିଳିଛି ମାତ୍ର ଗୋଟିଏ ମାସର ସମୟ, ଯେଉଁ ଅଭିଜ୍ଞତା ଏଭଳି ଏକ ଅତିକାୟ ପରୀକ୍ଷାର ପରିଚାଳନା ସଂଦର୍ଭରେ ନିହାତି କମ୍। ସୁତରାଂ, ବଡ଼ ସନ୍ଦେହଟି ହେଲା, ଠିକ୍ ‘ନିଟ୍’ ପୂର୍ବରୁ ଜଣେ ନୂତନ ଡିଜିଙ୍କ ନିଯୁକ୍ତି ଏକ ବୃହତ୍ ଷଡ଼୍‌ଯନ୍ତ୍ରର ଅଂଶ ନୁହେଁ ତ ଦ୍ୱିତୀୟରେ, ପୁଣି ଥରେ ହେବାକୁ ଥିବା ପରୀକ୍ଷାଟି ସଂପୂର୍ଣ୍ଣ ପାରଦର୍ଶୀ ଓ ଛିଦ୍ରମୁକ୍ତ ହେବ ବୋଲି ଗ୍ୟାରେଣ୍ଟି କେଉଁଠାରୁ ମିଳିବ ଅବାଧ ଦୁର୍ନୀତି ପୁନର୍ବାର ଶିରୋତ୍ତୋଳନ କରିବ ନାହିଁ ତ ଏହା ପୂର୍ବରୁ ୨୦୨୪ ମସିହାରେ ମଧ୍ୟ ‘ନିଟ୍’ ପ୍ରଶ୍ନପତ୍ର ଲିକ୍ ଜନିତ ବିବାଦ ଦ୍ୱାରା କଳୁଷିତ ହୋଇଛି। କହିବା ବାହୁଲ୍ୟ ଯେ ଏହା ପରେ ଘୋର ଚାଞ୍ଚଲ୍ୟ, ବିବାଦ, ବିତର୍କ ଓ ଗିରଫଦାରି ଆଦି ଦୃଷ୍ଟିଗୋଚର ମଧ୍ୟ ହୋଇଛି। କିନ୍ତୁ, ଏ ଯାବତ୍ କେହି ଜଣେ ହେଲେ ସୁଦ୍ଧା ଦଣ୍ଡିତ ହୋଇନାହାନ୍ତି, ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ବିଷୟ ତ ଦୂରର କଥା! କହିବା ଅନାବଶ୍ୟକ ଯେ କେବଳ ‘ନିଟ୍’ ନୁହେଁ, ବିଭିନ୍ନ ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ଜନିତ ବିବାଦ ବାରମ୍ବାର ଆବିର୍ଭୂତ ହେବା ପଛରେ ଏହା ହିଁ ହେଉଛି ମୂଳ କାରଣ, ଯଦ୍ଦ୍ୱାରା କେଣସି ପରୀକ୍ଷାର ପବିତ୍ରତା ନେଇ କିଛି ହେଲେ ସୁଦ୍ଧା ହଲପ୍ କରି କୁହାଯାଇପାରୁନାହିଁ।

ମେଧାବୀମାନେ ଡାକ୍ତରୀ ପଢ଼ନ୍ତୁ ବୋଲି ଯେଉଁ ଲକ୍ଷ୍ୟ ନେଇ ଏକକ ପ୍ରବେଶିକା ପରୀକ୍ଷା ‘ନିଟ୍’ର ପରିକଳ୍ପନା କରାଯାଇଥିଲା, ତାହା କିଭଳି ଭ୍ରଷ୍ଟ ହୋଇଛି ଏବଂ ତହିଁରୁ କିଭଳି ପ୍ରଶ୍ନପତ୍ର ଲିକ୍ ହେବା ଭଳି ଦୁଷ୍ପ୍ରକରଣ ସୃଷ୍ଟି ହୋଇଛି, ତାହା ମଧ୍ୟ ପ୍ରଣିଧାନଯୋଗ୍ୟ। ମେଡିକାଲ ପଢ଼ିବା ଲାଗି ‘ନିଟ୍’ରେ ଉତ୍ତୀର୍ଣ୍ଣ ହେବାର ଅନିବାର୍ଯ୍ୟତାରେ ନିହିତ କାରଣଟି ଥିଲା ମେଧାକୁ ସୁଯୋଗ ଦେବାର ଆଗ୍ରହ। ‘ନିଟ୍’ର ପ୍ରଚଳନ ପୂର୍ବରୁ ଘରୋଇ ମେଡିକାଲ କଲେଜଗୁଡ଼ିକ ପ୍ରାୟତଃ ସ୍ୱ-ପରିଚାଳିତ ପ୍ରବେଶିକା ପରୀକ୍ଷାର ପ୍ରହସନ କରିଆସୁଥିଲେ। ତେବେ, ସେ ଯାହା ହେଉ, ସାଂପ୍ରତିକ ବସ୍ତୁ ସ୍ଥିତି ହେଲା ‘ନିଟ୍’ ପରେ ମଧ୍ୟ ସ୍ଥିତି ବିଶେଷ ବଦଳି ନାହିଁ; ଦୁର୍ବଳ ମେଧାଯୁକ୍ତ ଛାତ୍ରଛାତ୍ରୀ ଡାକ୍ତରୀ ପଢ଼ିବାର ସୁଯୋଗ ପାଉଛନ୍ତି। ଉଦାହରଣ ସ୍ୱରୂପ ୨୦୨୩ ଓ ୨୦୨୪ ମସିହାରେ ‘ନିଟ୍ କଟ୍‌ଅଫ୍ ମାର୍କ’ ବା ‘ପାସ ମାର୍କ’ ଥିଲା ଯଥାକ୍ରମେ ୧୩୭ (୧୯.୦୩%) ଓ ୧୬୪ (୨୨.୭୮%), ଯାହା ନିଃସନ୍ଦେହରେ ଅତ୍ୟନ୍ତ ନିମ୍ନ ସ୍ତରୀୟ ଓ ଯହିଁରେ ସ୍ଥାନ ପାଇଥିଲେ ପ୍ରାୟ ୧୦ରୁ ୧୨ ଲକ୍ଷ ସରିକି ପରୀକ୍ଷାର୍ଥୀ। ଏଥିରେ ଦ୍ୱିରୁକ୍ତି ନାହିଁ ଯେ ଏମାନଙ୍କ ମଧ୍ୟରୁ ଅସଂଖ୍ୟଙ୍କ ମେଧାଗତ ସମ୍ଭାବନା ସନ୍ଦେହାସ୍ପଦ ହୋଇଥିବ। ଏହି ସଂଦର୍ଭରେ ପ୍ରଶ୍ନ ଉଠିଥାଏ ଯେ ମାତ୍ର ୧.୫ ଲକ୍ଷ ଡାକ୍ତରୀ ସିଟ୍ ଲାଗି ୧୦ରୁ ୧୨ ଗୁଣ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ପାସ୍ କରାଇବାର କାରଣ କ’ଣ ହୋଇପାରେ ‘କଟ୍‌ଅଫ୍ ମାର୍କ’କୁ ଉପରକୁ ଟେକି ସଫଳତାର ହାରକୁ ହ୍ରାସ କରିବା ସହିତ ମେଧାଗତ ଯୋଗ୍ୟତାକୁ ଗୁରୁତ୍ୱ ପ୍ରଦାନ କରାଯାଉନାହିଁ କାହିଁକି ଏହାର କାରଣ ସମ୍ଭବତଃ ଏହା ଯେ ଅଧିକ ସଂଖ୍ୟକ ସଫଳ ପରୀକ୍ଷାର୍ଥୀଙ୍କ ଭିତରୁ ବାର୍ଷିକ ହାରାହାରି ୮୦ ଲକ୍ଷରୁ ୧ କୋଟି ଟଙ୍କା ପର୍ଯ୍ୟନ୍ତ ବ୍ୟୟ କରି ଡାକ୍ତରୀ ପଢ଼ିବା ଲାଗି ଯଥେଷ୍ଟ ସଂଖ୍ୟକ ଧନିକ ଦୁଲାଳମାନଙ୍କ ଆବିର୍ଭାବ ଘଟିବ। ଏଭଳି ସ୍ଥିତିରେ ବିଡ଼ମ୍ବନାଟି ହେଲା, ସର୍ବଭାରତୀୟ ସ୍ତରରେ ୭୦ ହଜାର ରାଙ୍କ ରଖି ସୁଦ୍ଧା ସରକାରୀ ମେଡିକାଲ କଲେଜରେ, ସ୍ୱଳ୍ପ ବ୍ୟୟରେ, ପଢ଼ିବାର ସୁଯୋଗ ନ ପାଇ ବାରମ୍ବାର ପରୀକ୍ଷା ଦେଇ ଚାଲିଥିବା ମଧ୍ୟବିତ୍ତ ପରିବାରର ମେଧାବୀ ସନ୍ତାନମାନଙ୍କ ଗହଣରେ ଦେଖିବାକୁ ମିଳନ୍ତି ତାମିଲନାଡୁର ଏସିଏସ୍ ମେଡିକାଲ କଲେଜରେ ଡାକ୍ତରୀ ପଢୁଥିବା ଜଣେ ଛାତ୍ର, ଯାହାଙ୍କ ନିଟ୍ ରାଙ୍କ ଥିଲା ୧୦୧୨୩୯୨। କହିବା ବାହୁଲ୍ୟ, ୩୦ ଲକ୍ଷ ଟଙ୍କା ଦେଇ ଏହି ବର୍ଗ ହିଁ ଚୋରା ପ୍ରଶ୍ନପତ୍ର ଖର୍ଦ୍ଦି କରି ପାରନ୍ତି। ପରୀକ୍ଷା ବାତିଲ ହେବା ଶୁଣି ଗୋଆର ମୋରଗାଓ ଠାରେ ଅତ୍ୟନ୍ତ ମ୍ରିୟମାଣ ଜଣେ ସତର ବର୍ଷ ବୟସ୍କ ତରୁଣ ଆତ୍ମହତ୍ୟା କରି ଦେଇଛନ୍ତି। ପିତାଙ୍କ ଉଦ୍ଦେଶ୍ୟରେ ଲିଖିତ ଏକ ପତ୍ରରେ ସେ ଲେଖିଛନ୍ତି ଯେ ସେ ଆଉ ଥରେ ପରୀକ୍ଷା ଦେବାକୁ ଚାହାନ୍ତି ନାହିଁ। ଏହି ଲେଖାରୁ ବାରି ହୋଇଯାଏ ଯେ ପରୀକ୍ଷାର ଚାପ ଓ ପ୍ରସ୍ତୁତି ପାଇଁ ଲୋଡ଼ା ଅଭ୍ୟାସର ନିର୍ମମତା କିଭଳି ଅସଂଖ୍ୟ ପରୀକ୍ଷାର୍ଥୀଙ୍କ ଲାଗି ଅସହନୀୟ ହୋଇ ଉଠୁଥିବ। ଏହି ପରିପ୍ରେକ୍ଷୀରେ ପୃଥିବୀର ଦ୍ରୁତତମ ଧାବକ ଜାମାଇକୀୟ ସ୍ପ୍ରିଣ୍ଟର ୟୁସେନ ବୋଲ୍ଟ ସ୍ମରଣକୁ ଆସନ୍ତି, ଯିଏ ଏକ ସାକ୍ଷାତ୍‌କାରରେ କହିଥିଲେ ଯେ ସେମାନଙ୍କ ସାଫଲ୍ୟ ବା ବିଫଳତାକୁ ପଡ଼ିଆରେ ଦେଖୁଥିବା କେହି ଜଣେ ହେଲେ ସୁଦ୍ଧା ବୁଝି ନ ଥାନ୍ତି ଯେ ଏହି ଗୋଟିଏ ଦିନ ସକାଶେ ଦୀର୍ଘକାଳୀନ ଅଭ୍ୟାସରେ ନିମଜ୍ଜିତ ସେମାନେ ସଭିଏଁ କିଭଳି ପ୍ରତ୍ୟହ ମରୁ ଥାଆନ୍ତି। ତେବେ, ଏଭଳି ପ୍ରତ୍ୟହ ମରିବାରୁ ନିଷ୍କୃତି ପାଇବାର ଉପାୟ କ’ଣ ସେହି ଅଗମ୍ୟ ପଥକୁ ବାଛି ନେବା କଦାଚିତ ନୁହେଁ! ଏବଂ ତାହା ବୁଝନ୍ତି ବୋଲି ଲକ୍ଷ ଲକ୍ଷ ପରୀକ୍ଷାର୍ଥୀ ପୁନର୍ବାର ‘ପ୍ରତ୍ୟହ ମରିବାରେ’ ଲାଗି ଗଲେଣି। ସେମାନଙ୍କ ଲାଗି ମୁକ୍ତିର ଏକ ମାତ୍ର ପ୍ରତିଶ୍ରୁତି ହେଉଛି ଏକ ସୁପରିଚାଳିତ, ଦୁର୍ନୀତିବିହୀନ ଓ ପାରଦର୍ଶୀ ‘ନିଟ୍’।

# ଚାଲ, ଲିଗାସିର ଆତ୍ମାକୁ ଖୋଜିବା

କାଳକ୍ଷେପଣ ବର୍ତ୍ତମାନର ସ୍ୱାସ୍ଥ୍ୟକୁ ଶୀର୍ଣ୍ଣ କରେ। ଅପରିଣାମଦର୍ଶିତା ଭବିଷ୍ୟତର ବିସର୍ଜନ କରି ଦେଇପାରେ। କିନ୍ତୁ ଅତୀତ, ଯେଉଁ ରୂପରେ ହେଉ ନା କାହିଁକି, ଅକ୍ଷୁଣ୍ଣ ରହେ। ହୁଏତ କୀର୍ତ୍ତିର କେତନ ଉଡ଼ାଏ ବା ମୃତବତ୍ ଛିଡ଼ା ହୋଇଥାଏ, ଯାହାର ଅନ୍ତ୍ୟେଷ୍ଟି ହୋଇପାରେ ନାହିଁ। ବର୍ତ୍ତମାନକୁ ଜାବୁଡ଼ି ଧରିବାକୁ ତା’ର ଗୋଟିଏ ପ୍ରବୃତ୍ତି ମଧ୍ୟ ଥାଏ। କିନ୍ତୁ ‘ଗତକାଲି’ ଦ୍ୱାରା ଅବରୁଦ୍ଧ ହୋଇ ରହିଲେ, ‘ଆଜି’ ଅନ୍ତଃସାର ଶୂନ୍ୟ ହୁଏ। ‘ଆସନ୍ତାକାଲି’ ଫଳତଃ କେବଳ ନିଷ୍ପ୍ରଭ ହୁଏନାହିଁ, ପଥଚ୍ୟୁତ ହୁଏ। ସେଥିପାଇଁ ‘ଆଜି’ର ଅଙ୍କୁରୋଦ୍‌ଗମ ‘କାଲି’ର ପେଟିକା ଭିତରେ ହେଲେ ବି, ସେ ନୂଆର ସମ୍ଭାର ନେଇ, ‘କାଲି’ ଆଉ ମଧ୍ୟବର୍ତ୍ତୀ ‘ଆଜି’ର କ୍ରମ ହେଉଛି, ସମୟର ଯାତ୍ରା। ଘଟଣା, ଦୁର୍ଘଟଣାର ପ୍ରବାହ। ଯେ କେଣସି ସଭ୍ୟତାର ଭୂଇଁରେ ଅବିରତ। ଯେମିତି ନୈମିଷାରଣ୍ୟର କେଣସି ଏକ ସ୍ନିଗ୍ଧ ସକାଳରେ ଉଗ୍ରଶ୍ରବାଙ୍କ ଆଖ୍ୟାନ ରଜସ୍ୱଳା ଭାରତ ଭୂଇଁରେ ସହସ୍ର ଧାର ହୋଇ ବହି ଯାଉଥିଲା। ମାର୍ମିକ ଅର୍ଥରେ ନଦୀ ହେଉଛି, ଏହି ବହି ଯାଉଥିବା ସମୟର ଧାର। ଔପନ୍ୟାସିକା ଗୀତା ମେହେଟ୍ଟା ନିଜର ଚର୍ଚ୍ଚିତ ଉପନ୍ୟାସ ‘ଦି ରିଭର୍ ସୂତ୍ର’ରେ ନର୍ମଦାକୁ ‘ମେସେଞ୍ଜର ଅଫ୍ ଟାଇମ୍’ ବୋଲି କହିଛନ୍ତି। ଉତ୍ତର ଓ ପରର ଏହି ସରଳ ରେଖିକତା ହେଉଛି ଲିଗାସି ଓ୍ୱସିୟତ୍। ପିଢ଼ି ପରେ ପିଢ଼ି ତା’ର ଧାରକ। ଦେଶ ଓ ରାଜ୍ୟ ପାଇଁ ତାହା ହେଉଛି ରାଜନୀତି, ସଂସ୍କୃତି ଓ ସାମଗ୍ରିକ ସମାଜନୀତିର ଅନୁକ୍ରମଣ ଏବଂ ପରିବାର ତଥା ବଂଶ ପାଇଁ ମୁଖ୍ୟତଃ ସଂପତ୍ତିର ଉତ୍ତରାଧିକାର ଓ ବିପତ୍ତିର ଦାୟ ଭାର। ରାଜନୀତିରେ ଲିଗାସିର ତତ୍ତ୍ୱକୁ ସବୁବେଳେ ପ୍ରଭାବର ଉତ୍ସ ଓ ଧାରା ଭାବରେ ଚିହ୍ନିତ କରାଯାଏ। ଏହା କେବେ ଛେଉଣ୍ଡ ହୁଏ ନାହିଁ। ଉତ୍ତରାଧିକାରର ଦାବି ଓ ପ୍ରତିଦାବି ଜନ ଆଲୋଚନାର କ୍ଷେତ୍ରରେ ଭିଡ଼ ବାନ୍ଧନ୍ତି। ନିଜସ୍ୱ ଔଚିତ୍ୟକୁ ସାବ୍ୟସ୍ତ କରିବା ପାଇଁ ନିର୍ବାଚିତ ଅବତାରଣା କରାଯାଏ। ବିରାଜମାନ ଶୂନ୍ୟତା ଓ ଅଭାବବୋଧର ବ୍ୟାଖ୍ୟା କରାଯାଇ ତଥାକଥିତ ସ୍ୱର୍ଣ୍ଣିମ ଅତୀତର ନୀରାଜନା କରାଯାଏ। ନିକଟରେ ପ୍ରତିପକ୍ଷଙ୍କ ଦ୍ୱାରା ‘କଳିଙ୍ଗ’ ଧରଣୀର କୃଷ୍ଣସାର ଭାବରେ ଆଖ୍ୟାୟିତ ବିଜୁ ପଟ୍ଟନାୟକ ଏବଂ ଶିଷ୍ଟତା, ସଂକଳ୍ପ ଓ ସିଦ୍ଧିର ଅନନ୍ୟ ବ୍ୟକ୍ତିତ୍ୱ ଜାନକୀବଲ୍ଲଭ ପଟ୍ଟନାୟକ ଏହି ଲିଗାସିର ତର୍କ ଦ୍ୱାରା ଆଲୋଚନା ମଧ୍ୟକୁ ଆସିଛନ୍ତି। ବିଜୁ ବାବୁଙ୍କୁ କେନ୍ଦ୍ର କରି ଦାବି ଓ ଆଲୋଚନାର ଉତ୍କଣ୍ଠା ବେଶୀ। କାରଣ ସେ ସ୍ୱଭାବତଃ ରୀତି ବହିର୍ଭୂତ ଥିଲେ। ଅଣପାରମ୍ପରିକତା ସଂପନ୍ନ କାର୍ଯ୍ୟାନ୍ୱୟନରେ ରୁଚି ରଖୁଥିଲେ। ଆମର ସମାଜ ବ୍ୟବସ୍ଥାରେ ପୁରୁଷାର୍ଥ ଏହି ଢଙ୍ଗରେ ସହଜରେ ଗ୍ରହଣୀୟ। ଯେତେବେଳେ ବ୍ୟକ୍ତି ଜନମାନସରେ ପୂଜାର ବେଦିରେ ଆସୀନ ହୋଇଯାଏ, ଜନତାର ମନରେ ଯୁକ୍ତି ରହିତ ସ୍ନାୟୁ ଉତ୍ତେଜିତ ଭାବରେ ଉଚ୍ଛାଙ୍ଗ ହୋଇଯାଏ। ବିଶ୍ଳେଷଣ ଓ ବିଚାରବୋଧ ସଂପୂର୍ଣ୍ଣ ସ୍ଥାନାନ୍ତରିତ ହୁଏ। ସେଥିପାଇଁ ବିଜୁ ବାବୁଙ୍କ ଚରିତର ଅନୁଶୀଳନାତ୍ମକ ଆଲୋଚନା ଅପେକ୍ଷା ସାଧାରଣତଃ ଆମେ ଚିତ୍ରାୟନର ବିଳାସରେ ରୁଚି ରଖୁ। ଏହି ମାନସିକ ଆମୋଦର ଆକର୍ଷଣ ଆମ ରାଜ୍ୟରେ ଏତେ ପରିମାଣରେ ବ୍ୟାପ୍ତ, ଶାସକ ବା ବିରୋଧୀ କେହି, ଶତକଡ଼ା ଦଶ ଭାଗ ହେଲେ ବି, ତାଙ୍କ ଜୀବନର ବିପରୀତ ଦିଗଟିକୁ ଆଲୋଚନା କରିବାର ଉପକ୍ରମ କରିବାକୁ ସାହସ ଜୁଟେଇ ପାରିନାହାନ୍ତି କି ପାରିବେ ନାହିଁ। ଜାନକୀ ବାବୁଙ୍କ ଭଳି ଅନ୍ୟଥା ଧୀସଂପନ୍ନ ରାଜନେତିକ ବ୍ୟକ୍ତିତ୍ୱଙ୍କର ନିଷ୍ପକ୍ଷ ଆଲୋଚନା ମଧ୍ୟ ଉତ୍ତରାଧିକାରର ଛାୟା ପ୍ରତି ସଂକୋଚ ଭାବ ପାଇଁ ସମ୍ଭବ ନୁହେଁ।ପ୍ରଶ୍ନ ହେଉଛି, ଲିଗାସିର ଢାଞ୍ଚାଟି କ’ଣ ଏହା କ’ଣ କେବଳ ଜଣେ ବ୍ୟକ୍ତିର ଜୀବନ ତଥା ଜୀବନୀ-କେନ୍ଦ୍ରିକ ସେହି ନ୍ୟାୟରେ ଏହା ଅନ୍ୟ ଦ୍ୱାରା ଲିଖିତ ଜୀବନୀ ବା ସ୍ୱରଚିତ ଆତ୍ମଜୀବନୀ ବହିନିବିଷ୍ଟ ହୋଇଯିବା କଥା। ଲିଗାସି ବାସ୍ତବରେ ଏକ ସମୟ ଖଣ୍ଡର ପ୍ରଭାବ। ଉପଲକ୍ଷ୍ୟ ବ୍ୟକ୍ତିଙ୍କ ଆତଯାତରେ ଉଷ୍ମ ହୋଇଥିବା ସଂପୃକ୍ତ ପରିମଣ୍ଡଳରୁ ବିଚ୍ଛୁରିତ ଅନେକ ନିଃଶବ୍ଦ ବାର୍ତ୍ତାର ସମାହାର। ଚିହ୍ନିତ ଛୋଟବଡ଼ କାଳଖଣ୍ଡଗୁଡ଼ିକରୁ ଆପେଆପେ ନିଷ୍କୃତ ଅବ୍ୟବସ୍ଥିତ ସଂଳାପ-ସମୂହ। ଲିଗାସିର ରାଜପଥ ଦୁଇଥାକିଆ। ଗୋଟିଏ ହେଉଛି ପ୍ରକ୍ଷେପଣ, ଅନ୍ୟଟି ଗ୍ରହଣ। ଗ୍ରହଣରେ ମାନି ନେବାର ଇଚ୍ଛା ତୀବ୍ର ହେବା କଥା। ସେଥିପାଇଁ ବ୍ୟାଟନ୍ ବାହକମାନଙ୍କ ପ୍ରସ୍ତୁତି ଅଧିକ ଗୁରୁତ୍ୱପୂର୍ଣ୍ଣ। ନିଜକୁ ଯୋଗ୍ୟ କରି ଗଢ଼ିବାର ଦାୟିତ୍ୱ ସଂପାଦନ।ଲିଗାସିକୁ କେବଳ ଉତ୍ତରାଧିକାର ଭାବରେ ଅଭିହିତ କରିବା ଅର୍ଥ ଏହାର ପରିଧିକୁ ସଂକୁଚିତ କରିବା। ଅଧିକାର ସାବ୍ୟସ୍ତ କରିବାର ଉଦ୍ୟମରେ ଥାଏ ଯେ କେଣସି ରାସ୍ତାରେ ସ୍ୱୀକୃତିର ଆଦାୟ ବା ଅଧିଗ୍ରହଣ। ବୁଝିବାକୁ ହେବ, ଗ୍ରହଣରେ ସ୍ୱେଚ୍ଛାର ବଳ ରହିଲେ ତାହା ହୋଇଯାଏ ଅଧିଗ୍ରହଣ। ଅନ୍ୟ ଭାଷାରେ କହିବାକୁ ଗଲେ, ଏହି ଚେଷ୍ଟା ଭିତରେ ନିହିତ ଥାଏ ପ୍ରଦର୍ଶନର ଅଶୁଦ୍ଧ ଆକାଂକ୍ଷା। ଅପର ପକ୍ଷରେ ଲିଗାସି ଏକ ନିରବ ପ୍ରବାହ। ରାଜନେତିକ ଘଟଣାବଳୀ, ପ୍ରେକ୍ଷାପଟର ନେତୃତ୍ୱ, ସାମାଜିକ ଚେତନା, ସଂସ୍କୃତି ଓ ସାହିତ୍ୟର ବିରାସତ୍, ଐତିହ୍ୟ ଓ ପରମ୍ପରାର ଧରୋହର ଏବଂ ସାମାଜିକ ଓ ଅର୍ଥନେତିକ ନ୍ୟାୟ ଉପରେ ଆସ୍ଥା ତଥା ବିଚାର ହେଉଛି ଏହି ନିରନ୍ତରତାର ଅଂଶ। ଇତିହାସର ପୁନରାବୃତ୍ତି ହୁଏତ ହୁଏ ନାହିଁ, କିନ୍ତୁ ପରିପ୍ରେକ୍ଷୀ, ସାମାଜିକ ଆଚରଣ ଓ ନେତୃତ୍ୱର ପରାକାଷ୍ଠାରେ ଏହାର ଯତିପାତ (ରାଇମିଂ) ତ ନିଶ୍ଚେ ହେବ। ସେଥିରେ ବାଟନ୍ ବାହକମାନଙ୍କର ଭୂମିକା ଅଛି। ସେମାନେ ଅବକ୍ଷୟକୁ ପ୍ରତିରୋଧ କରି ଧାରାର ଅନୁକୂଳଗ୍ରାହ୍ୟତା ପାଇଁ ପ୍ରଗତିକାମୀ ସଂଶୋଧନ କରିବା ଦରକାର।ଅବଶ୍ୟ, ବଦଳୁଥିବା ଲୋକକ୍ଷେତ୍ରରେ ନୂଆ ନୂଆ ଟ୍ରେଣ୍ଡ୍‌କୁ କଳ୍ମଷ କହି ବର୍ଜ୍ୟ ଭାବରେ ଛାଡ଼ି ହେବ ନାହିଁ। ସବୁ କ୍ଷେତ୍ର ପାଇଁ ଏହା ପ୍ରଯୁଜ୍ୟ। ଆଦ୍ୟ ଷଷ୍ଠ ଦଶକରେ ହିନ୍ଦୀ ସିନେମାରେ ନାୟିକାଙ୍କ ଶାରୀରିକ ଭଙ୍ଗିମା ଓ ମାଂସପେଶୀର ଆଂଶିକ ପ୍ରଦର୍ଶନକୁ ଯେତେବେଳେ ମହିଳା ସାଂସଦ ଲୀଳାବତୀ ମୁନ୍‌ସୀ ସାମାଜିକ ବିଶୃଙ୍ଖଳାର କାରଣ ବୋଲି କହି ଚିନ୍ତା ବ୍ୟକ୍ତ କଲେ, ସେହି ସମୟରେ କଳା ଜଗତର ତାରକା ତଥା ଏମ୍‌ପି ପୃଥ୍ୱୀରାଜ କପୁରଙ୍କ ଉତ୍ତର ଥିଲା, ସୂର୍ଯ୍ୟଙ୍କର ଔଜ୍ଜ୍ୱଲ୍ୟ ଓ ଅନ୍ଧକାର ପରସ୍ପର ଠାରୁ ଅଲଗା ହୋଇପାରିବେ ନାହିଁ। କିନ୍ତୁ ରାଜନୀତିରେ ହାତ ଛନ୍ଦାଛନ୍ଦି ଏହି ବିରୋଧାଭାସ ଆଜି ଦୟନୀୟ ଭାବରେ ଦୁର୍ଦ୍ଦଶାଗ୍ରସ୍ତ। ଭଲମନ୍ଦର ଲୁଚକାଳି ଖେଳ ଆଉ ନାହିଁ। ପିଲାଦିନର ଗୀତ ‘ହାତୀ ଖେଳୁଛି ଦୋଳି, ବାଘ ପିଠିରେ ଛେଳି’ ଭଳି- ସତ୍ୟର ପରାକ୍ରମ ଉପରେ ସବାର ହୋଇଛି ଅସତ୍ୟର ଦୁର୍ବଳ କାୟା। ଓହ୍ଲାଇବାକୁ ନାଁ ଧରୁନାହିଁ। ଆସନ୍ତୁ, ପଞ୍ଚମ ଦଶକରୁ ଆମ ରାଜନୀତିର ଲିଗାସିକୁ ଝରଣାର କୂଳେକୂଳେ ଅନୁଧାବନ କରିବା। କ୍ଷେତ୍ରକୁ ଆମ ରାଜ୍ୟର ମାନଚିତ୍ରରେ ସୀମିତ ରଖିବା। ସ୍ୱାଧୀନତା ପରବର୍ତ୍ତୀ ଦଶକ ଥିଲା, ଗଣତନ୍ତ୍ରକୁ ଚଖେଇବାର ଅବଧି। ନେତାମାନେ ସେହିଭଳି ଲୋକଙ୍କ ମଧ୍ୟରୁ ଓ ଲୋକଙ୍କ ମଧ୍ୟରେ ଥିଲେ। ଜାତି ଗଢ଼ିବାର ଦଶନ୍ଧି। ମୁକ୍ତି ସଂଗ୍ରାମର ଗାଥା ଜନଜୀବନରେ ତଥାପି ଧ୍ୱନିତ ହେଉଥିଲା। ନବକୃଷ୍ଣ ଚୌଧୁରୀ ଓ ଡକ୍ଟର ହରେକୃଷ୍ଣ ମହତାବଙ୍କ ତ୍ୟାଗ ଓ ଅଧ୍ୟବସାୟର ବନ୍ଦନୀୟ ନେତୃତ୍ୱ ଭାବରେ ସ୍ୱତଃ ପ୍ରତିଭାତ ହେଉଥିଲେ। ଷଷ୍ଠ ଦଶକ ରାଜ୍ୟ ନିର୍ମାଣର ଅବଧି ହେଲା। ବିଜୁ ବାବୁ ସ୍ୱପ୍ନର ସେଦାଗର ଭାବରେ ଛିଡ଼ା ହେଲେ। ବୀରେନ ବାବୁ ଥିଲେ ବଡ଼ ମନର ମଣିଷ। ଗାନ୍ଧୀ, ଗୋପବନ୍ଧୁଙ୍କ ଆଚରଣସିଦ୍ଧତାକୁ ଧରି ରଖିଥିବା ବ୍ୟକ୍ତିତ୍ୱ ସଦାଶିବ ତ୍ରିପାଠୀ ଥିଲେ, ବଦଳୁଥିବା ରାଜ୍ୟରେ ତଥାପି ଏକ ଚରମ ଆତ୍ମିକ ଶୃଙ୍ଖଳାର ନେତୃତ୍ୱ। ସିଂହଦେଓ ହେଲେ ଦୂରଦର୍ଶୀ ପ୍ରଶାସକ। ତାହା ଥିଲା ଅମଲା ଘୋଡ଼ାର ସଇସ ହେବାର ସମୟ। ଅପର ଦିଗରେ ନିର୍ବାଚନୀ ଅବକ୍ଷୟର ଆରମ୍ଭ ମଧ୍ୟ ଷଷ୍ଠ ଦଶକରୁ। ଅର୍ଥ ଆସ୍ତେ ଆସ୍ତେ ଭୋଟରଙ୍କୁ ଜିଣିବାର ଆୟୁଧ ହେଲା।ସପ୍ତମ ଦଶକରେ ଅପେକ୍ଷାକୃତ ବେଶୀ ଅବଧିର ଦୁଇ ମୁଖ୍ୟମନ୍ତ୍ରୀ, ଶ୍ରୀମତୀ ନନ୍ଦିନୀ ଶତପଥୀ ଓ ନୀଳମଣି ରାଉତରାୟଙ୍କ ଠାରେ କରି ଦେଖେଇବାର ଅଭିପ୍ସା ଥିଲା। ନନ୍ଦିନୀ ବାସ୍ତବରେ ଥିଲେ ଅଧିନାୟିକା। ଟିମ୍‌କୁ ନେଇ କାମ କରିବାରେ ନୀଳମଣିଙ୍କ ପାରଦର୍ଶିତା ଥିଲା। କିନ୍ତୁ ରାଜନୀତିର ଅଧୋମୁଖୀ ଗମନ ଅପ୍ରତିହତ ଥିଲା। ଅଷ୍ଟମ ଦଶକରେ ଜାନକୀ ବାବୁଙ୍କ ନେତୃତ୍ୱରେ ସ୍ଥିରତା ପ୍ରତିଷ୍ଠିତ ହେଲା। ସ୍ୱାବଲମ୍ବନ ପାଇଁ ହଜାରେ ଦିନରେ ହଜାରେ କ୍ଷୁଦ୍ରଶିଳ୍ପର ବାସ୍ତବାୟନ ମଧ୍ୟ ହେଲା। କିନ୍ତୁ ମୂଲ୍ୟବୋଧର ସଂକଟ ବହୁଗୁଣିତ ହେଲା। ନବମ ଦଶକ ଥିଲା ଦୁଇ ଜନନେତା ବିଜୁ ପଟ୍ଟନାୟକ ଓ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ରାଜନେତିକ ସଘନୀକରଣର ସମୟ। ଗଣତନ୍ତ୍ରର ବିଜୟ ଅବଧି। ବିଜୁ ବାବୁଙ୍କ ସଫଳ ସରକାର ବିରୁଦ୍ଧରେ ଜନତା ପରିବର୍ତ୍ତନର ରାୟ ଦେଲେ। ଗଣତନ୍ତ୍ର ଗୌରବାନ୍ୱିତ ହେଲା। ଗତ ସରକାରଙ୍କ ଦ୍ୱାରା ରାଜ୍ୟରେ ଭିତ୍ତିଭୂମି ଉନ୍ନୟନରେ କ୍ରାନ୍ତି ଆସିଛି। ବେଶୀ ଉଲ୍ଲେଖନୀୟ ହେଉଛି, ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଅନାସକ୍ତ ବିମଳ ବ୍ୟକ୍ତିତ୍ୱ। ୨୦୨୪ରେ କ୍ଷମତାର ହସ୍ତାନ୍ତର ହୋଇଛି। ଲୋକଙ୍କ ଆକାଂକ୍ଷାକୁ ସମ୍ମାନ ଦେଇ ବର୍ତ୍ତମାନର ସରକାର ଗତିଶୀଳ ଅଛନ୍ତି। ନୂଆ ନେତୃତ୍ୱ ଲୋକଙ୍କ ମନରେ ସମ୍ଭାବନାର ଉଜ୍ଜ୍ୱଳ ସ୍ୱାକ୍ଷର ଆଙ୍କିଛି। କିନ୍ତୁ, ଶାସନ ନିର୍ବିଶେଷରେ ମୂଲ୍ୟବୋଧରେ ଅବତରଣର ତ୍ୱରଣ ପ୍ରାୟ ଅଷ୍ଟମ ଦଶକରୁ ବେଗବାନ ରହିଛି।ରାଜନୀତି, ଅଙ୍ଗୀକାରର ବୃତ୍ତି ଜାଗାରେ ବେଉସାରେ ପରିଣତ ହୋଇଛି। ମ୍ୟାକ୍‌ସ ଓ୍ୱେବର୍ ରାଜନେତିକ ନେତୃତ୍ୱ ମଧ୍ୟରେ ଦୁଇଟି ଗୋଷ୍ଠୀର ସଂଜ୍ଞା ଦେଇଛନ୍ତି: ରାଜନୀତିକୁ ଜୀବନର ବ୍ରତ କରିବା ଓ ରାଜନୀତିକୁ ଜୀବିକା କରିବା। ଦ୍ୱିତୀୟ ଗୋଷ୍ଠୀର ଲୋଭ ଅଣାୟତ୍ତ ହୋଇ ପର ପିଢ଼ିମାନଙ୍କ ପାଇଁ ପ୍ରଭୂତ ଅର୍ଜନର ସୀମା ଟପିଲାଣି। ଆଲୋଚକ ରାମଚନ୍ଦ୍ର ଗୁହା ଏହାକୁ ‘ଫିଦରିଂ ଏ ନେଷ୍ଟ ଫର୍ ଫ୍ୟୁଚର୍ ଜେନେରେସନ୍‌ସ’ ଭାବରେ ଅଭିହିତ କରିଛନ୍ତି। ସନ୍ତାନମାନଙ୍କୁ ବିଦେଶରେ ପଢ଼େଇବା ବଡ଼ବଡ଼ ନେତାଙ୍କର ସଉକରେ ପରିଣତ ହୋଇଛି। ଖଣି, ବାଲି, ରିଏଲ ଇଷ୍ଟେଟ୍‌ର ଅନୁଚିତ ମୁନାଫା ଓ ଠିକାଦାରିର ବଳୟ ବାହାରେ କେତେଜଣ ଆଜି ବିଧାନସଭା ଓ ଲୋକସଭା ନିର୍ବାଚନ ପାଇଁ ପ୍ରାର୍ଥୀ ହେଉଛନ୍ତି ନିର୍ବାଚନୀ ଖର୍ଚ୍ଚରେ ଅମିତାଚାର, ରାଜନୀତିକୁ ଅସାଧୁ ବେପାରୀମାନଙ୍କ ଆଡ଼୍‌ଡାରେ ପରିଣତ କରିଛି। ଅସଦ ଆଗମ ଆକାଶ ଛୁଇଁଛି। ତଥ୍ୟନିଷ୍ଠ ମହଲ ନିଶ୍ଚେ କହିବେ ବିଗତ ଦୁଇ ଦଶନ୍ଧି ହେବ, ଛାତ୍ର ରାଜନୀତିରୁ ମୁଖ୍ୟକ୍ଷେତ୍ରକୁ ଆସିବା ପ୍ରାୟ ବନ୍ଦ। ଦିନ ଥିଲା, ଯେତେବେଳେ ଛାତ୍ର ଆନ୍ଦୋଳନ ଥିଲା ନେତୃତ୍ୱ ସୃଷ୍ଟିର ଉର୍ବର ଭୂମି। ବର୍ତ୍ତମାନ ଓ ଭବିଷ୍ୟତର ନେତା ଯଦି ଅନୁଚିତ ଆକାଂକ୍ଷାରେ ଆକ୍ରାନ୍ତ ହେବାକୁ ପ୍ରସ୍ତୁତ ରହନ୍ତି, ଆଉ ନାଗରିକ ହୁଅନ୍ତି ଖାଲି ଭୋଟ ବଜାରର ଉପଭୋକ୍ତା, ତାହା ହେଲେ ଲିଗାସିର ଅନ୍ୱେଷଣ କେବଳ ପ୍ରଦର୍ଶନ ପାଇଁ ବୋଲି ଧରାଯିବ।ସମୟର ସୁଅରେ ବାହିତ ପ୍ରତ୍ୟେକ ଧାତୁ, ଅଧାତୁର ଖଣ୍ଡ ହେଉଛି ଲିଗାସିର ସଂପତ୍ତି। ବ୍ୟାବହାରିକତା ଓ କାଳୋତ୍ତୀର୍ଣ୍ଣତାକୁ ଦେଖି ସେଗୁଡ଼ିକୁ ସାଉଁଟି ସଂରକ୍ଷଣ କରିବାର ବେଳ ଆସିଛି। ଟିଏସ୍ ଇଲିଅଟ୍ ‘ଓ୍ୱେଷ୍ଟଲ୍ୟାଣ୍ଡ’ରେ ଏହାର ଚମତ୍କାର ବର୍ଣ୍ଣନା ଦେଇଛନ୍ତି, ‘ନଷ୍ଟ ହୋଇ ବିଲୀନ ହୋଇଯିବାରୁ ବଞ୍ଚାଇ, ସାଇତିଛି ଭଗ୍ନାଂଶ ସବୁ କୂଳରେ ସଜାଇ’। ଜନଜୀବନ ଓ ରାଜନେତିକ ପରିମଣ୍ଡଳର ଘଟଣା-ପ୍ରବାହକୁ ପଢ଼ି ଲିଗାସିର ଅନୁଧାବନ କରିବାକୁ ହେବ। ଜଣେ ବ୍ୟକ୍ତି ବା ନେତାକୁ ନେଇ ପ୍ରଭାବର କ୍ଷେତ୍ର ତିଆରି ହୋଇପାରେ, ଲିଗାସି ନୁହେଁ। ରାଜନୀତିରେ ବ୍ୟକ୍ତି-ପୂଜନ ଆମ ବ୍ୟବସ୍ଥାର ପରିପନ୍ଥୀ। ଆମ୍ବେଦକର ଭକ୍ତିକୁ ସାଂବିଧାନିକ-ଗଣତନ୍ତ୍ରର ସମାପ୍ତି ବୋଲି କହିଛନ୍ତି। ହଜି ଯାଇଥିବା ଆତ୍ମାକୁ ଖୋଜିବାକୁ ହେଲେ ଆମକୁ ସ୍ୱାଧୀନତୋତ୍ତର କାଳଖଣ୍ଡକୁ ପୂରା ପଢ଼ିବାକୁ ହେବ। ଲିଗାସି ସନ୍ଧାନରେ ନବକୃଷ୍ଣ ଚୌଧୁରୀଙ୍କୁ ମଧ୍ୟ ଖୋଜାଯାଉ। କାରଣ ଏଭଳି ନେତୃତ୍ୱର ମଧ୍ୟ ଆବଶ୍ୟକତା ଅଛି, ଯିଏ ନୀତି ପାଇଁ ସର୍ବୋଚ୍ଚ ସୋପାନରୁ ଓହ୍ଲାଇ ଯିବାକୁ ମୁହୂର୍ତ୍ତେ ଆନମନା ହେବେ ନାହିଁ।

# ବିକଶିତ ହେବା ପୂର୍ବରୁ ବୃଦ୍ଧ ହେଇଯିବ କି ଓଡ଼ିଶା

ଓଡ଼ିଶାର ଜନସଂଖ୍ୟାଗତ ରୂପାନ୍ତରଣ (ଡେମୋଗ୍ରାଫିକ ଟ୍ରାନଜିସନ) ବର୍ତ୍ତମାନ ଏଭଳି ଏକ ନିର୍ଣ୍ଣାୟକ ମୋଡ଼ରେ ପହଞ୍ଚିଛି, ଯେଉଁଠି ରାଜ୍ୟ ପାଇଁ ସଙ୍କଟ ଓ ସମ୍ଭାବନା ଉଭୟ ସମାନ୍ତରାଳ ଭାବେ ଛିଡ଼ା ହୋଇଛନ୍ତି। ଏଭଳି ଏକ ବିରୋଧାଭାସ ମଧ୍ୟରେ ବିକଶିତ ଓଡ଼ିଶାର ପ୍ରକୃତ ରୂପରେଖ କ’ଣ ହୋଇପାରେ, ତାହା ଆଲୋଚନାସାପେକ୍ଷ ହୋଇଥାଏ।୧୯୭୧ ମସିହାରେ ଆମ ରାଜ୍ୟର ସାମଗ୍ରିକ ପ୍ରଜନନ ହାର (ଟି.ଏଫ.ଆର.) ପ୍ରାୟ ୪.୭ ଥିଲା, ଅର୍ଥାତ୍ ଦଶ ଜଣ ମହିଳା ହାରାହାରି ୪୭ ଜଣ ସନ୍ତାନ ଜନ୍ମ ଦେଉଥିଲେ। ସେତେବେଳର ଉଚ୍ଚ ଶିଶୁ ଓ ମାତୃ ମୃତ୍ୟୁ ହାର, ନିମ୍ନ ମହିଳା ସାକ୍ଷରତା ଓ ସଚେତନତା, ବାଲ୍ୟ ବିବାହ ଏବଂ ସ୍ୱାସ୍ଥ୍ୟ ସେବାର ଅଭାବ ଆଦି ଯୋଗୁଁ ପିଲା ଜନ୍ମ ହାର ଅଧିକ ରହୁଥିଲା। କାରଣ, ଅନିଶ୍ଚିତ ଭବିଷ୍ୟତ ଓ ମୃତ୍ୟୁର ଭୟ ହେତୁ ପରିବାରଗୁଡ଼ିକ ଅଧିକ ସନ୍ତାନ ଜନ୍ମରୁ ଏକ ରକମର ନିରାପତ୍ତା ବୋଧ ଲାଭ କରୁଥିଲେ। କିନ୍ତୁ ଅଷ୍ଟମ ଓ ନବମ ଦଶକରେ ଏଥିରେ ପରିବର୍ତ୍ତନର ଆଭାସ ମିଳିଲା। ଶିକ୍ଷା ଓ ସଚେତନତାର ପ୍ରସାର ଏବଂ ଶିଶୁ ମୃତ୍ୟୁ ହାରରେ ହ୍ରାସ ଭଳି ଅନୁକୂଳ ପରିସ୍ଥିତିରେ ଦଂପତିମାନେ ଏଣିକି ଅଧିକ ସନ୍ତାନ ଜନ୍ମ କରିବାକୁ ଚାହିଁଲେ ନାହିଁ। ସେହି ଦୃଷ୍ଟିରୁ ୨୦୦୦ ମସିହାକୁ ଓଡ଼ିଶା ଇତିହାସରେ ଏକ ମୋଡ଼ ସୃଷ୍ଟିକାରୀ କ୍ଷଣ ବୋଲି କୁହାଯାଇପାରେ। ସେହି କ୍ରମରେ ୨୦୦୮ ମସିହା ବେଳକୁ ଟି.ଏଫ.ଆର. ୨.୪କୁ ଖସି ଆସିଥିଲା। ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ ବା ଏନ.ଏଫ.ଏଚ.ଏସ.-୫ (୨୦୧୯-୨୧) ଅନୁଯାୟୀ ଆମ ରାଜ୍ୟର ଟି.ଏଫ.ଆର. ୧.୮ରେ ପହଞ୍ଚିଲାଣି। କିନ୍ତୁ ଓଡ଼ିଶା ପରିପ୍ରେକ୍ଷୀରେ ଏଭଳି ପରିବର୍ତ୍ତନର ବିସ୍ମୟକର ଓ ଉଦ୍‌ବେଗଜନକ ଦିଗ ହେଉଛି ଏହାର କ୍ଷିପ୍ରତା। ବିସ୍ମୟକର ଏଥି ଲାଗି ଯେ ଓଡ଼ିଶା ଏକ ନିମ୍ନ-ମଧ୍ୟମ ଆୟକାରୀ ପଛୁଆ ରାଜ୍ୟ ହୋଇଥିଲେ ହେଁ ଅତି କମ୍ ସମୟ ମଧ୍ୟରେ ଏହି ସ୍ତରରେ ପହଞ୍ଚିଛି ଏବଂ ଉଦ୍‌ବେଗର ବିଷୟ ହେଲା ଏହି କାରଣରୁ ଓଡ଼ିଶା ପାଖରେ ନିଜକୁ ସମୃଦ୍ଧ କରିବା ପାଇଁ ‘ଡେମୋଗ୍ରାଫିକ୍ ଡିଭିଡେଣ୍ଡ’ ବା କାର୍ଯ୍ୟକ୍ଷମ ଯୁବଶକ୍ତିର ଲାଭ ବହୁତ କମ୍ ସମୟ ପାଇଁ ଉପଲବ୍ଧ ହେବ। ଅବଶ୍ୟ, ଦକ୍ଷିଣ ଭାରତୀୟ ରାଜ୍ୟ ଯଥା କେରଳ କିମ୍ବା ତାମିଲନାଡୁରେ ଟି.ଏଫ.ଆର. ମଧ୍ୟ ଏହି ସ୍ତରର, କିନ୍ତୁ ପ୍ରଭେଦଟି ହେଲା ସେଠାରେ ଆର୍ଥିକ ବିକାଶ ଓ ଶିକ୍ଷାର ସ୍ତର ଯଥେଷ୍ଟ ଉଚ୍ଚରେ ପହଞ୍ଚି ସାରିଛି।୨୦୨୦ ପରବର୍ତ୍ତୀ କାଳୀନ ଓଡ଼ିଶା ଜନସଂଖ୍ୟା ରୂପାନ୍ତରଣର ଶେଷ ପର୍ଯ୍ୟାୟରେ ପ୍ରବେଶ କରିଛି; ଅର୍ଥାତ୍ ବୟସ୍କ ଲୋକଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ୨୦୧୧ ମସିହାରେ ବୟସ୍କ ଲୋକଙ୍କ ସଂଖ୍ୟା ପ୍ରାୟ ୩୯ ଲକ୍ଷ ଥିବା ବେଳେ ୨୦୩୬ ବେଳକୁ ଏହା ୮୨ ଲକ୍ଷରେ ପହଞ୍ଚିବ ବୋଲି ଆକଳନ କରାଯାଉଛି। ଏହାର ଅର୍ଥ ଜନସଂଖ୍ୟାର ହାରାହାରି ବୟସ ୨୬ରୁ ବୃଦ୍ଧି ପାଇ ସେତେବେଳକୁ ୩୬ ବର୍ଷ ହୋଇଥିବ। ସୁତରାଂ, ଓଡ଼ିଶା ଶୀଘ୍ର ଏକ ‘ବୃଦ୍ଧ ସମାଜ’ ହେବା ଦିଗରେ ଅଗ୍ରସର ହେଉଛି। ଏଥିରେ ସମସ୍ୟାଟି ହେଲା, ଓଡ଼ିଶାକୁ ତା’ର ଯୁବ ଜନସଂଖ୍ୟାର ଲାଭ ମିଳିବା ୨୦୨୫ରୁ ୨୦୩୫ ମଧ୍ୟରେ ସୀମିତ ରହିବ। ୨୦୪୦ ବେଳକୁ ଓଡ଼ିଶା ଏକ ବୃଦ୍ଧ ସମାଜରେ ପରିଣତ ହୋଇସାରିଥିବ। ଆମକୁ ଧନୀ ହେବା ପାଇଁ ଅନ୍ତତଃ ୩୦ ବର୍ଷ ଦରକାର, କିନ୍ତୁ ଆମ ଯୁବକମାନେ ଆସନ୍ତା ୧୫ ବର୍ଷ ମଧ୍ୟରେ ବୟସ୍କ ହେବାକୁ ଆରମ୍ଭ କରିବେ। ଯଦି ଆମେ ଏହି ସମୟ ମଧ୍ୟରେ ଆର୍ଥିକ ସ୍ଥିତିକୁ ସୁଧାରି ନପାରିବା, ତେବେ ଆମେ ଧନୀ ହେବା ପୂର୍ବରୁ ହିଁ ବୁଢ଼ା ହୋଇଯିବା। ଏଭଳି ସ୍ଥିତିକୁ ଅର୍ଥନୀତି ଭାଷାରେ ‘ପ୍ରି-ମାଚ୍ୟୁର ଏଜିଂ ଉଇଥାଉଟ୍ ଆଫ୍ଲୁଏନ୍‌ସ’ ବୋଲି କୁହାଯାଏ। ଏହି ପ୍ରସଙ୍ଗଟି ଚୀନ ପାଇଁ ବ୍ୟବହାର କରାଯାଉଥିଲା। କିନ୍ତୁ, ଚୀନ କ୍ଷେତ୍ରରେ ବାର୍ଦ୍ଧକ୍ୟଜନିତ ସଙ୍କଟ ପୂର୍ବରୁ ବ୍ୟାପକ ଶିଳ୍ପାୟନ ହୋଇ ସାରିଥିଲା। ଓଡ଼ିଶାର ସ୍ଥିତି ସେହି ଦୃଷ୍ଟିରୁ ସଂପୂର୍ଣ୍ଣ ଭିନ୍ନ। ଆମ ରାଜ୍ୟର ଅର୍ଥନୀତି ମୁଖ୍ୟତଃ ଖଣିଜ ସମ୍ପଦ ଉପରେ ନିର୍ଭରଶୀଳ, ଯାହା ପୁଞ୍ଜି-ପ୍ରଧାନ (କ୍ୟାପିଟାଲ ଇନଟେନସିଭ), କିନ୍ତୁ ବ୍ୟାପକ ନିଯୁକ୍ତି ସୃଷ୍ଟି କରିପାରେ ନାହିଁ। ଅନ୍ୟ ପଟେ, ଆର୍ଥିକ ଦୁରବସ୍ଥାର ପ୍ରତୀକ ଭାବେ ‘ଦାଦନ ଯିବା’ ବା ଦରିଦ୍ରମାନଙ୍କ ବହିଃରାଜ୍ୟ ଗମନ ଇତ୍ୟାଦି ହେତୁ ବିକାଶରେ ସ୍ୱୀୟ ମାନବ ସମ୍ବଳର ପୂର୍ଣ୍ଣ ଓ ଅର୍ଥପୂର୍ଣ୍ଣ ବିନିଯୋଗ ସମ୍ଭବ ହୋଇ ପାରୁନାହିଁ। ଓଡ଼ିଶା ଏବେ ଭାରତର ଅନ୍ୟତମ ବୃହତ୍ତମ ଶ୍ରମିକ ରପ୍ତାନିକାରୀ ରାଜ୍ୟ। ଏହାର ଅର୍ଥ ଓଡ଼ିଶା ନିଜର ‘ଡେମୋଗ୍ରାଫିକ୍ ଡିଭିଡେଣ୍ଡ’ ବା ଯୁବ ଶକ୍ତିର ଲାଭକୁ ଅନ୍ୟ ଧନୀ ବା ସ୍ୱଚ୍ଛଳ ରାଜ୍ୟମାନଙ୍କୁ ଦେଇ ଦେଉଛି ଏବଂ ନିଜ ପାଇଁ କେବଳ ବାର୍ଦ୍ଧକ୍ୟ ଜନିତ ବୋଝକୁ ସାଇତି ରଖୁଛି। ଯଦି ଆଗାମୀ ୧୫ ବର୍ଷରେ ଆମେ ଯୁବ ଶ୍ରମଶକ୍ତିକୁ ରାଜ୍ୟ ଭିତରେ ଉଚ୍ଚ ଦକ୍ଷତା ସମ୍ପନ୍ନ କର୍ମସଂସ୍ଥାନ ଯୋଗାଇ ନ ପାରିବା, ତେବେ ସମୃଦ୍ଧ ହେବା କଷ୍ଟକର ହେବ।ଏହି ଦୌଡ଼ରେ ଜିତିବା ପାଇଁ ଆମକୁ ତିନିଟି ଦିଗରେ କାର୍ଯ୍ୟ କରିବାକୁ ହେବ। ପ୍ରଥମଟି ହେଲା, ଶିଳ୍ପାୟନକୁ ବେଗ ପ୍ରଦାନ। କଞ୍ଚାମାଲ ରପ୍ତାନି ବଦଳରେ ଶିଳ୍ପ ମାଧ୍ୟମରେ ମୂଲ୍ୟଯୁକ୍ତ ଉତ୍ପାଦନ (ଇସ୍ପାତ, ଆଲୁମିନିଅମ ଓ ସେମିକଣ୍ଡକ୍ଟର) ସମ୍ଭବ କରିବା ସହିତ ବ୍ୟାପକ ନିଯୁକ୍ତି ସୃଷ୍ଟି କରିବାକୁ ହେବ। ଦ୍ୱିତୀୟତଃ, ମାନବ ସମ୍ବଳର ବିକାଶରେ ଅଧିକ ନିବେଶ ଜରୁରି। ଏହି ସୀମିତ ଯୁବପିଢ଼ିଙ୍କୁ ଉଚ୍ଚ ସ୍ତରୀୟ ବୈଷୟିକ ଜ୍ଞାନକୌଶଳ ଓ ଡିଜିଟାଲ ଦକ୍ଷତା ପ୍ରଦାନ କରିବାକୁ ହେବ। ତୃତୀୟତଃ, ପ୍ରତିଭାକୁ ରାଜ୍ୟରେ ଧରି ରଖିବା ପାଇଁ ଅନୁକୂଳ ବ୍ୟାବସାୟିକ ବାତାବରଣ, ଯାହାକୁ ‘ଇଜ ଅଫ ଡୁଇଂ ବିଜନେସ’ ବୋଲି କୁହାଯାଉଛି, ସୃଷ୍ଟି କରିବାକୁ ହେବ।ଏଥିରେ ଦ୍ୱିରୁକ୍ତି ନାହିଁ ଯେ ଓଡ଼ିଶା ଏକ ସନ୍ଧି କ୍ଷଣରେ ଉପନୀତ। ଆମକୁ ସୀମିତ ସମୟ ମଧ୍ୟରେ ‘ଡେମୋଗ୍ରାଫିକ ଡିଭିଡେଣ୍ଡ’ର ଭରପୂର ଉପଯୋଗ କରିବାକୁ ହେବ। ତା’ ନ ହେଲେ ଆମେ ଏକ ବୟସ୍କ ଓ ଗରିବ ସମାଜ ହୋଇ ରହିଯିବାର ଆଶଙ୍କା ରହିଛି।

# ଅଧିକ ଚା' ହୋଇପାରେ ସମସ୍ୟା



କେମୋମାଇଲ ଟି ବା ହର୍ବାଲ ଚା ପିଅନ୍ତୁ । ଏ ହ । ଆପଣଙ୍କ ଅଧିକ ଚା ପିଇବାର ଅଭ୍ୟାସକୁ କମେଇବ ଓ ଏହା ସହିତ ଚା ନିଶାକୁ ଧିରେ ଧିରେ କମାଇବାରେ ସାହାଜ୍ୟ କରିବ । ଏହା ଛଡ଼ା ଚା'ର ଏହି ଅପ୍ସନ ସ୍ୱାଦିଷ୍ଟ ଓ ସ୍ୱାସ୍ଥ୍ୟକର ମଧ୍ୟ ହୋଇଥାଏ । ୪. ଏହି ଖରାପ ଅଭ୍ୟାସରୁ ଦୂରେଇବା ପାଇଁ ଯେତେବେଳେ ଆପଣଙ୍କ ଚା ପିଇବା ପାଇଁ ଇଚ୍ଛା ହେଉଛି ସେହି ସମୟରେ ଆପଣ ଫଳରସ ପିଅନ୍ତୁ । ଏହାଦ୍ୱାରା ଆପଣଙ୍କ ପାଚନତନ୍ତ୍ର ସଫା ରହିବା ସହିତ ଆପଣ ସୁସ୍ଥ ରହିବେ । ଏହି କାରଣରୁ ଆପଣଙ୍କ ମନୋଭାବ ମଧ୍ୟ ପରିବତନ ହୋଇଯିବ । ୫. କୌଣସି ଡିଟକ୍ସ ଡ୍ରିଙ୍କକୁ ଆପଣଙ୍କ ଖାଦ୍ୟାଭ୍ୟାସରେ ସାମିଲ କରନ୍ତୁ, ଯାହାକୁ ଆପଣ ଦିନ ସାରା ପିଇ ପାରିବେ । ଏହା ଦ୍ୱାରା ଆପଣଙ୍କ ଶରୀରରେ ଥିବା ବିଷାକ୍ତ ପଦାର୍ଥ ନିଷ୍କାସିତ ହେବା ସହିତ ଅଧିକ ପିଇବାର ଅଭ୍ୟାସରୁ ମଧ୍ଯ ମୁକ୍ତି ମିଳିବ । ଏହାଛଡ଼ା ଏହି ପାନୀୟ ଆପଣଙ୍କ ଶରୀରରେ ଜଳୀୟ ଅଂଶ ସନ୍ତୁଳିତ ଅବସ୍ଥାରେ ରଖିବାରେ ସାହାଜ୍ୟ କରିବ ।



# କଳକାରଖାନା

କଳକାରଖାନା ଏକ ଯୁଗ୍ମଶବ୍ଦ । କଳକାରଖାନା । ଏହା ମୂଳତଃ କାରଖାନାକୁ ବୁଝାଏ । କାରଖାନା କହିଲେ ଆମେ ସାଧାରଣତଃ ଭାବୁ ଯେ ଏହା ଏକ ପରିସର ଯେଉଁ ସ୍ଥାନରେ କ'ଣ ସବୁ କଳ ମାଧ୍ୟମରେ ତିଆରି ହୁଏ, ଠନ୍ ଠାନ୍ ଶବ୍ଦ ଶୁଭେ, ତା' ଭିତରେ ଥିବା ଚିମ୍ନିରୁ ଭକ୍ ଭକ୍ ହୋଇ ଧୂଆଁ ଉଠୁଥାଏ । ଶ୍ରମିକମାନେ ଭିତରକୁ ଯାଆନ୍ତି, କାମ ସାରି ଫେରନ୍ତି । ତେଣୁ କାରଖାନା ଭିତରେ ଏତେ କଥା ଥିଲେ ବି ମୂଳ ଥାଏ କଳ । କାରଣ ଶିଳ୍ପ ସଭ୍ୟତା ଆସିବା ପରଠାରୁ ମଣିଷମାନଙ୍କ ଅପେକ୍ଷା କଳ ବା ମେସିନ୍ ହିଁ ଅଧିକ ଜିନିଷ ପ୍ରସ୍ତୁତ କରିଥାଏ । ମଣିଷମାନେ ତା'ର ସହାୟକ ପାଲଟନ୍ତି । କଳ ବିଗିଡ଼ି ଗଲେ ବା କଳ ଚଳେଇବାର ଜାଳେଣି ସରିଗଲେ ଯେତେ ମଣିଷ ଥିଲେ ବି କଳ କାର୍ଯ୍ୟକ୍ଷମ ହୁଏ ନାହିଁ । କାରଖାନା ବନ୍ଦ ହୋଇଯାଏ । ଅତଏବ କାରଖାନା ସହ କଳ ଶବ୍ଦଟି ଅଙ୍ଗାଙ୍ଗୀ ଭାବରେ ଯୋଡ଼ା । ତେବେ ସବୁ କାରଖାନାରେ ଆଉ ଧୂଆଁ ଉଠିବା କଥା ନାହିଁ । କିଛି କିଛି କାରଖାନାରେ ଏମିତି କାର୍ଯ୍ୟ ହୁଏ ଯେଉଁଠାରେ କଳ ଅପେକ୍ଷା ମଣିଷର ମସ୍ତିଷ୍କ ଓ ହାତ ଅଧିକ କାମ କରିଥାଏ ।

# ଖାଦ୍ୟରେ ଲେମ୍ବୁ



ବିଶେଷଜ୍ଞଙ୍କ ମତାନୁଯାୟୀ, ଲେମ୍ବୁ କେଶ ଓ ତ୍ୱଚା ପାଇଁ ଖୁବ ଉପକାରୀ । ଏହାର ସେବନ ଦ୍ୱାରା ଗଳାରେ ଥିବା ସଂକ୍ରମଣ, ଏସିଡିଟି, ମୋଟାପଣ ଆଦି ଦୂର କରିବାରେ ବେଶ ସହାୟକ ହୋଇଥାଏ । ଓଜନ ହ୍ରାସ ପାଇଁ ନିଜ ଖାଦ୍ୟରେ ଲେମ୍ବୁ ନିଶ୍ଚୟ ସାମିଲ କରନ୍ତୁ ।

ଲେମ୍ବୁ ପ୍ରତ୍ୟେକ ଘରେ ଉପଲବ୍ଧ । କେତେକଙ୍କ ପ୍ରିୟ ଖାଦ୍ୟ ଜିନିଷ ମଧ୍ୟରୁ ଏହା ଗୋଟିଏ । ଓଜନ ହ୍ରାସ ଠାରୁ ଆରମ୍ଭ କରି ଖାଦ୍ୟର ସ୍ୱାଦ ବଢାଇବା ପାଇଁ ବ୍ୟବହାର କରାଯାଇଥାଏ । ଲେମ୍ବୁ ବ୍ୟବହାର ଦ୍ୱାରା ହିଁ ସାଲାଡ୍ ଓ ଚାଟ୍‌ର ସ୍ୱାଦ ଅଧିକ ଲାଗି ଥାଏ । ମାତ୍ର କେବଳ ଖାଦ୍ୟର ସ୍ୱାଦ ନୁହେଁ ଏଥିରେ ଅନ୍ୟାନ୍ୟ ଭିଟାମିନ୍ ମଧ୍ୟ ଭରପୁର ପରିମାଣରେ ରହିଛି । ଏଥିରେ ଭିଟାମିନ୍ ସି, ଭିଟାମିନ ବି୬,ଭିଟାମିନ୍ ଏ, ଭିଟାମିନ୍ ଇ ରହିଛି । ନିଜ ପସନ୍ଦ ଅନୁଯାୟୀ ସଭିଏଁ ଏହାକୁ ବିଭିନ୍ନ ଖାଦ୍ୟରେ ବ୍ୟବହାର କରି ଥାଆନ୍ତି । ମାତ୍ର ଉଷୁମ ଖାଦ୍ୟ କିମ୍ବା ଉଷୁମ ପାନୀୟରେ ଲେମ୍ବୁ ରସ ମିଶାଇ ଆଦୌ ସେବନ କରିବା ଉଚିତ ନୁହେଁ । ଜାଣନ୍ତୁ.. ଅନେକ ସମୟରେ ବିଭିନ୍ନ ଖାଦ୍ୟରେ ଲୋକେ ନିଜ ରୁଚି ଅନୁଯାୟୀ, ଲେମ୍ବୁ ରସ ବ୍ୟବହାର କରିଥାଆନ୍ତି । ମାତ୍ର ଆପଣ ଜାଣି କରି ଆଶ୍ଚର୍ଯ୍ୟ ହେବେ ଉଷୁମ ଖାଦ୍ୟରେ ଲେମ୍ବୁ ରସ ମିଶାଇବା ଦ୍ୱାରା ଏଥିରେ ଭିଟାମିନ୍ ସିର ମାତ୍ରା ନଷ୍ଟ ହୋଇଥାଏ । ଉଷୁମ ଖାଦ୍ୟର ସଂସ୍ପର୍ଶରେ ଆସିବା ପରେ ଲେମ୍ବୁରେ ଥିବା ଭିଟାମିନ ସି ନଷ୍ଟ ହେବା ସହ ଖାଦ୍ୟର ପୋଷକ ତତ୍ତ୍ୱ ମଧ୍ୟ ନଷ୍ଟ ହୋଇଥାଏ । ଖାଦ୍ୟ ଖରାପ ମଧ୍ୟ ହୋଇଥାଏ । ଏହି ଖାଦ୍ୟ ସେବନ ଦ୍ୱାରା ପେଟ ଜନିତ ଅନେକ ସମସ୍ୟା ସୃଷ୍ଟି ହୋଇଥାଏ । ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଇଥାଏ । ବିଶେଷଜ୍ଞଙ୍କ ମତାନୁଯାୟୀ, ଲେମ୍ବୁ କେଶ ଓ ତ୍ୱଚା ପାଇଁ ଖୁବ ଉପକାରୀ । ଏହାର ସେବନ ଦ୍ୱାରା ଗଳାରେ ଥିବା ସଂକ୍ରମଣ, ଏସିଡିଟି, ମୋଟାପଣ ଆଦି ଦୂର କରିବାରେ ବେଶ ସହାୟକ ହୋଇଥାଏ । ଓଜନ ହ୍ରାସ ପାଇଁ ନିଜ ଖାଦ୍ୟରେ ଲେମ୍ବୁ ନିଶ୍ଚୟ ସାମିଲ କରନ୍ତୁ ।

# ଶ୍ରୀଫଳର ମହତ୍ତ୍ୱ



ଦେବାଦେବୀଙ୍କୁ ନଡିଆ ଭୋଗ ଖୁବ ପ୍ରିୟ ବୋଲି ମାନ୍ୟତା ରହିଛି । ତେଣୁ ପୂଜାରେ ନଡିଆ ଅର୍ପଣ ପରେ ଏହାକୁ ସଭିଁଙ୍କୁ ବଣ୍ଟା ଯାଏ । ନଡିଆ ପାଣି ମଧ୍ୟ ଖୁବ ପବିତ୍ର ଓ ଶୁଦ୍ଧ । ନଡିଆ ପାଣି ଘରୁ ନକରାତ୍ମକ ଶକ୍ତିକୁ ନଷ୍ଟ କରିଥାଏ । ନଡିଆ ପାଣି ପିଇବା ଦ୍ୱାରା ଅନେକ ରୋଗ ମଧ୍ୟ ଦୂର ହୋଇଥାଏ ।

ହିନ୍ଦୁ ଧର୍ମରେ ଯେକୌଣସି ଶୁଭକାର୍ଯ୍ୟ ପୂର୍ବରୁ ନଡିଆ ଭାଙ୍ଗିବାର ପରମ୍ପରା ବହୁ ପୁରାତନ କାଳରୁ ଚାଲୁ ରହିଛି । ଦେବାଦେବୀଙ୍କ ଆରାଧନା, ଗୃହ ପ୍ରବେଶ, ବିବାହ ସମାରୋହ, ବ୍ରତଘର ଭଳି ପ୍ରତ୍ୟେକ ମାଙ୍ଗଳିକ କାର୍ଯ୍ୟରେ ନଡିଆର ନିଶ୍ଚିତ ଭାବେ ପ୍ରୟୋଗ କରାଯାଇଥାଏ । କୁହାଯାଏ ନଡିଆ ବିନା କୌଣସି ଧାର୍ମିକ ଓ ଶୁଭ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନଥାଏ । ମାତ୍ର ଖୁବ କମ ଲୋକେ ଜାଣିଥିବେ ଶୁଭକାର୍ଯ୍ୟରେ କେଉଁ କାରଣରୁ ନଡିଆ ଭଙ୍ଗାଯାଇଥାଏ । ଏହା ପଛରେ କି କାରଣ ରହିଛି । ଜାଣନ୍ତୁ.. ହିନ୍ଦୁ ଧର୍ମରେ ନଡିଆକୁ ପବିତ୍ର ଫଳ ବୋଲି କୁହାଯାଏ । ସମସ୍ତ ଧାର୍ମିକ ଆୟୋଜନ,ଅନୁଷ୍ଠାନରେ ନଡିଆର ବ୍ୟବହାର କରାଯାଇଥାଏ । ନଡିଆ ସୌଭାଗ୍ୟ ଓ ସମୃଦ୍ଧିର ପ୍ରତୀକ । ଦେବାଦେବୀଙ୍କୁ ନଡିଆ ଭୋଗ ଖୁବ ପ୍ରିୟ ବୋଲି ମାନ୍ୟତା ରହିଛି । ତେଣୁ ପୂଜାରେ ନଡିଆ ଅର୍ପଣ ପରେ ଏହାକୁ ସଭିଁଙ୍କୁ ବଣ୍ଟା ଯାଏ । ନଡିଆ ପାଣି ମଧ୍ୟ ଖୁବ ପବିତ୍ର ଓ ଶୁଦ୍ଧ । ନଡିଆ ପାଣି ଘରୁ ନକରାତ୍ମକ ଶକ୍ତିକୁ ନଷ୍ଟ କରିଥାଏ । ନଡିଆ ପାଣି ପିଇବା ଦ୍ୱାରା ଅନେକ ରୋଗ ମଧ୍ୟ ଦୂର ହୋଇଥାଏ । ନଡିଆକୁ ଶ୍ରୀଫଳ ମଧ୍ୟ କୁହାଯାଏ । ଭଗବାନଙ୍କର ଏହା ପ୍ରିୟ ଫଳ । ନଡିଆର ବାହାର ଅଂଶ ଶକ୍ତ ଓ ଭିତର ଅଂଶ ନରମ ଓ ଶାନ୍ତିର ପ୍ରତୀକ । ଏହି କାରଣରୁ ଶୁଭକାର୍ଯ୍ୟରେ ନଡିଆ ଭାଙ୍ଗିବାର ଅର୍ଥ ନିଜର ଶକ୍ତ ସଦୃଶ ଅହଂକାରକୁ ଭଗବାନଙ୍କ ସମ୍ମୁଖରେ ତ୍ୟାଗ କରିବା ସହ ଶାନ୍ତି ଭାବ ଆଣିବା । ନଡିଆରେ ଦେଖାଯାଉଥିବା ୩ଟି ଦାଗକୁ ଭଗବାନ ଶିବଙ୍କର ୩ଟି ନୟନ କୁହାଯାଏ । ଏହାଦ୍ୱାରା ଯଶ, ବୈଭବ ଓ ସମୃଦ୍ଧି ପ୍ରାପ୍ତି ହୋଇଥାଏ । ଭଗବାନ ଗଣେଶଙ୍କୁ ନଡିଆ ଖୁବ ପସନ୍ଦ । ମାନ୍ୟତା ଅନୁଯାୟୀ,ନଡିଆ ବିନା ଶୁଭକାର୍ଯ୍ୟ ଅସମ୍ପୂର୍ଣ୍ଣ ହୋଇଥାଏ । ନଡିଆ ଭାଙ୍ଗିବା ଦ୍ୱାରା କାର୍ଯ୍ୟରେ ଥିବା ସମସ୍ତ ବାଧା ଦୂର ହୋଇଥାଏ । ଏକାକ୍ଷୀ ନଡିଆ ମା'ଲକ୍ଷ୍ମୀଙ୍କୁ ଖୁବ ପ୍ରିୟ । ଏହାକୁ ଅର୍ପଣ କରିବା ଦ୍ୱାରା ମା'ଲକ୍ଷ୍ମୀଙ୍କର ବିଶେଷ କୃପା ପରିବାର ସଦସ୍ୟଙ୍କୁ ମିଳିଥାଏ । ଘରେ ସୁଖସମୃଦ୍ଧି, ଧନସମ୍ପତ୍ତିର ଆଗମନ ହୋଇଥାଏ ।

# ଅଧିକ ଗରମ ପୋଷାକ ପିନ୍ଧନ୍ତୁ ନାହିଁ





ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ଥଣ୍ଡା ପାଗରେ ଅଧିକ ସମୟ ଗରମ ପାଣିରେ ଗାଧୋଇବା ସ୍ୱାସ୍ଥ୍ୟ ପାଇଁ ଭଲ ନୁହେଁ । ଏହା ଆମ ଶରୀର ଏବଂ ମନକୁ ଉଭୟ ପ୍ରଭାବିତ କରିଥାଏ । ବାସ୍ତବରେ, ଗରମ ପାଣିରେ ଥିବା କିରାଟିନ୍ ନାମକ ତତ୍ତ୍ୱ ଚର୍ମ କୋଷକୁ କ୍ଷତି ପହଞ୍ଚାଇଥାଏ । ଯାହାଫଳରେ ଚର୍ମରେ କୁଞ୍ଚନ ଓ ଶୁଷ୍କତା ବୃଦ୍ଧିପାଇଥାଏ । ଶୀତଦିନେ ନିଜକୁ ଗରମ ରଖିବା ଏକ ଭଲ କଥା, କିନ୍ତୁ ଅଧିକ ପୋଷାକ ପିନ୍ଧିବା ଠାରୁ ଦୂରେଇ ରୁହନ୍ତୁ । ଏହା କରିବା ଦ୍ୱାରା ଆପଣଙ୍କ ଶରୀର ଅତ୍ୟଧିକ ଉତ୍ତାପର ଶିକାର ହୋଇପାରେ । ବାସ୍ତବରେ, ଆମର ପ୍ରତିରକ୍ଷା ପ୍ରଣାଳୀ ଥଣ୍ଡା ହେଲେ ଧଳା ରକ୍ତ କଣିକା (ଡବ୍ଲୁବିସି) ଉତ୍ପାଦନ କରେ, ଯାହା ଆମକୁ ସଂକ୍ରମଣ ଏବଂ ରୋଗରୁ ରକ୍ଷା କରିଥାଏ । ଶରୀର ଅତ୍ୟଧିକ ଗରମ ହେଲେ ରୋଗ ପ୍ରତିରୋଧକ ଶକ୍ତି କମ ହୋଇଯାଇଥାଏ ।

ଶୀତଦିନେ, ଚା ଏବଂ କଫି ପିଇବା ଭଲ କିନ୍ତୁ ୨/୩ କପରୁ ଅଧିକ ଚା କିମ୍ବା କଫି ପିଇବା ଉଚିତ୍ ନୁହେଁ । ଶୀତଦିନେ ଲୋକମାନେ କମ୍ ଶୋଷିଲା ଅନୁଭବ କରନ୍ତି । କିନ୍ତୁ ଏହାର ଅର୍ଥ ନୁହେଁ ଯେ ଶୀତରେ ଶରୀରକୁ ଜଳର ଆବଶ୍ୟକତା ନାହିଁ । ପରିସ୍ରା, ହଜମ ପ୍ରକ୍ରିୟା ଏବଂ ଝାଳ ଆକାରରେ ଶରୀରରୁ ଜଳ ବାହାରିଥାଏ । ଏପରି ପରିସ୍ଥିତିରେ, ପାଣି ନପିଇଲେ ଶରୀର ଡିହାଇଡ୍ରେଟିଂ ଆରମ୍ଭ କରିଥାଏ । ଏହା କିଡନୀ ଏବଂ ହଜମ ପ୍ରକ୍ରିୟାକୁ ପ୍ରଭାବିତ କରିପାରେ । ଏକ ଅନୁସନ୍ଧାନ ଅନୁଯାୟୀ, ରାତିରେ ଶୋଇବା ପୂର୍ବରୁ ହାତ ଏବଂ ପାଦକୁ ଗ୍ଲୋଭସ୍ ଏବଂ ବେଡସିଟ୍ ଘୋଡାଇ ରଖିବା ସ୍ୱାସ୍ଥ୍ୟ ପାଇଁ ଭଲ ଅଟେ । ଶୋଇବା ସମୟରେ ଏହି ଉପାୟ ଅତ୍ୟନ୍ତ ଲାଭଦାୟକ ବୋଲି ଏକ୍ସପର୍ଟମାନେ କହିଛନ୍ତି । ଶୀତଦିନରେ ଫିଜିକାଲ୍ ଆକ୍ଟିଭିଟି ନ ହେବା କାରଣରୁ ଆମ ଇମ୍ୟୁନ ସିଷ୍ଟମ ଉପରେ ଏହାର ପ୍ରଭାବ ପଡିଥାଏ । ତେଣୁ ଘରେ ବସିରହିବା ପରିବର୍ତ୍ତେ ସାଇକେଲିଂ, ଚାଲିବା ଏବଂ ୱାର୍କଆଉଟ ଆଦି ଆରମ୍ଭ କରିଦେବା ଉଚିତ ।






*ଶୀତ ଦିନେ ଋତୁ ପରିବର୍ତ୍ତନ ହେବା ସହିତ ଶରୀରର ଆବଶ୍ୟକତା ମଧ୍ୟ ବଦଳିଯାଏ । ଥଣ୍ଡା ପାଗରେ ଫ୍ଲୁ ଏବଂ ସଂକ୍ରମଣରୁ ରକ୍ଷା ପାଇବା ପାଇଁ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇବା ନିହାତି ଆବଶ୍ୟକ । ଏହି ସବୁ ଜିନିଷ ଲୋକମାନେ ଜାଣିକି ମଧ୍ୟ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତି ନାହିଁ । ଶୀତଦିନେ ଲୋକମାନେ ପ୍ରାୟତଃ କେଉଁ ଭୁଲ କରନ୍ତି ଜାଣନ୍ତୁ ।*

# ଅଧିକ ପାଣି ପିଉଥିଲେ ସାବଧାନ

*ଆବଶ୍ୟକତା ଠାରୁ ଅଧିକ ପାଣି ପିଇବା ଆମ ପାଇଁ କ୍ଷତିକାରକ ହୋଇପାରେ । ଅଧିକ ପାଣି ପିଇବା ଦ୍ୱାରା ଓଭରହାଇଡ୍ରେସନ୍ ସମସ୍ୟା ମଧ୍ୟ ହୋଇପାରେ । ଏଥି ସହିତ ଆହୁରି ଅନେକ ସମସ୍ୟା ମଧ୍ୟ ଦେଖାଦିଏ ।*




ସାବଧାନ୍ ଅଧିକ ପାଣି ପିଉଛନ୍ତି କି ହୋଇପାରେ ଏହି ସବୁ ସମସ୍ୟା... ପାଣି ପିଇବା ସ୍ୱାସ୍ଥ୍ୟ ପାଇଁ ଭଲ । ଆମେ ପିଲାଦିନରୁ ଶୁଣି ଆସିଛୁ ଯେତେ ଅଧିକ ପାଣି ପିଇବା, ସେତେ ସୁସ୍ଥ ରହିବା । ପାଣି ପିଇବା ଦ୍ୱାରା ମୁହଁର ଉଜ୍ଜଳ ମଧ୍ୟ ଆସେ । ପାଣି ପିଇବା ସମସ୍ତଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ । କିନ୍ତୁ ଆବଶ୍ୟକତା ଠାରୁ ଅଧିକ ପାଣି ପିଇବା ଆମ ପାଇଁ କ୍ଷତିକାରକ ହୋଇପାରେ । ଅଧିକ ପାଣି ପିଇବା ଦ୍ୱାରା ଓଭରହାଇଡ୍ରେସନ୍ ସମସ୍ୟା ମଧ୍ୟ ହୋଇପାରେ । ଏଥି ସହିତ ଆହୁରି ଅନେକ ସମସ୍ୟା ମଧ୍ୟ ଦେଖାଦିଏ । ଜାଣନ୍ତୁ ଏହାର ସମସ୍ୟା ବିଷୟରେ... ଅଧିକ ପାଣି ପିଇବାର ସାଇଡ୍ ଇଫେକ୍ଟସ : କଡ୍‌ନୀ ସମସ୍ୟା: ଅତ୍ୟଧିକ ପାଣି ପିଇବା ଦ୍ୱାରା କିଡନୀର କ୍ଷତି ହୋଇଥାଏ । ଯେତେବେଳେ ଅଧିକ ପାଣି ପିଇଥାଉ, ଏହି କାରଣରୁ ଆର୍ଜିନାଇନ୍ ଭାସୋପ୍ରେସିନ୍‌ର ପ୍ଲାଜମା ସ୍ତର କମିଯାଏ । ଯାହା କିଡନୀ ର କାର୍ଯ୍ୟ କ୍ଷମତା ଉପରେ ସିଧାସଳଖ ପ୍ରଭାବ ପକାଇଥାଏ । ଏଥିପାଇଁ ପାଇଁ ଅତ୍ୟଧିକ ପାଣି ପିଇବା ଠାରୁ ଦୂରେଇ ରହିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଲିଭର୍ ସମସ୍ୟା : ଅଧିକ ପାଣି ପିଇବା ଦ୍ୱାରା ଲିଭର୍ ସମ୍ବନ୍ଧୀୟ ସମସ୍ୟା ଦେଖାଦେଇପାରେ । ସେଥିପାଇଁ ଆମେ ଅଧିକ ଜଳ ପାଇବା ଠାରୁ ଦୂରେଇ ରହିବା ଉଚିତ୍ । ହୃଦଘାତ ସମସ୍ୟା : ଯଦି ଆପଣ ଅଧିକ ପାଣି ପିଅନ୍ତି, ତେବେ ହୃଦଘାତର ଶିକାର ହୋଇପାରନ୍ତି । ଅଧିକ ପାଣି ପିଇବା ଦ୍ୱାରା ଶରୀରରେ ରକ୍ତ ପରିମାଣ ବଢିଥାଏ, ଯାହାର ପ୍ରତ୍ୟକ୍ଷ ଚାପ ହୃଦୟର ରକ୍ତ ଧମନୀ ଉପରେ ପଡେ । ଉଚ୍ଚ ଚାପ ହେତୁ ହୃଦଘାତର ସମ୍ଭାବନା ବଢିଯାଏ, ତେଣୁ ଆମେ ଅଧିକ ଜଳ ପିଇବା ଠାରୁ ଦୂରେଇ ରହିବା ଉଚିତ ।





# ଓଡ଼ିଶାର ସ୍ୱାର୍ଥ ପାଇଁ ପ୍ରାଇଭେଟ୍ ମେମ୍ବର୍ସ ବିଲ୍ ଆଣିବାକୁ ଆହ୍ୱାନ: ମାନବ ଅଧିକାର ସୁରକ୍ଷା ମଞ୍ଚ

ବ୍ରହ୍ମପୁର,(ମନୋଜ କୁମାର ପାତ୍ର): ଓଡ଼ିଶାର ଖଣିଜ ସମ୍ପଦ ଓ ରାଜ୍ୟର ଆର୍ଥିକ ସ୍ୱାର୍ଥର ସୁରକ୍ଷା ପାଇଁ ସଂସଦରେ ଏକ ପ୍ରାଇଭେଟ୍ ମେମ୍ବର୍ସ ବିଲ୍(ପ୍ରାଇଭେଟ୍ ମେମ୍ବର୍ସ ବିଲ୍) ଆଣିବାକୁ ପଦକ୍ଷେପ ନେବା ସହ ଓଡ଼ିଶା ବିଧାନସଭାରେ ଏକ ସର୍ବସମ୍ମତ ପ୍ରସ୍ତାବ ପାରିତ କରିବାକୁ ସମାଜବାଦୀ ଅନୁଷ୍ଠାନ ମାନବ ଅଧିକାର ସୁରକ୍ଷା ମଞ୍ଚ ଦାବି କରିଛି କ୍ଷ ମଞ୍ଚ ପକ୍ଷରୁ ଜାରି ଏକ ପ୍ରେସ୍ ବାର୍ତ୍ତାରେ କୁହାଯାଇଛି ଯେ, ଏମଏମଡିଆର୍ ,୧୯୫୭ର ସାମ୍ପ୍ରତିକ ସଂଶୋଧନ ଫଳରେ ଓଡ଼ିଶା ସମେତ ଖଣି ଓ ଖଣିଜ ସମ୍ପଦରେ ସମୃଦ୍ଧ ରାଜ୍ୟଗୁଡ଼ିକର ରାଜସ୍ୱ ଏବଂ ଆର୍ଥିକ ସ୍ୱାଧୀନତା ପ୍ରଭାବିତ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଓଡ଼ିଶାର ସ୍ୱାର୍ଥକୁ ଯଥେଷ୍ଟ ଗୁରୁତ୍ୱ ନଦେଇ ଏହି ବିଲ୍‌କୁ ଅତ୍ୟନ୍ତ ତରବରିଆ ଭାବେ ସଂସଦରେ ପାରିତ କରାଯାଇଥିବା ନେଇ ମଞ୍ଚ ଗଭୀର ଉଦ୍‌ବେଗ ପ୍ରକାଶ କରିଛି। ମଞ୍ଚ ଆବାହକ ତଥା ଆଇନଜୀବୀ ଅବନୀ ଗୟା କହିଛନ୍ତି ଯେ, ଓଡ଼ିଶା ଦେଶର ଅନ୍ୟତମ ପ୍ରମୁଖ ଖଣିଜ ସମୃଦ୍ଧ ରାଜ୍ୟ। ନୂତନ ସଂଶୋଧିତ ଆଇନ ଫଳରେ ରାଜ୍ୟ ଭବିଷ୍ୟତରେ ନିଜ ଖଣିଜ ସମ୍ପଦ ଉପରେ ଅତିରିକ୍ତ କର ବା ସେସ୍ ଲାଗୁ କରିବାର ଅଧିକାର ସୀମିତ ହେବାର ଆଶଙ୍କା ରହିଛି। ଏହାଦ୍ୱାରା ଓଡ଼ିଶାର କୋଟି କୋଟି ଟଙ୍କାର ସମ୍ଭାବ୍ୟ ରାଜସ୍ୱ କ୍ଷତି ହେବା ସହ ରାଜ୍ୟର ଆର୍ଥିକ ସ୍ୱାଧୀନତା ମଧ୍ୟ ପ୍ରଭାବିତ ହେବାର ଆଶଙ୍କା ରହିଛି କ୍ଷ ସେ ଆହୁରି କହିଛନ୍ତି ଯେ, ଓଡ଼ିଶାର ଖଣିଜ ସମ୍ପଦରୁ ରାଜ୍ୟ ନିଜସ୍ୱ ରାଜସ୍ୱ ଆଦାୟ କରିବା ସମ୍ପର୍କିତ ସାମ୍ବିଧାନିକ ଅଧିକାର ସୀମିତ ହେବାର ଆଶଙ୍କାକୁ ଗୁରୁତ୍ୱର ସହ ବିଚାର କରାଯିବା ଆବଶ୍ୟକ। ଏଣୁ ଓଡ଼ିଶା ବିଧାନସଭାରେ ଦଳମତ ନିର୍ବିଶେଷରେ ଏକ ସର୍ବସମ୍ମତ ପ୍ରସ୍ତାବ ପାରିତ କରି ରାଜ୍ୟର ସ୍ୱାର୍ଥ ସୁରକ୍ଷା ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ଦୃଢ଼ ଦାବି ଉପସ୍ଥାପନ କରାଯିବା ଉଚିତ। ମାନବ ଅଧିକାର ସୁରକ୍ଷା ମଞ୍ଚ ଓଡ଼ିଶାର ସମସ୍ତ ଲୋକସଭା ଓ ରାଜ୍ୟସଭା ସାଂସଦଙ୍କୁ ଏହି ପ୍ରସଙ୍ଗରେ ଏକତ୍ରିତ ହୋଇ ଓଡ଼ିଶାର ସ୍ୱାର୍ଥର ସୁରକ୍ଷା ପାଇଁ ସଂସଦରେ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଆହ୍ୱାନ କରିଛି। ବିଶେଷକରି ସାଂସଦମାନଙ୍କ ମାଧ୍ୟମରେ ଏକ ପ୍ରାଇଭେଟ୍ ମେମ୍ବର୍ସ ବିଲ୍ ଆଣି ସମ୍ପୃକ୍ତ ଆଇନର ପୁନଃସମୀକ୍ଷା ଓ ଓଡ଼ିଶା ସମେତ ଖଣିଜ ସମୃଦ୍ଧ ରାଜ୍ୟଗୁଡ଼ିକର ଆର୍ଥିକ ଅଧିକାର ସୁରକ୍ଷା ପାଇଁ ପଦକ୍ଷେପ ନେବାକୁ ମଞ୍ଚ ଦୃଢ଼ ଦାବି କରିଛି କ୍ଷ ଓଡ଼ିଶାର ଖଣିଜ ସମ୍ପଦ ଉପରେ ରାଜ୍ୟର ନ୍ୟାୟସଙ୍ଗତ ଆର୍ଥିକ ଅଧିକାର ଓ ସ୍ୱାର୍ଥର ସୁରକ୍ଷା ସମସ୍ତ ଜନପ୍ରତିନିଧି ଏବଂ ରାଜନୈତିକ ଦଳଙ୍କ ସାମୂହିକ ଦାୟିତ୍ୱ ବୋଲି ମାନବ ଅଧିକାର ସୁରକ୍ଷା ମଞ୍ଚ ପକ୍ଷରୁ କୁହାଯାଇଛି।

## ବ୍ରହ୍ମପୁର କରାଟେ ଏକାଡେମୀର ଅଭୁତ ପୂର୍ବ ସଫଳତା

ବ୍ରହ୍ମପୁର,(ମନୋଜ କୁମାର ପାତ୍ର): ବିଶାଖପାଟଣାରେ ଏକ ଦୁଇଦିନିଆ କରାଟେ ପ୍ରତିଯୋଗିତାରେ ବ୍ରହ୍ମପୁର କରାଟେ ଏକାଡେମୀର ଆଠଜଣ କରାଟେ ଖେଳାଳି ଅଂଶଗ୍ରହଣ କରି କୃତିତ୍ୱ ଅର୍ଜନ କରିଛନ୍ତି। ପ୍ରଶିକ୍ଷକ ସିହାନ ତ୍ରିଲୋଚନ ବେହେରାଙ୍କ ପ୍ରତ୍ୟକ୍ଷ




ତତ୍ତ୍ୱାବଧାନରେ ପ୍ରତିଯୋଗିତାର ବିଭିନ୍ନ ବୟସ ବର୍ଗର କାଟା ଓ କୁମିତେ ବିଭାଗରେ ଭାଗ ନେଇ ସ୍ୱର୍ଣ୍ଣ ରୌପ୍ୟ ଓ କାଂସ୍ୟ ପଦକକୁ ମିଶାଇ ମୋଟ ୧୨ଟି ପଦକ ହାସଲ କରିଛନ୍ତି। କାଟା ବିଭାଗରେ ସାନଭି ବ୍ରହ୍ମା, ସମ୍ଭବ ତ୍ରିପାଠୀ, ଅନନ୍ୟା ସରଫ , ବି ଆୟୁଷ କୁମାର ପାତ୍ର ଏବଂ ସିଦ୍ଧାର୍ଥ କୁମାର ପାଢ଼ୀ ସ୍ୱର୍ଣ୍ଣ ପଦକ ହାସଲ କରିଥିବାବେଳେ କାବ୍ୟାଂଶ ତ୍ରିପାଠୀ ଓ ପ୍ରଶିଧ ତ୍ରିପାଠୀ ଙ୍କୁ ରୌପ୍ୟ ପଦକ ମିଳିଛି। ସେହିପରି କୁମିତେ ବିଭାଗରେ ସିଦ୍ଧାର୍ଥ କୁମାର ପାଢ଼ୀଙ୍କୁ ସ୍ୱର୍ଣ୍ଣ ପଦକ, ପାୟଲ ଦେଓରା ଓ ଅନ୍ୟାନ୍ୟ ସରଫ ଙ୍କୁ ରୌପ୍ୟ ପଦକ ମିଳିଥିବାବେଳେ ପ୍ରସିଧ ତ୍ରିପାଠୀ ଓ ବି ଆୟୁଷ କୁମାର ପାତ୍ରଙ୍କୁ କାଂସ୍ୟ ପଦକ ମିଳିଛି।ଦୁଇଦିନିଆ ଏହି କରାଟେ ପ୍ରତିଯୋଗିତା ପିଲାମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ, ଶୃଙ୍ଖଳା ଓ ଆତ୍ମରକ୍ଷା ଭାବନା ବିକାଶରେ ଏକ ସକାରାତ୍ମକ ପଦକ୍ଷେପ ଭାବେ ପରିଗଣିତ ହୋଇଛି। ଏକାଡେମୀର ଏହି ସଫଳତାରେ ସଂଘର ଉପସଭାପତି ବିମଳେନ୍ଦୁ ସାହୁ ଏବଂ ଯୁଗ୍ମ ସଂପାଦକ ମନୋଜ କୁମାର ସାହୁଙ୍କ ସମେତ ସମସ୍ତ ସଦସ୍ୟ କୃତି ପ୍ରତିଯୋଗୀ ଓ ପ୍ରଶିକ୍ଷକ ବେହେରାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଅର୍ଶାତୁଲାରେ ମହିଳା ଚାଷୀଙ୍କୁ ଛତୁ ଚାଷ ତାଲିମ

ବଙ୍ଗୋମୁଣ୍ଡା, ତା ୨୩/୦୮/୨୬ (ଭଗବାନ ମହାନ୍ତି):ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ଅନ୍ତର୍ଗତ ଅର୍ଶାତୁଲା ଗ୍ରାମ ପଞ୍ଚାୟତଠାରେ ଛତୁ ଚାଷ ସମ୍ବନ୍ଧୀୟ ତିନି ଦିନିଆ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି।ଭାରତ ରୁରାଲ ଲାଇଭଲିହୁଡ ଫାଉଣ୍ଡେସନ ତରଫରୁ ଗ୍ରୀନ କଲେଜ ପ୍ରକଳ୍ପ ମାଧ୍ୟମରେ ଆୟୋଜିତ ଏହି ଶିବିରରେ ଅର୍ଶାତୁଲା, କୁର୍ଡିଆମୁଣ୍ଡା, ଝଲପ, ଭାନପୁର ଓ ବାଲବେଙ୍ଗ ଗ୍ରାମର ଉତ୍ପାଦକ ଗୋଷ୍ଠୀର ଛତୁ ଚାଷ କରୁଥିବା ମହିଳା ଚାଷୀମାନେ ଯୋଗ ଦେଇଥିଲେ।ତାଲିମ ଦାତା



ସୁବଳ ମେହେର ମହିଳାମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ମୁଖ୍ୟତଃ ବ୍ୟବସାୟିକ ଭିତ୍ତିକ ପାଳଛତୁ ଓ ଧିଙ୍ଗରି ଛତୁ ଚାଷ କରି ବର୍ଷ ସାରା କିପରି ଠିକ୍ ହିସାବରେ ଆୟ କରିହେବ ସେ ବିଷୟରେ ସେ ବିଷଦ ଭାବରେ ବୁଝାଇଥିଲେ। ଛତୁମଞ୍ଜି, ପାଳ ଓ ବେସନ ଦ୍ୱାରା କିପରି ଛତୁ ଚାଷ କରାଯିବ ତାହା ହାତେ କଲମେ ପ୍ରଦର୍ଶନ କରି ଦେଖାଇଥିଲେ।ଏହି ତାଲିମ ଶିବିରରେ ଶ୍ରମିକ ଶକ୍ତି ସଂଘର ସଂଯୋଜକ ଗୁରୁଗୋବିନ୍ଦ ସିଂ ମାଝୀ, ସୁମନ୍ତ ମହାପାତ୍ର, କୈବଳ ପୁଟେଲ ଅଂଶଗ୍ରହଣ କରିଥିଲେ। ବହୁ ସଂଖ୍ୟାରେ ମହିଳା ଚାଷୀ ସାମିଲ ହୋଇ ତାଲିମ ଗ୍ରହଣ କରିଥିଲେ।

## ମାଲକାନଗିରି ବିଧାୟକ ନରସିଂହ ମାଡକାମୀ ବାଣିଜ୍ୟ ମେଳା ବୁଲିଲେ

।ଲକାନଗିରି, ୨୪/୦୮/୨୬(ମାନସ୍ ରଞ୍ଜନ୍ ନେତାମ୍)ମାଲକାନଗିରି ଷ୍ଟାଡିୟମ୍ ପଡ଼ିଆଠାରେ ଚାଲିଥିବା ଅରୂପା ବାଣିଜ୍ୟ ମେଳାକୁ ପରିଦର୍ଶନ କରିଛନ୍ତି ସ୍ଥାନୀୟ ବିଧାୟକ ନରସିଂହ ମାଡକାମୀ। ସେ ମେଳାର ବିଭିନ୍ନ ଷ୍ଟଲ୍ ବୁଲି ଦେଖିବା ସହ ଆୟୋଜନ ଓ ସାମଗ୍ରୀଗୁଡ଼ିକର ସମୀକ୍ଷା କରିଥିଲେ। ଗତ ୫ ତାରିଖରୁ ଆରମ୍ଭ ହୋଇଥିବା ଏହି 'ଅରୂପା' ବାଣିଜ୍ୟ ମେଳା ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। ମେଳାରେ ପଡ଼ିଥିବା ବିଭିନ୍ନ ହସ୍ତଶିଳ୍ପ, ଲୁଗାପଟା, ନିତ୍ୟବ୍ୟବହାର୍ଯ୍ୟ ଜିନିଷ ଓ ଖାଦ୍ୟ ଷ୍ଟଲ୍ ବୁଲି ଦେଖିବା ସହ ବିଧାୟକ ସ୍ଥାନୀୟ ବ୍ୟବସାୟୀଙ୍କ ସହ ଆଲୋଚନା କରିଥିଲେ। ମେଳାର ମୁଖ୍ୟ ଆକର୍ଷଣ ମୀନାବଜାରରେ ପହଞ୍ଚି ବିଧାୟକ ନିଜେ 'ବ୍ରେକ୍ ଡ୍ୟାନ୍ସ' ରାଇଡ୍‌ରେ ବସି ଆନନ୍ଦ ନେଇଥିଲେ। ମାଲକାନଗିରି ଜିଲ୍ଲା ଓ ଆଖପାଖ ଅଞ୍ଚଳର ଲୋକମାନେ ବହୁ ସଂଖ୍ୟାରେ ଆସି ଏହି ମେଳା ବୁଲିବା ସହ ମନପସନ୍ଦର ସାମଗ୍ରୀ କିଣିବାକୁ ସେ ନିବେଦନ କରିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ତୁରନ୍ତ ସ୍ୱତନ୍ତ୍ର ପ୍ୟାକେଜ୍ ଓ ବୈଠକ ଦାବି କଲେ ସାଂସଦ ଡ. ପ୍ରଦୀପ କୁମାର ପାଣିଗ୍ରାହୀ

ବ୍ରହ୍ମପୁର,(ମନୋଜ କୁମାର ପାତ୍ର): ଗଞ୍ଜାମ ତଥା ସମଗ୍ର ଦକ୍ଷିଣ ଓଡ଼ିଶାର ବିକାଶମୂଳକ ଆକାଂକ୍ଷା, ଉଚ୍ଚଶିକ୍ଷା କ୍ଷେତ୍ରରେ ଅବହେଳା ଏବଂ ପ୍ରଶାସନିକ ସ୍ତରରେ ନିଆଯାଉଥିବା ନିଷ୍ପତ୍ତିକୁ ନେଇ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀରେ ବ୍ରହ୍ମପୁର ଲୋକସଭା ସାଂସଦ ଡ. ପ୍ରଦୀପ କୁମାର ପାଣିଗ୍ରାହୀ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ସ୍ମାରକପତ୍ର ପଠାଇ ଦକ୍ଷିଣ ଓଡ଼ିଶାର ସ୍ୱାର୍ଥରକ୍ଷା ପାଇଁ ତୁରନ୍ତ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଡାକିବା ସହ ସ୍ୱତନ୍ତ୍ର ବିକାଶ ପ୍ୟାକେଜ୍ ଘୋଷଣା କରିବାକୁ ଦାବି କରିଛନ୍ତି। ସାଂସଦ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ନିକଟରେ ବିଭିନ୍ନ ଶ୍ରମିକ ସଂଗଠନ, କର୍ମଚାରୀ ମହାସଂଘ ଏବଂ ବୁଦ୍ଧିଜୀବୀ ପ୍ରତିନିଧି ଦଳ ତାଙ୍କୁ ସାକ୍ଷାତ କରି ଅଞ୍ଚଳ ପ୍ରତି ହେଉଥିବା ଅବହେଳା ସମ୍ପର୍କରେ ଗଭୀର କ୍ଷୋଭ ପ୍ରକାଶ କରିଛନ୍ତି। ମୁଖ୍ୟ ପ୍ରସଙ୍ଗଗୁଡ଼ିକ ମଧ୍ୟରେ ବିଶ୍ୱବିଦ୍ୟାଳୟ ଟାଉନସିପ୍ ଓ ଭିତ୍ତିଭୂମି ଉନ୍ନତିକରଣରେ ବ୍ରହ୍ମପୁର ଏବଂ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟକୁ ଅଣଦେଖା ରାଜ୍ୟରେ ପ୍ରସ୍ତାବିତ ପିପିପି ମୋଡେଲ ବିଶ୍ୱବିଦ୍ୟାଳୟ ଟାଉନସିପ୍ ଯୋଜନାରେ ଭୁବନେଶ୍ୱର, ସମ୍ବଲପୁର ଓ କୋରାପୁଟକୁ ପ୍ରାଥମିକତା ଦିଆଯାଇଥିବା ବେଳେ ଉତ୍କଳ, ରେଭେନ୍ସା ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟର ସାମଗ୍ରିକ ଉନ୍ନତିକରଣ ତାଲିକାରୁ ଦକ୍ଷିଣ ଓଡ଼ିଶାର ପ୍ରମୁଖ ଶିକ୍ଷାନୁଷ୍ଠାନ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଏବଂ ଐତିହାସିକ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ କୁ ସମ୍ପୂର୍ଣ୍ଣ ବାଦ୍ ଦିଆଯିବା ଦୁର୍ଭାଗ୍ୟଜନକ। ରେଳ ଡାକ ସେବା ଡିଭିଜନର କଟକ ସହ ମିଶ୍ରଣ ପ୍ରସ୍ତାବ, ବ୍ରହ୍ମପୁର ସ୍ଥିତ ରେଲୱେ ମେଲ୍ ସର୍ଭିସ କାର୍ଯ୍ୟାଳୟକୁ କଟକ ସହିତ ମିଶ୍ରଣ କରିବା ପାଇଁ ହେଉଥିବା ପ୍ରୟାସକୁ ନେଇ କର୍ମଚାରୀ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଦକ୍ଷିଣ ଓଡ଼ିଶାର ପ୍ରମୁଖ ଡାକ ଯୋଗାଯୋଗ ଓ ପରିବହନ କେନ୍ଦ୍ର ଥିବା ଏହି କାର୍ଯ୍ୟାଳୟର ସ୍ୱତନ୍ତ୍ରତା ବଜାୟ ରହିବା




ନିହାତି ଜରୁରୀ। ଦକ୍ଷିଣ ଓଡ଼ିଶା ଉନ୍ନୟନ ପରିଷଦ ଆଲୋଚନାରେ ସାଂସଦମାନଙ୍କୁ ସାମିଲ ନକରିବା ଅଞ୍ଚଳର ସାମଗ୍ରିକ ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ବେଳେ ସ୍ଥାନୀୟ ନିର୍ବାଚିତ ସାଂସଦ ତଥା ଲୋକପ୍ରତିନିଧିମାନଙ୍କୁ ବିଚାରବିମର୍ଶରୁ ଦୂରେଇ ରଖାଯାଉଥିବାରୁ ଜନସାଧାରଣଙ୍କ ସମସ୍ୟାର ସଠିକ୍ ପ୍ରତିଫଳନ ହୋଇପାରୁ ନାହିଁ। ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକ ଉପରେ ତ୍ୱରିତ କାର୍ଯ୍ୟାନୁଷ୍ଠାନର ଅଭାବ ରହିଛି ଗଞ୍ଜାମ ଓ ଗଜପତି ଜିଲ୍ଲାର ପ୍ରମୁଖ ରାସ୍ତା, ଫ୍ଲାଏଓଭର, ବନ୍ଦର ଭିତ୍ତିକ ଶିଳ୍ପ, ନଦୀ ସଂରକ୍ଷଣ ତଥା ଜଳସେଚନ ଭିତ୍ତିଭୂମି ସମ୍ପର୍କିତ ପୂର୍ବ ପ୍ରସ୍ତାବଗୁଡ଼ିକ ଉପରେ କୌଣସି ଆଖିଦୃଶିଆ ଅଗ୍ରଗତି ହୋଇନାହିଁ। ଅଞ୍ଚଳବାସୀଙ୍କ ମଧ୍ୟରେ ବଢୁଥିବା ଅସନ୍ତୋଷକୁ ଦୂର କରିବା ସହ ଗଞ୍ଜାମ ଓ ଗଜପତି ଜିଲ୍ଲାର ସମତୁଲ ପ୍ରଗତି ନିମନ୍ତେ ମୁଖ୍ୟ ଶାସନ ସଚିବ ତଥା ସମସ୍ତ ସମ୍ପୃକ୍ତ ବିଭାଗୀୟ ସଚିବମାନଙ୍କୁ ନେଇ ତୁରନ୍ତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଡାକିବାକୁ ସାଂସଦ ଡ. ପାଣିଗ୍ରାହୀ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି।

## ଜାତୀୟ ଭଲିବଲ୍ ଚାମ୍ପିୟନଶିପ୍‌ରେ ପି.ଏମ୍. ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ର ଶ୍ରେୟସ ପାତ୍ର

ପାରଳାଖେମୁଣ୍ଡି:-ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡିସ୍ଥିତ ପି.ଏମ୍. ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ, ଗଜପତିର ଛାତ୍ର ଶ୍ରେୟସ ପାତ୍ର କେନ୍ଦ୍ରୀୟ ବିଦ୍ୟାଳୟ



ସଂଗଠନର ଭୁବନେଶ୍ୱର ରିଜିଅନ୍ ପକ୍ଷରୁ ଅଣ୍ଡର-୧୭ ବାଳକ ଭଲିବଲ୍ ଦଳରେ ମନୋନୀତ ହୋଇ ଗଜପତି ଜିଲ୍ଲାକୁ ପ୍ରତିନିଧିତ୍ୱ କରିଥିଲେ।ଆଗ୍ରା ରିଜିଅନ୍‌ର କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ପକ୍ଷରୁ ଆୟୋଜିତ ୫୫ତମ ଜାତୀୟ ଭଲିବଲ୍ ଚାମ୍ପିୟନଶିପ୍ ୨୦୨୬-୨୭ ୧୭ ଅଗଷ୍ଟରୁ ୨୧ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା ଏହି ଜାତୀୟସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ଶ୍ରେୟସଙ୍କ ଅଂଶଗ୍ରହଣରୁ ତାଙ୍କର ପରିଶ୍ରମ, ନିଷ୍ଠା ଓ କ୍ରୀଡ଼ା ପ୍ରତିଭାର ପ୍ରମାଣ ମିଳେ।ଶ୍ରେୟସ ଏହି ସଫଳତା ପାଇଁ ତାଙ୍କର ପିତା ତଥା ଜିଲ୍ଲା ଭାରପ୍ରାପ୍ତ ଶାରୀରିକ ଶିକ୍ଷା ଅଧିକାରୀ ଶ୍ରୀ ସୁରେନ୍ଦ୍ର କୁମାର ପାତ୍ରଙ୍କୁ ଶ୍ରେୟ ଦେଇଛନ୍ତି। ତାଙ୍କର ଏହି ସଫଳତା ଏବଂ ଗୌରବମୟ ଅଂଶଗ୍ରହଣ ପାଇଁ ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ, ମାତା ଶ୍ରୀମତୀ ସରିତା ଜେନା, ଅଭିଭାବକ ଓ କ୍ରୀଡ଼ାପ୍ରେମୀମାନେ ତାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

## ଲଗାଣ ବର୍ଷାରେ ଅଶାନ୍ତ ମାଲକାନଗିରି: ବିଭିନ୍ନ ନଦୀରେ ବଢୁଛି ଜଳସ୍ତର, ବରଗଛ ପଡ଼ି ଘର ଭାଙ୍ଗିଲା

ମାଲକାନଗିରି, ୨୪/୦୮/୨୬(ମାନସ୍ ରଞ୍ଜନ୍ ନେତାମ୍)ମାଲକାନଗିରି ଜିଲ୍ଲାରେ ଗତ ୨୪ ଘଣ୍ଟା ଧରି ଅବିରତ ଲଗାଣ ବର୍ଷା ଜାରି ରହିଛି। ଜିଲ୍ଲା ଜରୁରୀକାଳୀନ ବିଭାଗ (ଡ଼ଇଡ଼ଙଡ଼) ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଅଗଷ୍ଟ ୨୩ ସକାଳ ୮ଟାରୁ ୨୪ ଅଗଷ୍ଟ ସକାଳ ୮ଟା ପର୍ଯ୍ୟନ୍ତ ଜିଲ୍ଲାରେ ମୋଟ ୩୧୫.୮ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଜିଲ୍ଲାରେ ହାରାହାରି ବର୍ଷା ପରିମାଣ ୪୫.୧ ମିଲିମିଟର ରହିଛି। ମାଥିଲି: ୭୬.୦ ମିଲିମିଟର (ସର୍ବାଧିକ)ମାଲକାନଗିରି: ୭୦.୮ ମିଲିମିଟରଖଇରପୁଟ: ୫୭.୦ ମିଲିମିଟରଚିତ୍ରକୋଣ୍ଡ: ୩୦.୦ ମିଲିମିଟରପଡ଼ିଆ: ୨୯.୦ ମିଲିମିଟରକୋରୁକୋଣ୍ଡା: ୨୮.୦ ମିଲିମିଟରକାଲିମେଳା: ୨୫.୦ ମିଲିମିଟରଅବିରତ ବର୍ଷା ଓ ପବନ ଯୋଗୁଁ ଜିଲ୍ଲା ସଦର ମହକୁମାର ଡିଏନ୍‌କେ ଏନ୍‌କେ ଅଞ୍ଚଳରେ ଏକ ବିରାଟ ବରଗଛ ଉପୁଡ଼ି ପଡ଼ି ଏକ ଆବାସିକ ଘର ଉପରେ ମାଡ଼ିଯାଇଥିଲା। ଫଳରେ ଘରଟି ଆଂଶିକ କ୍ଷତିଗ୍ରସ୍ତ ହୋଇଥିବା ବେଳେ ପରିବାର ଲୋକେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଖବର ପାଇ ଦମକଳ ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଗଛ କାଟି ଉଦ୍ଧାର କାର୍ଯ୍ୟ କରିଛନ୍ତି। ଏହା ସହିତ ଜିଲ୍ଲାର ଅନେକ ସ୍ଥାନରେ ଗଛ ପଡ଼ି ରାସ୍ତାଘାଟ ଅବରୋଧ ହୋଇଥିବାରୁ ଦମକଳ ବିଭାଗ ଗଛଗୁଡ଼ିକୁ ହଟାଇ ଯାତାୟାତ ସ୍ୱାଭାବିକ କରିବାରେ ଲାଗିଛି।ବର୍ଷା ହେତୁ ଜିଲ୍ଲାର ପ୍ରମୁଖ ନଦୀଗୁଡ଼ିକର ଜଳସ୍ତର ହଠାତ୍ ବୃଦ୍ଧି ପାଇଛି। ବିଶେଷକରି ମୋଟୁ ଅଞ୍ଚଳର ସାବେରୀ ଓ ସିଲେରୁ ନଦୀରେ ଜଳସ୍ତର ବଢ଼ିବାରେ ଲାଗିଛି। ତଳିଆ ପୋଲଗୁଡ଼ିକ ଉପରେ ପାଣି ମାଡ଼ିଯିବା ଓ ବୁଡ଼ିଯିବାର ଆଶଙ୍କା ସୃଷ୍ଟି ହୋଇଛି। ଯେକୌଣସି ଆପାତକାଳୀନ ପରିସ୍ଥିତିର ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ବିଭାଗକୁ ସଜାଗ ଓ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ପରିଚୟ ନାହିଁ, ହେଲେ ମାନବିକତା ଅଛି - ଚୁଡାପାଲିରେ ଅଜଣା ଯୁବକର ମୃତଦେହକୁ ସମ୍ମାନର ସହ ସତ୍କାର କଲା 'ବିଙ୍ଗ ହ୍ୟୁମାନ ଫାଉଣ୍ଡେସନ



ବଲାଙ୍ଗିର, ତା ୨୪/୦୮/୨୬ (ଭଗବାନ ମହାନ୍ତି):ବଲାଙ୍ଗିର ଜିଲ୍ଲା ଚୁଡାପାଲି ନିକଟରେ ଘଟିଥିବା ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ଅଜଣା ଯୁବକଙ୍କ ମୃତ୍ୟୁ ହୋଇଥିଲା। ପରିଚୟ ମିଳିନଥିବା ଏହି ମୃତଦେହକୁ ସମ୍ମାନ ଓ ମର୍ଯ୍ୟାଦାର ସହ ସତ୍କାର କରି ମାନବିକତାର ପରିଚୟ ଦେଇଛି ସ୍ଥାନୀୟ 'ବିଙ୍ଗ ହ୍ୟୁମାନ ଫାଉଣ୍ଡେସନ'।ପ୍ରାପ୍ତ ସୂଚନା ମୁତାବକ, ଗତ କିଛିଦିନ ତଳେ ଚୁଡାପାଲି ଛକରେ ଏକ ଟ୍ରକ୍ ଧକ୍କାରେ ଜଣେ ଯୁବକ ଗୁରୁତର ଆହତ ହୋଇ ଘଟଣାସ୍ଥଳରେ ହିଁ ପ୍ରାଣ ହରାଇଥିଲେ। ପୁଲିସ ପ୍ରଶାସନ ପକ୍ଷରୁ ମୃତକଙ୍କ ପରିଚୟ ଖୋଜିବା ପାଇଁ ବିଭିନ୍ନ ଉଦ୍ୟମ କରାଯାଇଥିଲେ ମଧ୍ୟ କୌଣସି ସୁରାକ ମିଳିପାରି ନଥିଲା।ଶେଷରେ ବଲାଙ୍ଗିର ସଦର ପୋଲିସ ଅନୁଷ୍ଠାନକୁ ଜଣାଇବା ପରେ ବିଙ୍ଗ ହ୍ୟୁମାନ ଫାଉଣ୍ଡେସନର କର୍ମକର୍ତ୍ତାମାନେ ଆଗେଇ ଆସିଥିଲେ। ଅନୁଷ୍ଠାନର ସଦସ୍ୟମାନେ ପୁଲିସ ପ୍ରଶାସନର ସହଯୋଗରେ ସମସ୍ତ ହିନ୍ଦୁ ରୀତିନୀତି ଅନୁସାରେ ଉକ୍ତ ଅଜଣା ଯୁବକଙ୍କର ଶେଷକୃତ୍ୟ ଓ ଶବ ସତ୍କାର ସମ୍ପନ୍ନ କରିଥିଲେ।ଉଲ୍ଲେଖଯୋଗ୍ୟ ଯେ, ବଲାଙ୍ଗିର ସହର ତଥା ଆଖପାଖ ଅଞ୍ଚଳରେ ଦୀର୍ଘ ୧୦ ବର୍ଷ ଧରି ଏହିଭଳି ପରିଚୟ ମିଳିନଥିବା ଅଜଣା, ଅଚିହ୍ନା ଏବଂ ଅସହାୟ ଶବଗୁଡ଼ିକୁ ନିଜର କରି ସେମାନଙ୍କର ଅନ୍ତିମ ସଂସ୍କାର କରିଆସୁଛି ବିଙ୍ଗ ହ୍ୟୁମାନ ଫାଉଣ୍ଡେସନ।ଆଜିର ଏହି ମହତ କାର୍ଯ୍ୟରେ ଅନୁଷ୍ଠାନର ସୋମନାଥ ମିଶ୍ର, ବ୍ରଜ ଗୋପାଳ ସିଂ, କନ୍ଦର୍ପ ରଣା, ନିଶିକାନ୍ତ ସିଂ ଧାରୁଆ, ଘନଶ୍ୟାମ ପଶାୟତ, ଖଗେଶ୍ୱର ପଧାନ, ସଦର ଥାନାର ବ୍ରଜକିଶୋର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏପରି ମହାନ ଓ ନିଃସ୍ୱାର୍ଥପର ସେବା କାର୍ଯ୍ୟକୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ସାଧାରଣ ଜନତାଙ୍କ ପକ୍ଷରୁ ବେଶ୍ ପ୍ରଶଂସା କରାଯାଇଛି।

## ପାରଳାଖେମୁଣ୍ଡି ଆଦର୍ଶ ଥାନା ପକ୍ଷରୁ ଜୁଆ ଆଡ୍ଡା ଉପରେ ଚଢ଼ାଉ,୬ ଅଟକ।

ପାରଳାଖେମୁଣ୍ଡି:-ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ଆଦର୍ଶ ଥାନା ପକ୍ଷରୁ ଜୁଆ ଆଡ୍ଡା ଉପରେ ଚଢ଼ାଉ କରାଯାଇ ୬ ଜଣଙ୍କୁ ଅଟକ ରଖାଯାଇଥିବା ପ୍ରେସ ବିବୃତି ମାଧ୍ୟମରେ ସୂଚନା ପ୍ରଦାନ କରାଯାଇଛି।ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ ରାଜବାଟୀ ନିକଟସ୍ଥ ସନ୍ତୋଷ ସାହୁ ନାମକ ବ୍ୟକ୍ତିଙ୍କ ଭଡ଼ାଘରେ ବେଆଇନ ଜୁଆ ଆଡ୍ଡା ଚାଲିଥିବା ଖବରପାଇ ପୋଲିସ ପକ୍ଷରୁ ଅତର୍କିତ ଭାବରେ ଚଢ଼ାଉ କରାଯାଇଥିଲା।ଏହି ଚଢାଉ ସମୟରେ



ନୀଳା ପଲେଇ (୨୭), ଲୋକେଶ୍ୱର ବରଡା (୨୪), ସନ୍ତୋଷ ସାହୁ (୨୬), ଦିଲ୍ଲୀ ପାସପୁରେଡ୍ଡୀ (୪୭), ଜୟରାମ ସ୍ୱାଇଁ (୩୦) ଏବଂ ହରେକୃଷ୍ଣ ବାରିକ (୪୧) ଙ୍କ ସମେତ ମୋଟ ୬ ଜଣ ଧରାପଡ଼ିଛନ୍ତି ଏବଂ ସେମାନଙ୍କ ନିକଟରୁ ନଗଦ ଟ-୧୬,୦୦୦/-ଙ୍କା, ୩ଟି ମୋଟରସାଇକେଲ/ସ୍କୁଟି ଏବଂ ୬ଟି ମୋବାଇଲ ଫୋନ ଜବତ କରାଯାଇଛି। ଏ ସମ୍ପର୍କରେ ଆଇନ ଅନୁଯାୟୀ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଜଣାପଡିଛି। ସହରରେ ଜୁଆ ଆଡ୍ଡା ଏବଂ ଅନ୍ୟାନ୍ୟ ବେଆଇନ କାର୍ଯ୍ୟକଳାପ ବିରୋଧରେ ଗଜପତି ପୋଲିସର ଅଭିଯାନ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ସୂଚନା ପ୍ରଦାନ କରାଯାଇଛି।

## ନୀଳମଣି ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ଭଲିବଲ୍ ଖେଳାଳି ଚୟନ କାର୍ଯ୍ୟକ୍ରମ ଉଦଯାପିତ

ପାରଳାଖେମୁଣ୍ଡି :-ଗଜପତି ଜିଲ୍ଲା ନାରାୟଣପୁରସ୍ଥିତ ନୀଳମଣି ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ଭଲିବଲ୍ ଖେଳାଳି ଚୟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ବିଭିନ୍ନ ବ୍ଲକ୍‌ରୁ ମୋଟ ୩୩୬ ଜଣ ଛାତ୍ରଛାତ୍ରୀ ଏଥିରେ ଯୋଗଦେଇ ନିଜର କ୍ରୀଡ଼ା ଦକ୍ଷତା ପ୍ରଦର୍ଶନ କରିଥିଲେ।କାର୍ଯ୍ୟକ୍ରମରେ ଗଜପତି ଜିଲ୍ଲା ଶିକ୍ଷା ଅଧିକାରୀ ଡ଼ଃ. ମାୟାଧର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ବ୍ଲକ ଅଧକ୍ଷା ଶ୍ରୀମତୀ ପୂର୍ଣ୍ଣବାସୀ ନାୟକ, ବ୍ଲକ ଉପାଧକ୍ଷ ଶ୍ରୀ ଜ୍ୟୋତି ପ୍ରସାଦ ପାଣି, ଜିଲ୍ଲା ପରିଷଦ ସଭ୍ୟା ଶ୍ରୀମତୀ ଗୌତମୀ ଯାନୀ, ସ୍ଥାନୀୟ ସରପଞ୍ଚ ଶ୍ରୀ ବିଶ୍ୱନାଥ ଭୂୟାଁ, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଶ୍ରୀ କ୍ରିଷ୍ଣା ରାଓ ଓ ଜିଲ୍ଲା ଭାରପ୍ରାପ୍ତ ଶାରୀରିକ ଶିକ୍ଷା ଅଧିକାରୀ ଶ୍ରୀ ସୁରେନ୍ଦ୍ର କୁମାର ପାତ୍ର





ପ୍ରମୁଖ ଯୋଗ ଦେଇଥିଲେ। କ୍ରୀଡା ପ୍ରଶିକ୍ଷକ ଶ୍ରୀ କାଳୀପ୍ରସାଦ ପଟ୍ଟନାୟକ ନିରୀକ୍ଷକ ଭାବେ ଯୋଗଦେଇ ଖେଳାଳି ଚୟନ ପ୍ରକ୍ରିୟାର ଉପଯୁକ୍ତ ମୂଲ୍ୟାୟନ କରିଥିଲେ।ଚୟନ ପ୍ରକ୍ରିୟାରେ ଅଭିଜ୍ଞ କ୍ରୀଡ଼ା ଶିକ୍ଷକ ଓ ଚୟନକର୍ତ୍ତାମାନେ ଖେଳାଳିମାନଙ୍କ କ୍ରୀଡା କୌଶଳ, ଶାରୀରିକ କ୍ଷମତା, ଖେଳୁଆଡ ମନୋଭାବ ଓ ପ୍ରଦର୍ଶନକୁ ଆଧାର କରି ଖେଳାଳି ଚୟନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ଜୟନ୍ତୀ ଶବରଙ୍କ ନେତୃତ୍ୱରେ ଏହି ଚୟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ସହଯୋଗ କରିଥିଲେ।ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଶ୍ରୀ ପ୍ରିୟଦର୍ଶୀ ମିଶ୍ର ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।ଚୟନ ହୋଇଥିବା ୧୪ ବର୍ଷରୁ କମ୍ ଓ ୧୭ ବର୍ଷରୁ କମ୍ ବାଳକ ଓ ବାଳିକା ଖେଳାଳିମାନେ ଆଗାମୀ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡା ସଂଗଠନ ଭଲିବଲ୍ ପ୍ରତିଯୋଗିତାରେ ଗଜପତି ଜିଲ୍ଲାକୁ ପ୍ରତିନିଧିତ୍ୱ କରିବେ ବୋଲି ସୂଚନା ପ୍ରଦାନ କରାଯାଇଛି।ଆସନ୍ତା ଅକ୍ଟୋବର ମାସରେ ଏହି ରାଜ୍ୟସ୍ତରୀୟ ଭଲିବଲ୍ କାର୍ଯ୍ୟକ୍ରମ ନୀଳମଣି ଉଚ୍ଚ ବିଦ୍ୟାଳୟ, ନାରାୟଣପୁରଠାରେ ଅନୁଷ୍ଠିତ ହେବ।

## ରାଣୀପେଣ୍ଠ ଗ୍ରାମର କ୍ରିଷ୍ଣା ନଗରବାସୀ ଜଳବନ୍ଦୀ

ପାରଳାଖେମୁଣ୍ଡି:-ଗଜପତି ଜିଲ୍ଲାର ପାରଳାଖେମୁଣ୍ଡି ସହର ନିକଟସ୍ଥ ରାଣୀପେଣ୍ଠ ଗ୍ରାମର କ୍ରିଷ୍ଣା ନଗର ଅଞ୍ଚଳରେ ଲଗାଣ ବର୍ଷା ଯୋଗୁଁ ସ୍ଥାନୀୟ ବାସିନ୍ଦାମାନେ ଜଳବନ୍ଦୀ ଅବସ୍ଥାରେ ଫସି ରହିଥିବା ଖବର ସାମ୍ନାକୁ ଆସିଛି।ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ କାରଣରୁ ଗଜପତି ଜିଲ୍ଲା ଏବଂ ବିଶେଷ କରି ପାରଳାଖେମୁଣ୍ଡି ଅଞ୍ଚଳରେ ଦୁଇ ଦିନ ଧରି ଅବିରତ ପ୍ରବଳ ବର୍ଷା ଲାଗିରହିଥିଲା। କ୍ରମାଗତ ବର୍ଷା ଯୋଗୁଁ ରାଣୀପେଣ୍ଠ ଗ୍ରାମର କ୍ରିଷ୍ଣା ନଗର ଭଳି ତଳିଆ ଅଞ୍ଚଳରେ ବର୍ଷା ଜଳ ନିଷ୍କାସନ ହୋଇନପାରି ରାସ୍ତାଘାଟରେ ପାଣି ଜମି ରହିଛି, ଯାହା ଫଳରେ ଲୋକମାନେ ଘରୁ ବାହାରି ନପାରି ଜଳବନ୍ଦୀ ହୋଇ ରହିଛନ୍ତି। ବର୍ଷା ପାଣି ଲହଡି ମାରୁଥିବାରୁ ସ୍ଥାନୀୟ ଲୋକଙ୍କ ଯାତାୟାତ ଏବଂ ଦୈନନ୍ଦିନ ଜୀବନଯାତ୍ରା ସମ୍ପୂର୍ଣ୍ଣ ରୂପେ ବାଧାପ୍ରାପ୍ତ ହୋଇଛି। ଜଳ ନିଷ୍କାସନ ନିମନ୍ତେ ନାଳର ସୁବିଧା ନଥିବାରୁ ଏପରି ଅସୁବିଧାର ସମ୍ମୁଖୀନ ହେଉଥିବା ସମାଜସେବୀ ଶ୍ରୀ ଲିଙ୍ଗରାଜ ପାଣିଗ୍ରାହୀ ପ୍ରକାଶ କରିବା ସହ ଏ ଦିଗରେ ଉଚିତ ପଦକ୍ଷେପ ଗ୍ରହଣ କରିବା ପାଇଁ ଜିଲ୍ଲା ପ୍ରଶାସନକୁ ଅନୁରୋଧ ଜଣାଇଛନ୍ତି।

## ବସରୁ ଜବତ ହେଲା ୭ କାର୍ଟୁନ ଗୁଟଖା, ଅଡ଼ବା ପୋଲିସ

ଆର, ଉଦୟଗିରି,୨୪.୮ (ମନୋଜ କୁମାର ପାଢୀ) ଗଜପତି ଜିଲା ଅଡ଼ବା ପୋଲିସ ପକ୍ଷରୁ ଅବୈଧ ଭାବେ ଗୁଟଖା ଚାଲାଣ ବିରୋଧରେ ଚଢ଼ାଉ କରାଯାଇ ୭ ଗୋଟି ଗୁଟଖା କାର୍ଟୁନ ଜବତ କରିଛି । ଶନିବାର ଦିନ ବିଳମ୍ବିତ ରାତିରେ ଅଡ଼ବା ଛକ ନିକଟରେ ଗାଡ଼ି ଯାଞ୍ଚ ବେଳେ ବ୍ରହ୍ମପୁରରୁ ଉମରକୋଟ ଅଭିମୁଖେ ଯାଉଥିବା କାମଧେନୁ ନାମକ ଗାରୋଇ ବସ୍‌କୁ ( ଓଡି ୩୨ ଇଚ ୨୯୨୮ ) ଅଟକାଇ ଯାଞ୍ଚ କରା ଯାଇଥିଲା। ଯାଞ୍ଚ ବେଳେ ବସ୍‌ରୁ ୭ଟି କାର୍ଟୁନ ବକ୍ସ ମିଳିଥିଲା।ପ୍ରତ୍ୟେକ କାର୍ଟୁନରେ ୩ଟି ଲେଖାଏଁ ବ୍ୟାଗ୍ ଥିବା ବେଳେ ସେଥିରେ 'ମାଲା ମାଲ' ନାମକ ଗୁଟଖା ପାଉଚ୍ ବାହାରିଥିଲା। ଗୁଟଖା ଚାଲାଣ ରେ କୌଣସି କାଗଜପତ୍ର ଦେଖାଇ ପାରିନଥିବାରୁ ପୋଲିସ ସମସ୍ତ ଗୁଟଖାକୁ ଜବତ କରିଛି । ଏନେଇ ଅଡ଼ବା ଥାନାରେ ଏକ ମାମଲା ୧୮୩/୨୬ ରେ ରୁଜୁ କରାଯାଇ ତଦନ୍ତ ଜାରି ରଖିଛି । ଜବତ ଗୁଟଖା କେଉଁଠାରୁ ଆସିଥିଲା, ଏହାର ମାଲିକ କିଏ, କେଉଁଠାକୁ ପଠାଉଥିଲା ଏବଂ ଏଥିରେ କାହାର ସମ୍ପୃକ୍ତି ରହିଛି ଅଧିକା ଯାଞ୍ଚ ଚାଲିଥିବା ଅଡବା ଥାନା ଅଧିକାରୀ ସନ୍ତୋଷ କୁମାର ବିଶୋୟୀ କହିଛନ୍ତି ।

## ବିଦ୍ୟୁତ୍ ମରାମତି ବେଳେ ଆଘାତ ଲାଗି ଯୁବକ ମୃତ

ଆର, ଉଦୟଗିରି,୨୪.୮(ମନୋଜ କୁମାର ପାଢୀ)ପୁଲିସ ଉପସ୍ଥିତିରେ ଖୁଣ୍ଟରୁ ମୃତଦେହ ଉଦ୍ଧାର; ଘଟଣାକୁ ନେଇ ତଦନ୍ତ ଚାଲିଛି। ବିଦ୍ୟୁତ୍ ମରାମତି କାର୍ଯ୍ୟ କରୁଥିବା ବେଳେ ବିଦ୍ୟୁତ୍ ଆଘାତ ଲାଗି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ରାମଗିରି ଥାନା ଅନ୍ତର୍ଗତ ତବାରସିଂ ଗ୍ରାମ ପଞ୍ଚାୟତର ଚମ୍ପାନାଳ ଗାଁରେ ଏହି ଅଘଟଣ ଘଟିଛି। ମୃତକ ହେଲେ ଗାଁର ସୁବାସ ରଇତ।ସୂଚନାନୁସାରେ, ଚମ୍ପାନାଳ ଗାଁ ନିକଟସ୍ଥ ପଦର ମଝିରେ ଥିବା ବିଦ୍ୟୁତ୍ ଖୁଣ୍ଟରେ ତାର କଟିଯାଇଥିବା ଜଣାପଡ଼ିଥିଲା। ଏହି ତାର ମରାମତି ଓ ଯୋଡ଼ିବା ପାଇଁ ସୁବାସ ଖୁଣ୍ଟ ଉପରକୁ ଚଢ଼ିଥିବା କୁହାଯାଉଛି। ମରାମତି କରୁଥିବା ସମୟରେ ହଠାତ୍ ବିଦ୍ୟୁତ୍ ଆଘାତ ଲାଗିବାରୁ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି।ବିଦ୍ୟୁତ୍ ଆଘାତ ପରେ ତାଙ୍କ ମୃତଦେହ ଦୀର୍ଘ ସମୟ ଧରି ବିଦ୍ୟୁତ୍ ଖୁଣ୍ଟରେ ଓହଳି ରହିଥିଲା। ଖବର ପାଇ ରାମଗିରି ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ପୁଲିସର ଉପସ୍ଥିତିରେ ମୃତଦେହକୁ ବିଦ୍ୟୁତ୍ ଖୁଣ୍ଟରୁ ତଳକୁ ଓହ୍ଲାଇ ଅଣାଯାଇଥିବା ସୂଚନା ମିଳିଛି।ଘଟଣାକୁ ନେଇ ଚମ୍ପାନାଳ ଗାଁରେ ଶୋକର ଛାୟା ଖେଳିଯାଇଛି। ବିଦ୍ୟୁତ୍ ମରାମତି ସମୟରେ କିଭଳି ବିଦ୍ୟୁତ୍ ସଂଯୋଗ ରହିଲା ଏବଂ ଘଟଣାର ପ୍ରକୃତ କାରଣ କ'ଣ, ତାହା ନେଇ ପ୍ରଶ୍ନ ଉଠିଛି। ଘଟଣା ସମ୍ପର୍କରେ ପୁଲିସ ଓ ବିଦ୍ୟୁତ୍ ବିଭାଗ ପକ୍ଷରୁ ତଦନ୍ତ କରାଯାଉଥିବା ବେଳେ ତଦନ୍ତ ପରେ ପ୍ରକୃତ ତଥ୍ୟ ସ୍ପଷ୍ଟ ହେବ।

## ପିଏମ୍ ଶ୍ରୀ କେନ୍ଦ୍ରୀୟ ପ୍ରଭାରୀ ରାଜୀବ ଶର୍ମାଙ୍କ ମାଲକାନଗିରି ଗସ୍ତ

# ଶିକ୍ଷା କ୍ଷେତ୍ରରେ ପରିବର୍ତ୍ତନ ଓ ଭିତ୍ତିଭୂମିର ସମୀକ୍ଷା

ମାଲକାନଗିରି,୨୪/୮/୨୬+ମାନସ୍ ରଞ୍ଜନ୍ ନେତାମ୍)ପିଏମ୍ ଶ୍ରୀ ସ୍କୁଲ ଯୋଜନାର କେନ୍ଦ୍ରୀୟ ପ୍ରଭାରୀ ତଥା ଭାରତ ସରକାରଙ୍କ ଯୁଗ୍ମ ସଚିବ ରାଜୀବ ଶର୍ମା ଦୁଇ ଦିନିଆ ମାଲକାନଗିରି ଜିଲ୍ଲା ଗସ୍ତରେ ଆସି ବିଦ୍ୟାଳୟଗୁଡ଼ିକର ଶିକ୍ଷାଗତ ଅଗ୍ରଗତି ଓ ଭିତ୍ତିଭୂମିର ଅନୁଧ୍ୟାନ କରିଛନ୍ତି ।ଗସ୍ତର ପ୍ରଥମ ଦିନରେ କେନ୍ଦ୍ରୀୟ ପ୍ରଭାରୀ ଶ୍ରୀ ଶର୍ମା, ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀଙ୍କ ସହ ମାଲକାନଗିରି ବ୍ଲକ୍‌ର ସିନ୍ଧ୍ରୀମାଲ ପିଏମ୍ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ କୋରୁକୋଣ୍ଡା ବ୍ଲକ୍‌ର ବାଲିମେଲା ପିଏମ୍ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ପରିଦର୍ଶନ ସମୟରେ ବିଦ୍ୟାଳୟର ସକ୍ଷମ କେନ୍ଦ୍ର, ଭାଷା କେନ୍ଦ୍ର, ଇ-ପାଠାଗାର, ବିଜ୍ଞାନାଗାର, ଖେଳ ପଡ଼ିଆ ଏବଂ ଜାତୀୟ ଶିକ୍ଷା ନୀତି ୨୦୨୦ ଅନୁଯାୟୀ ଚାଲିଥିବା ପାଠପଢ଼ା କାର୍ଯ୍ୟକ୍ରମର ଅନୁଧ୍ୟାନ କରାଯାଇଥିଲା ।ପରିଦର୍ଶନ ଶେଷରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେଙ୍କ ସଭାପତିତ୍ୱ



ଓ ପ୍ରତ୍ୟକ୍ଷ ପରିଚାଳନାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲ୍ଲାପାଳ ଜିଲ୍ଲାରେ ପିଏମ୍ ଶ୍ରୀ ଯୋଜନାର ସଫଳ କାର୍ଯ୍ୟକାରିତା, ପ୍ରଶାସନିକ ସହଯୋଗ ଏବଂ ଭିତ୍ତିଭୂମିର ବିକାଶ ସମ୍ପର୍କରେ କେନ୍ଦ୍ରୀୟ ପ୍ରଭାରୀଙ୍କୁ ବିଶେଷ ଭାବେ ଅବଗତ କରାଇବା ସହ ସମସ୍ତ ପିଏମ୍ ଶ୍ରୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଶିକ୍ଷା ବିଭାଗର ଅଧିକାରୀମାନଙ୍କୁ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ପାଇଁ କଡ଼ା ନିର୍ଦ୍ଦେଶ ଦେଇଥିଲେ ।ଏହି ଅବସରରେ କେନ୍ଦ୍ରୀୟ ପ୍ରଭାରୀ ଶ୍ରୀ ଶର୍ମା କହିଛନ୍ତି, ମାଲକାନଗିରି ଭଳି ପ୍ରାନ୍ତୀୟ ଜିଲ୍ଲାରେ ପିଏମ୍ ଶ୍ରୀ ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି ଓ ଜାତୀୟ ଶିକ୍ଷା ନୀତି ୨୦୨୦ର କାର୍ଯ୍ୟକାରିତା ବେଶ୍ ପ୍ରଶଂସନୀୟ। ଛାତ୍ରଛାତ୍ରୀଙ୍କ ଆଭ୍ୟନ୍ତରୀଣ ଦକ୍ଷତାର ବିକାଶ ଏବଂ ଆଧୁନିକ ଜ୍ଞାନକୌଶଳର ବ୍ୟବହାର ଦ୍ୱାରା ଏହି ବିଦ୍ୟାଳୟଗୁଡ଼ିକ ଆଗାମୀ ଦିନରେ ଗୁଣାତ୍ମକ ଶିକ୍ଷାର ମାପଦଣ୍ଡ ସାଜିବ ।ଜିଲ୍ଲାରେ ଶିକ୍ଷାର ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରିବା ନେଇ ଜିଲ୍ଲାପାଳ ପ୍ରକାଶ କରିଛନ୍ତି ଯେ, ପିଏମ୍ ଶ୍ରୀ ଯୋଜନା ମାଧ୍ୟମରେ ଜିଲ୍ଲାର ସରକାରୀ ବିଦ୍ୟାଳୟଗୁଡ଼ିକର କାୟାକଳ୍ପ ବଦଳିବାରେ ଲାଗିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରତିଟି ବିଦ୍ୟାଳୟରେ ସମସ୍ତ ଆବଶ୍ୟକୀୟ ସୁବିଧାସୁଯୋଗ ଯୋଗାଇ ଦେବା ସହ ପ୍ରତ୍ୟେକ ଛାତ୍ରଛାତ୍ରୀ ଯେପରି ଗୁଣାତ୍ମକ ଓ ଆଧୁନିକ ଶିକ୍ଷା ପାଇପାରିବେ, ସେଥିପାଇଁ ନିରନ୍ତର ପଦକ୍ଷେପ ଗ୍ରହଣ କରାଯାଉଛି ।ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବେଦବର ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ଦାଶରଥି ସରାବୁ, ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ ଓ ଭାଗିରଥୀ ବେହେରା, ସମସ୍ତ ବ୍ଲକ୍ ଶିକ୍ଷା ଅଧିକାରୀ, ସମଗ୍ର ଶିକ୍ଷା କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଏବଂ ପିଏମ୍ ଶ୍ରୀ ବିଦ୍ୟାଳୟଗୁଡ଼ିକର ପ୍ରଧାନ ଶିକ୍ଷକମାନେ ଉପସ୍ଥିତ ଥିଲେ।

## ରକ୍ତ ବିନା ଆଉ ଜିବନି ଜୀବନ,ପ୍ରଜାପିତା ବ୍ରହ୍ମକୁମାରୀ ଆଶ୍ରମ ପକ୍ଷରୁ ମେଗା ରକ୍ତଦାନ ଶିବିର

ଅସ୍ତରଙ୍ଗ, ୨୪/୮ :-(ସୁଜାତା ସାହୁ )ପ୍ରଜାପିତା ବ୍ରହ୍ମକୁମାରୀ ଆଶ୍ରମ ଅସ୍ତରଙ୍ଗ ପକ୍ଷରୁ ସବୁଜଶାଖାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଆୟୋଜକ ପ୍ରଜାପିତା ବ୍ରହ୍ମକୁମାରୀ ଆଶ୍ରମ ସହ ସବୁଜଶାଖା ଅନୁଷ୍ଠାନ , ସମ୍ବାଦ-ଆମ ଓଡିଶା ଓ ବିଭିନ୍ନ ସଂଗଠନର ମିଳିତ ପ୍ରୟାସରେ ଏହି ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଶିବିରରୁ ଅପରାହ୍ନ ୨ଟା ସୁଧା ମୋଟ୍ ୧୧୧ ୟୁନିଟ୍ ସଂଗ୍ରହ ହୋଇଥିଲା ।ଅତିଥି ଭାବେ ଅସ୍ତରଙ୍ଗ ପଞ୍ଚାୟତ ସମିତି ପୂର୍ବତନ ଅଧକ୍ଷା ସସ୍ମିତା ଛାଟୋଇ, ସମ୍ବାଦ ସାହିତ୍ୟିଘର ସମ୍ପାଦକ ପଣ୍ଡିତ କାଳିନ୍ଦୀ ଚରଣ ଛାଟୋଇ, ସବୁଜଶାଖାର ମୁଖ୍ୟ ସଂଯୋଜକ



ଦିବାକର ଛାଟୋଇ ଓ ସମାଜସେବୀ ସତ୍ୟବ୍ରତ ଲେଙ୍କା ଯୋଗଦେଇ ରକ୍ତଦାନ ଶିବିରକୁ ଉଦ୍ଘାଟନ କରିଥିଲେ । ରକ୍ତଦାନ ଏକ ପୂର୍ଣ୍ଣ୍ୟ କାର୍ଯ୍ୟ, ପ୍ରତ୍ୟେକ ସୁସ୍ଥ ସବଳ ବ୍ୟକ୍ତି ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କଲେ ରାଜ୍ୟରେ ରକ୍ତର ଅଭାବ ରହିବ ନାହିଁ ବୋଲି ଶ୍ରୀମତୀ ଛାଟୋଇ କହିଥିଲେ । ଆୟୋଜିତ ଶିବିରରେ ପୂର୍ବତନ ଅଧକ୍ଷ ସସ୍ମିତା ଛାଟୋଇ ଓ କଲେଜ ଛାତ୍ରୀ ଶୁଭଶ୍ରୀ ଲେଙ୍କା ସର୍ବ ପ୍ରଥମେ ରକ୍ତଦାନ କରି ଉପସ୍ଥିତ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ ।ସେହିପରି ଦିବାକର ଛାଟୋଇ ରକ୍ତଦାନ କରି ୧୦୦ ୟୁନିଟ୍ ପୁରଣ କଲା ବେଳେ ସତ୍ୟବ୍ରତ ଲେଙ୍କା ସର୍ବଶେଷରେ ରକ୍ତଦାନ କରିବାରେ ୧୧୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା । ପୁରୀ ରେଡକ୍ରସ୍ ବ୍ଲଡ୍ ବ୍ୟାଙ୍କର ଅଭିଜ୍ଞ କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ ।ଏହି କାର୍ଯ୍ୟକ୍ରମରେ ପ୍ରଜାପିତା ବ୍ରହ୍ମକୁମାରୀ ଆଶ୍ରମର ଦୁଷ୍ମନ୍ତ କୁମାର ପରିଡା ସମେତ ଭାଇଭଉଣୀ ଓ ସବୁଜଶାଖାର ସଭାପତି ରମାକାନ୍ତ ବସ୍ତିଆ ଓ ସଦସ୍ୟମାନେ ରକ୍ତଦାନ ସହ ଉପସ୍ଥିତ ରହି ସମସ୍ତ ପ୍ରକାର ସହଯୋଗ କରିବା ଦେଖିବାକୁ ମିଳିଥିଲା ।

## ପ୍ରଣବ ପଟନାୟକଙ୍କ ଶ୍ରଦ୍ଧାଞ୍ଜଳି ସଭା

ବ୍ରହ୍ମପୁର,(ମନୋଜ କୁମାର ପାତ୍ର): ଆମର ଅତିପ୍ରିୟ ଓଡ଼ିଶାର ପ୍ରଖ୍ୟାତ ଗାୟକ ତଥା କଣ୍ଠଶିଳ୍ପୀ ପ୍ରଣବ କୁମାର ପଟନାୟକଙ୍କ ଦେହାନ୍ତ ସମସ୍ତ ଓଡ଼ିଆ ସଂଗୀତ ତଥା କଳାପ୍ରେମୀଙ୍କ ପାଇଁ ଏକ ଗଭୀର ଦୁଃଖଦ ଖବର। ବହୁମୁଖୀ ସମାଜ ମଙ୍ଗଳ ଓ ସାଂସ୍କୃତିକ କେନ୍ଦ୍ର ତରଫରୁ ଏହି ମହାନ କଳାକାରଙ୍କ ଶ୍ରଦ୍ଧାଞ୍ଜଳି ତଥା ସ୍ମୃତିଚାରଣ ସଭା ସିଦ୍ଧାର୍ଥ ନଗର ମୁଖ୍ୟ ରାସ୍ତାସ୍ଥିତ ହିମାନି ସେଲିବ୍ରେସନ ପରିସରରେ ଆୟୋଜିତ ହୋଇଥିଲା। ଏଥିରେ ସଭାପତି ଡାକ୍ତର ସଙ୍କର୍ଷଣ ପାତ୍ର, ସମ୍ପାଦକ ମହମଦ ଆସଲାମ, ଉପସଭାପତି ମହେନ୍ଦ୍ର ନାଥ ସାହୁ ଓ ହର ମୋହନ ପାଣିଗ୍ରାହୀ, କୋଷାଧକ୍ଷ ସୁନୀଲ କୁମାର ସାହୁ,ଡ଼ କୈଳାସ ଚନ୍ଦ୍ର ତ୍ରିପାଠୀ, ଇସ୍ମାଇଲ ଖାନ, ସୁବାସ ଚନ୍ଦ୍ର ପଟନାୟକ, ସଞ୍ଜୟ ଅଚାରୀ, ଡାକ୍ତର ରାମହରୀ ଖଣ୍ଡୁଆଳ, ଶ୍ରୀମତୀ ଜୟନ୍ତୀ ପାତ୍ର, ଶ୍ରୀମତୀ ପଦ୍ମିନୀ ମିଶ୍ର, କେଶବ ଚନ୍ଦ୍ର ସାହୁ, ମିଳନ କୁମାର ସାହୁ, ଚିନ୍ମୟ ପାତ୍ର ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପ୍ରଣବ ପଟ୍ଟନାୟକ ଓଡ଼ିଆ ସିନେମା ଓ ସଂଗୀତଜଗତରେ ତାଙ୍କର ଅବଦାନ ଓ ସ୍ୱତନ୍ତ୍ର ସଂଗୀତ ପରିବେଷଣ ବିଷୟରେ ସ୍ମୃତି ଚାରଣ କରିବା ସହ ତାଙ୍କର ବିଭିନ୍ନ କାଳଜୟୀ ଗୀତ ଗାୟନ କରିଥିଲେ ।

## ତ୍ରୁଟିମୁକ୍ତ, ବିଜ୍ଞାନସମ୍ମତ ଓ ମୌଳିକ ବିଷୟବସ୍ତୁ ସନ୍ନିବେଶିତ ପାଠ୍ୟପୁସ୍ତକ ଯୋଗାଇ ଦେବା ଦାବିରେ ଦସ୍ତଖତ ସଂଗ୍ରହ ଅଭିଯାନ




ବ୍ରହ୍ମପୁର,(ମନୋଜ କୁମାର ପାତ୍ର): ତ୍ରୁଟିମୁକ୍ତ, ବିଜ୍ଞାନସମ୍ମତ ଏବଂ ମୌଳିକ ବିଷୟବସ୍ତୁ ସନ୍ନିବେଶିତ ପାଠ୍ୟପୁସ୍ତକ ପ୍ରସ୍ତୁତ ନ ହେବା ପର୍ଯ୍ୟନ୍ତ ଗତ ବର୍ଷର ପାଠ୍ୟପୁସ୍ତକରେ ଶିକ୍ଷାଦାନ କରିବା, ଖାଲିପଡ଼ିଥିବା ସମସ୍ତ ଶିକ୍ଷକ, ଅଧ୍ୟାପକ ଓ ଶିକ୍ଷାକର୍ମଚାରୀ ପଦବୀ ସ୍ଥାୟୀଭିତ୍ତିରେ ପୂରଣ କରିବା, ଏନ୍.ଟି.ଏ କୁ ରଦ୍ଦ କରିବା ଓ ବନ୍ଦ ହୋଇଥିବା ସମସ୍ତ ସରକାରୀ ବିଦ୍ୟାଳୟଗୁଡ଼ିକୁ ଅବିଳମ୍ବେ ଖୋଲିବା ଦାବିରେ ଆଜି ଏଆଇଡିଏସଓ ଗଞ୍ଜାମ ଜିଲ୍ଲା କମିଟି ପକ୍ଷରୁ ଏକ ବାଇକ୍ ଶୋଭାଯାତ୍ରା ଇଞ୍ଜିନିୟରିଂ ସ୍କୁଲ ଠାରୁ ଆରମ୍ଭ କରି ବ୍ରହ୍ମପୁର ସହର ପରିକ୍ରମା କରିବା ସହ ଦସ୍ତଖତ ସଂଗ୍ରହ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବର୍ଷ ଆରମ୍ଭ ହେବାର ୫ମାସ ବିତିଯିବା ପରେ ମଧ୍ୟ ସରକାର, ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ତ୍ରୁଟିମୁକ୍ତ, ବିଜ୍ଞାନସମ୍ମତ ଏବଂ ମୌଳିକ ବିଷୟବସ୍ତୁ ସନ୍ନିବେଶିତ ପାଠ୍ୟପୁସ୍ତକ ପ୍ରସ୍ତୁତ କରି ଛାତ୍ରଛାତ୍ରୀଙ୍କୁ ବଣ୍ଟନ କଲେ ନାହିଁ କି ଶିକ୍ଷକ, ଅଭିଭାବକ, ବୁଦ୍ଧିଜୀବୀ ଓ ଜନଗଣଙ୍କ ଦାବି ନୂତନ ବହି ପ୍ରସ୍ତୁତ ନହେବା ପର୍ଯ୍ୟନ୍ତ ପୁରୁଣା ବହିରେ ପିଲାଙ୍କୁ ପାଠ ପଢାଯାଉ, ଏହି ଦାବି ପ୍ରତି ମଧ୍ୟ ସରକାର କୌଣସି କର୍ଣ୍ଣପାତ କଲେନାହିଁ। ସ୍କୁଲ ମାନଙ୍କରେ ଅର୍ଦ୍ଧବାର୍ଷିକ ପରୀକ୍ଷା ଆରମ୍ଭ ହେବାକୁ ଆଉ ମାତ୍ର ୧ମାସ ବାକି ଅଛି। ଏପରି ସ୍ଥଳେ ଛାତ୍ରଛାତ୍ରୀ ପରୀକ୍ଷା ପାଇଁ କିପରି ପ୍ରସ୍ତୁତ ହେବେ ଦ୍ୱନ୍ଦରେ ଅଛନ୍ତି। ଅନ୍ୟ ପଟେ ଗଞ୍ଜାମ ଜିଲ୍ଲା ସମେତ ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ପ୍ରାୟ ଅଧରୁ ଅଧିକ ସ୍ଥାୟୀ ଶିକ୍ଷକ, ଅଧ୍ୟାପକ, ପ୍ରଫେସର ଏବଂ ଶିକ୍ଷା କର୍ମଚାରୀ ପଦବୀ ଖାଲି ପଡ଼ିଛି। ଫଳରେ ଠିକ୍ ସମୟରେ କ୍ଲାସ, ସଠିକ ଭାବେ ପରୀକ୍ଷା ପରିଚାଳନା, ସଠିକ ପରୀକ୍ଷା ଖାତା ଦେଖି ପରୀକ୍ଷା ଫଳ ଘୋଷଣା କରିବାରେ ନାନା ବିଭ୍ରାଟ ଘଟୁଥିବା ବେଳେ ଅନ୍ୟପଟେ ସରକାର ହଜାର ହଜାର ସରକାରୀ ସ୍କୁଲ ବନ୍ଦ କରିବାରେ ବ୍ୟସ୍ତ। ଫଳରେ ଲକ୍ଷ ଲକ୍ଷ ଗରିବ ପିଲାଙ୍କ ପାଠ ପଢାରେ ଡୋରି ବନ୍ଧା ହେଉଛି ।ଏନଟିଏ ବାରମ୍ବାର ନିରପେକ୍ଷ ଏବଂ ସ୍ୱଚ୍ଛ ପରୀକ୍ଷା ପରିଚାଳନାରେ ବିଫଳ ହେଉଥିବାରୁ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀ ଏବଂ ଅଭିଭାବକଙ୍କ ମଧ୍ୟରେ ଗଭୀର ଅନିଶ୍ଚିତତା ଓ କ୍ଷୋଭ ସୃଷ୍ଟି ହୋଇଛି। କନ୍ଦ୍ରୀକୃତ ପରୀକ୍ଷା ବ୍ୟବସ୍ଥାର ବାରମ୍ବାର ବିଫଳତା, କୋଚିଂ ଶିଳ୍ପର ସ୍ୱାର୍ଥକୁ ଆହୁରି ପ୍ରୋତ୍ସାହିତ କରୁଛି ଏବଂ ଛାତ୍ରଛାତ୍ରୀଙ୍କ ଉପରେ ମାନସିକ, ଆର୍ଥିକ ଚାପ ବଢ଼ାଇ ଦେଉଛି। ତେଣୁ ଉପର ଲିଖିତ ସମସ୍ତ ଦାବିଗୁଡ଼ିକୁ ସରକାର ଅବିଳମ୍ବେ ପୂରଣ କରିବା ପାଇଁ ଏଆଇଡିଏସଓ ପକ୍ଷରୁ ଦୃଢ଼ ଦାବି ଉପସ୍ଥାପନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଏଆଇଡିଏସ୍‌ଓ ରାଜ୍ୟ ସଭାପତି ସୋମନାଥ ବେହେରା, ଜିଲ୍ଲା ସଭାପତି ନିମାଇଁ ଚରଣ ସାହୁ, ସମ୍ପାଦକ ନାରାୟଣ ସାହୁ, ଉପସଭାପତି ପପୁନ ସାହୁ, କୋଷାଧକ୍ଷ କିସାନ୍ କୁମାର ସାହୁ, ଜିଲ୍ଲା କମିଟି ସଭ୍ୟା ଶୁଭସ୍ମିତା ପାଣିଗ୍ରାହୀଙ୍କ ସମେତ ସଂଗଠନର କର୍ମକର୍ତ୍ତା ବାମିଆ କୁମାର, ଜଗନ୍ନାଥ ବେହେରା,ବୈକୁଣ୍ଠ ବାରିକଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା।

## ଖଡ଼ିଆଳରେ ୮୬ ଅଭିଯୋଗ ଶୁଣିଲେ ଜିଲ୍ଲାପାଳ; ରେଡକ୍ରସ ପାଣ୍ଠିରୁ ୪ ଜଣଙ୍କୁ ସହାୟତା



ନୂଆପଡ଼ା, ତା. ୨୪/୦୮: ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ପରିସରରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ସାଧାରଣ ଲୋକଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରାଯିବା ସହ ଅଭିଯୋଗଗୁଡ଼ିକର ତ୍ୱରିତ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ଆବଶ୍ୟକ ନିର୍ଦ୍ଦେଶ ଦେଇଥିଲେ ।ଶିବିରରେ ମୋଟ ୮୬ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ୭୭ଟି ବ୍ୟକ୍ତିଗତ ଓ ୯ଟି ଗୋଷ୍ଠୀଗତ ଅଭିଯୋଗ ଥିଲା। ପ୍ରତ୍ୟେକ ଅଭିଯୋଗର ଶୁଣାଣି କରାଯାଇ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଅଭିଯୋଗଗୁଡ଼ିକର ଯଥାଶୀଘ୍ର ସମାଧାନ ଦିଗରେ ପଦକ୍ଷେପ ନେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ।ଶିବିର ଅବସରରେ ଦେବକୀ ଶବର, ମଞ୍ଜୁଳା ସରାଫ, ବିମଳ ଭୋଇ ଓ ବସନ୍ତ ଛତ୍ରିଆଙ୍କୁ ରେଡକ୍ରସ ପାଣ୍ଠିରୁ ୫ ହଜାର ଟଙ୍କା ଲେଖାଏଁ ତୁରନ୍ତ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା ।ଏହି ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦ୍ୱାରିକାନାଥ ଶତପଥୀ, ବନଖଣ୍ଡ ଅଧିକାରୀ ପ୍ରାନ୍ତିଆ ଅଜିଜ ଖାନ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରଞ୍ଜିତ ନାୟକ, ଖଡ଼ିଆଳ ପଞ୍ଚାୟତ ସମିତି ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦ, ଜିଲ୍ଲା ପରିଷଦ ସଦସ୍ୟ ମାଲ୍ୟବନ୍ତ ସୁନା ପ୍ରମୁଖ ଉପସ୍ଥିତ ଥିଲେ ।ବିଡିଓ ମିଳନ କୁମାର ଝାଙ୍କର, ଡେପୁଟି ଜିଲ୍ଲାପାଳ ଶେଖ ନସୀମଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।ଅଭିଯୋଗ ଶୁଣାଣି ଶିବିର ଅବସରରେ ବ୍ଲକ ପରିସରରେ ବରିଷ୍ଠ ନାଗରିକମାନଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର ଏବଂ ଆୟୁଷ୍ମାନ ଆରୋଗ୍ୟ ଶିବିର ମଧ୍ୟ ଆୟୋଜନ କରାଯାଇଥିଲା।

## ବ୍ରହ୍ମବରଦା ଡିଗ୍ରୀ ମହାବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର

ଯାଜପୁର,୨୪/୮(ଚିନ୍ମୟ ନାୟକ) : ଯାଜପୁର ଜିଲ୍ଲା ରସୁଲପୁର ବ୍ଲକ ବ୍ରହ୍ମବରଦା ଡିଗ୍ରୀ ମହାବିଦ୍ୟାଳୟର 'ଶକ୍ତିଶ୍ରୀ' କାର୍ଯ୍ୟକ୍ରମରେ ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରଶିକ୍ଷଣ ଶିବିର ୬ ଦିନ ଧରି ଚାଲିଥିଲା । ଶିବିରର କୋଡିନେଟର ରଶ୍ମିତା ସାମଲଙ୍କ ତତ୍ତ୍ୱାଧାନରେ ଅତିଥିଭାବେ ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ମହେଶ୍ୱର ପାଢୀ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଏହି ଅବସରରେ ଡିଗ୍ରୀ ମହାବିଦ୍ୟାଳୟର ଛାତ୍ରୀମାନଙ୍କୁ ବାଳିକା ଆତ୍ମରକ୍ଷା ସୁରକ୍ଷା ପ୍ରଶିକ୍ଷଣ ସମ୍ବନ୍ଧୀୟ ବିଭିନ୍ନ ପ୍ରକାର କୌଶଳରେ ତାଲିମ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପକ ସୌଭାଗ୍ୟ କୁମାର ସାହୁ,ଡ.ରଶ୍ମୀକାନ୍ତ ଦାଶ,ବାବୁଲା ରଣା,ରୁହୁଲ ଅମୀନ,ଶିବ ପ୍ରସାଦ ସାହୁ,ଅଧ୍ୟାପିକା ସାଗରିକା ଦାସ,ଖେଳ ଶିକ୍ଷକ ବିବେକାନନ୍ଦ ଜେନା,ବିନୟ କୁମାର ରାଉତ ଓ ଧର୍ମେନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ସୁନିଲ କୁମାର ଓଝା ଓ ଅକ୍ରୁର ଅଲ୍ଲୀ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

## ଓରମାସ୍ ରାକ୍ଷୀ ଷ୍ଟଲ୍ ଉଦ୍‌ଘାଟିତ

ଭୁବନେଶ୍ୱର : ରକ୍ଷାବନ୍ଧନ ଅବସରରେ ଓଡ଼ିଶାର ଗ୍ରାମୀଣ କାରିଗର ଓ ଉତ୍ପାଦକ ଗୋଷ୍ଠୀମାନଙ୍କର ହାତତିଆରି ଉତ୍ପାଦକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଆଜି ଭୁବନେଶ୍ୱରର ପଟିଆଠାରେ ଓରମାସ୍ ପକ୍ଷରୁ ରାକ୍ଷୀ ଷ୍ଟଲ୍ ଉଦ୍‌ଘାଟିତ ହୋଇଛି। ଓରମାସ୍‌ର ଅତିରିକ୍ତ ସିଇଓ ଶ୍ରୀମତୀ ଗୀତାଞ୍ଜଳି ବେହେରା ଏହି ଷ୍ଟଲ୍‌ର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଓରମାସ୍‌ର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।ଏହି ଷ୍ଟଲ୍‌ରେ ସବାଇ ଘାସ, କାଇଞ୍ଚ, ଧାନ, ଜଗନ୍ନାଥ, ପଟ୍ଟଚିତ୍ର, କଉଡ଼ି ଓ ବାଉଁଶ ଆଦି ପ୍ରାକୃତିକ ଉପାଦାନରେ ପ୍ରସ୍ତୁତ ବିଭିନ୍ନ ପ୍ରକାରର ପାରମ୍ପରିକ, ପରିବେଶ ଅନୁକୂଳ ଓ ହାତତିଆରି ରାକ୍ଷୀ ପ୍ରଦର୍ଶିତ ଓ ବିକ୍ରୟ କରାଯାଉଛି।

## ଭାରତରେ ଶୁଭାରମ୍ଭ ହୋଇଛି ନୂତନ BMW X1 fw ହୁଇଲବେସ୍

ଭୁବନେଶ୍ୱର, : ନୂତନ ଇଗଡ ଢ୧ ଲଙ୍ଗ ହୁଇଲବେସ୍ ଆଜି ଭାରତରେ ଶୁଭାରମ୍ଭ ହୋଇଛି ଇଗଡ ଢ୧ ହେଉଛି ଦେଶର ସବୁଠାରୁ ସଫଳ ଲଗଜରୀ ସ୍ପୋର୍ଟସ୍ ଆକ୍ଟିଭିଟି ଭେଇକିଲ୍ ଏବଂ ବର୍ତ୍ତମାନ ଲମ୍ବ ହ୍ୱିଲବେସ୍, ବର୍ଦ୍ଧିତ କାର୍ଯ୍ୟଦକ୍ଷତା ଏବଂ ବହୁ ଡିଜିଟାଲ୍ ଅପଗ୍ରେଡରେ ଏହାର ନୂତନ ଅବତାର। ନୂତନ ଇଗଡ ଢ୧ ଲଙ୍ଗ ହୁଇଲବେସ୍ ସ୍ଥାନୀୟ ଭାବରେ ଇଗଡ ଗ୍ରୁପ୍ ପ୍ଲାଂଟ ଚେନ୍ନାଇରେ ଏକ ପେଟ୍ରୋଲ ଭାରିଆଣ୍ଟରେ ଉତ୍ପାଦିତ ହୁଏ ଏବଂ ଆଜି ଠାରୁ ଇଗଡ ଡିଲରସିପରେ ବୁକ୍ କରାଯାଇପାରିବ ।ଶ୍ରୀଯୁକ୍ତ ହରଦୀପ ସିଂହ ବ୍ରାର, ପ୍ରେସିଡେଣ୍ଟ ଏବଂ ଉରଙ୍ଗ, ଇଗଡ ଗ୍ରୁପ୍ ଇଣ୍ଡିଆ କହିଛନ୍ତି, "ଇଗଡ ଢ୧ ଭାରତରେ ଏକ ଉଲ୍ଲେଖନୀୟ ସଫଳତାର କାହାଣୀ ହୋଇଛି ଏବଂ ଲଗଜରୀ ଝଟଠ ସେଗମେଂଟରେ ଗତି ସ୍ଥିର କରି ଚାଲିଛି। ନୂତନ ଇଗଡ ଢ୧ ଲଙ୍ଗ ହୁଇଲବେସ୍ ଏକ ଶକ୍ତିଶାଳୀ ନୂତନ ପ୍ରସ୍ତାବ ସହିତ ଏହି ନେତୃତ୍ୱ ଉପରେ ନିର୍ମାଣ କରୁଛି: ଅଧିକ ସ୍ଥାନ, ଅଧିକ ଆରାମ, ଅଧିକ ପ୍ରଯୁକ୍ତିବିଦ୍ୟା ଏବଂ ଅଧିକ ଉପସ୍ଥିତି। ଏହାର ସେଗମେଂଟରେ ସବୁଠାରୁ ଲମ୍ବା, ଉଚ୍ଚ ଏବଂ ଚଉଡା କାର ଭାବରେ, ଏହା ଏକ ସ୍ତରର ସ୍ଥାନ ଏବଂ ପଛ-ସିଟ୍ ଆରାମ ଆଣିଥାଏ ଯାହା ପ୍ରକୃତରେ ଅସାଧାରଣ, ଯେତେବେଳେ ଇଗଡକୁ ପରିଭାଷିତ କରୁଥିବା ଚପଳତା, କାର୍ଯ୍ୟଦକ୍ଷତା ଏବଂ ଡ୍ରାଇଭିଂ ଆନନ୍ଦ ବଜାୟ ରଖେ। ଏହି ଶୁଭାରମ୍ଭ ସହିତ, ଆମେ କେବଳ ମଡେଲର ଆକର୍ଷଣୀୟ ପ୍ରୋଫାଇଲକୁ ବିସ୍ତାର କରୁନାହୁଁ; ଆମେ ଏହି ଶ୍ରେଣୀର ଏକ ଲଗଜରୀ ଝଟଠ ରୁ ଗ୍ରାହକମାନେ କ'ଣ ଆଶା କରିପାରିବେ ତାହା ବୃଦ୍ଧି କରୁଛୁ।" ଏହାର ତୀକ୍ଷ୍ଣ ଡିଜାଇନ୍ ଏବଂ ଅତ୍ୟନ୍ତ ପ୍ରଶସ୍ତ ଇଂଟେରିର ସହିତ, ନୂତନ ଇଗଡ ଢ୧ ଲଙ୍ଗ ହୁଇଲବେସ୍ ଏକ ବୋଲ୍ଡ ଷ୍ଟେଟମେଂଟ ପ୍ରଦାନ କରେ ଶ୍ରେଣୀ-ଅଗ୍ରଣୀ ପରିମାପ - ଲମ୍ବ (୪,୬୧୬ ଣ୍ଣଣ୍ଣ), ପ୍ରସ୍ଥ (୨,୧୦୪ ଣ୍ଣଣ୍ଣ), ଉଚ୍ଚତା (୧,୬୪୧ ଣ୍ଣଣ୍ଣ) ଏବଂ ଚକ ବେସ୍ (୨,୮୦୦ ଣ୍ଣଣ୍ଣ)- ଏହାକୁ କେବଳ ଏହାର ସେଗମେଂଟରେ ସବୁଠାରୁ ଲମ୍ବା କାର ନୁହେଁ, ବରଂ ଭାରତରେ ପ୍ରଦାନ କରାଯାଇଥିବା ସବୁଠାରୁ ପ୍ରଶସ୍ତ ୫-ସିଟର ଝଟଠ ମଧ୍ୟରୁ ଗୋଟିଏ କରେ ।ସିଗ୍ନେଚର ଇଗଡ କିଡନୀଗ୍ରିଲ୍ ଏବଂ ସେଗମେଂଟ ୟୁନିକ୍ ଆଡାପ୍ଟିଭ୍ ଖରଡ ହେଡଲାଇଟ୍ ପ୍ରଚଳନ ଯୋଗୁଁ ସିଧା ସାମ୍ନା ଆକର୍ଷଣୀୟ ବୁଦ୍ଧିମାନ ଇଗଡ ହାଇ ବିମ୍ ଆସିଷ୍ଟାଂଟ ରାତିରେ ଆସୁଥିବା ଟ୍ରାଫିକକୁ ବ୍ଲାଇଣ୍ଡ ନକରିବା ପାଇଁ ଯତ୍ନ ନିଏ ଆଲୁମିନିୟମ୍ ସାଟିନେଟେଡ୍ ରୁଫ ରେଲ୍ ସହିତ ବିସ୍ତାରିତ ରୁଫ ଲାଇନ, ବର୍ଗାକାର ହୁଇଲ୍ ଆର୍କ କଂଟୁର ଏବଂ ଟ୍ୟୁବଲେସ୍ ଟାୟାର ସହିତ ୧୮-ଇଂଚ ମାଇଟ୍ ଆଲଏ ହୁଇଲ୍ ସାମଗ୍ରିକ ଦୃଶ୍ୟକୁ ପୂରଣ କରେ ।ଭିତର ଭାଗରେ, ସ୍ଥାନର ଏକ ବିଶାଳ ଏବଂ ଖୋଲା ଅନୁଭବ ଆଧୁନିକ ଡିଜାଇନ୍, ଉତ୍କୃଷ୍ଟ କାରିଗରୀ ଏବଂ ଅଭିନବ କାର୍ଯ୍ୟକ୍ଷମତା ସହିତ ମେଳ ଖାଏ ଡ୍ରାଇଭର ଏବଂ ସମ୍ମୁଖ ଯାତ୍ରୀ ଉଭୟଙ୍କ ପାଇଁ ମଲ୍ଟି-ୱେ ବୈଦ୍ୟୁତିକ



ଭାବରେ ଆଡଜଷ୍ଟେବଲ୍ ସ୍ପୋର୍ଟସିଟ୍ ପ୍ରଦାନ କରାଯାଇଛି ବର୍ଦ୍ଧିତ ହୁଇଲ ବେସ୍ (+୧୦୮ ଣ୍ଣଣ୍ଣ) ପାଇଁ ପଛ ଯାତ୍ରୀମାନେ ଏକ ସମ୍ପୂର୍ଣ୍ଣ ଆନନ୍ଦ ପାଇଁ ପ୍ରସ୍ତୁତ ସେମାନେ ବିସ୍ତାରିତ ଲେଗ୍ ରୁମ୍ (+୧୫୦ ଣ୍ଣଣ୍ଣ) ଏବଂ ପ୍ରସସ୍ତ ନି ରୁମ୍ (+୧୦୯ ଣ୍ଣଣ୍ଣ) ସହିତ ସେଗମେଂଟରେ ସବୁଠାରୁ ପ୍ରଶସ୍ତ ପଛ କ୍ୟାବିନ୍ ଉପଭୋଗ କରି ବିସ୍ତାରିତ କୁଶନିଂ (+୧୫ ଣ୍ଣଣ୍ଣ) ଏବଂ ଉଲ୍ଲେଖନୀୟ ସହିତ ସମ୍ପୂର୍ଣ୍ଣ କଂଟୋରଡ୍ ସିଟ୍ ଯାତ୍ରା ଯେତେ ଲମ୍ବା ହେଉନା କାହିଁକି ବିଳାସପୂର୍ଣ୍ଣ ଆରାମ ସୁନିଶ୍ଚିତ କରେ ।ୱାଇଡ ସ୍କ୍ରିନ କର୍ଭେଡ ଡିସପ୍ଲେ - ଏହାର ସିମଲେସ ଗ୍ଲାସ ପୃଷ୍ଠ ଡ୍ରାଇଭର ଆଡକୁ ଆଙ୍ଗେଲ ହୋଇଛି - କ୍ୟାବିନକୁ ଏକ ଉଚ୍ଚ-ଶ୍ରେଣୀର, ଡିଜିଟାଲ୍ ହାଇଲାଇଟ୍ ଆଣିଥାଏ 'ଆଲୁମିନିୟମ ମେସ ଇଫେକ୍ଟ'ଟ୍ରିମ୍ ସହିତ ସଫା ଏବଂ ଉତ୍କୃଷ୍ଟ ଡ୍ୟାସବୋର୍ଡ ଲଗଜରୀ ଇନଷ୍ଟ୍ରୁମେଂଟଷ୍ଟ ପାନେଲ୍ ସହିତ ସୁନ୍ଦର ଭାବରେ ଏକାଠି ହୁଏ ଷ୍ଟୋରେଜ୍ ସହିତ ଫ୍ଲୋଟିଂ ଆର୍ମରେଷ୍ଟ ମଧ୍ୟ କଂଟ୍ରୋଲକ୍ଲଷ୍ଟରକୁ ଏରଗୋନୋମିକ୍ ଭାବରେ ସଂଯୁକ୍ତ କରେ ସେଗମେଂଟରେ ଆଉ ଏକ ପ୍ରିମିୟମ୍ ଅଫରିଂ, ୧୨ ଲାଉଡସ୍ପିକର ଏବଂ ୨୦୫ଡ ଆଉଟପୁଟ୍ ସହିତ ହାରମାନ କାର୍ଡନ ସାଉଣ୍ଡସିଷ୍ଟମ୍ ଏକ କନସର୍ଟ ପରି ଅଭିଜ୍ଞତା ପ୍ରଦାନ କରେ ପାନୋରାମା ସନରୁଫ୍ ଏକ ସମ୍ପୂର୍ଣ୍ଣ ହାଇଲାଇଟ୍ ୯ ବର୍ଗଫୁଟ କ୍ଷେତ୍ରଫଳ କଭର କରି, ଏହା ସେଗମେଂଟରେ ସବୁଠାରୁ ବଡ଼ ଏବଂ ତୁର' ସ୍ଥାନ ଏବଂ ପ୍ରାକୃତିକ ଆଲୋକର ଭାବନା ସହିତ କ୍ୟାବିନକୁ ପୂରଣ କରେ ।ନୂତନ ଇଗଡ ଢ୧ ଲଙ୍ଗ ହୁଇଲବେସ୍ ଚାରୋଟି ଆକର୍ଷଣୀୟ ରଙ୍ଗରେ ଉପଲବ୍ଧ - ନାଇଟ ଡସ୍କ ବ୍ଲୁ, ସ୍କାଏସ୍କ୍ରାପର୍ ଗ୍ରେ, କାର୍ବନ ବ୍ଲାକ୍ ଏବଂ ମିନେରାଲ୍ ହ୍ୱାଇଟ ସେଗୁଡ଼ିକୁ କାଷ୍ଟାନିଆ କିମ୍ବା ଡୁଆଲଟୋନ ସ୍ମୋକ୍ ହ୍ୱାଇଟ ଗ୍ରେ ପସନ୍ଦରେ ଭେଗାଂଜା ପରଫୋରେଟେଡ୍ ଅପହୋଲଷ୍ଟେରି ସହିତ ମେଳ କରାଯାଇପାରିବ।

## ବଡ଼ ଅଘଟଣରୁ ବର୍ତିଲା ଇଣ୍ଟରସିଟି ଏକ୍ସପ୍ରେସ - ବଗି ଛାଡ଼ି ୨୦୦ ମିଟର ଆଗକୁ ଚାଲିଗଲା ଇଞ୍ଜିନ, ଯାତ୍ରୀଙ୍କ ମଧ୍ୟରେ ଆତଙ୍କ

ବଲାଙ୍ଗିର, ତା ୨୩/୦୮/୨୬ (ଭଗବାନ ମହାନ୍ତି):ଭୁବନେଶ୍ୱର ଇଣ୍ଟରସିଟି ଟ୍ରେନରେ ଏକ ବଡ ଧରଣର ଅଘଟଣ ଘଟିଥିବା ବେଳେ ଅଳ୍ପକେ ବର୍ତ୍ତି ଯାଇଛନ୍ତି ଶତାଧିକ ରେଳଯାତ୍ରୀ ।ଟ୍ରେନ୍ ଚାଲୁଥିବା ସମୟରେ ହଠାତ୍ ଇଞ୍ଜିନ ଓ ବଗି ଅଲଗା ହୋଇଯାଇଥିଲା। ଇଞ୍ଜିନ ବଗି ଛାଡି ପ୍ରାୟ ୧୦୦ ରୁ ୨୦୦ ମିଟର ଆଗକୁ ପଳାଇ ଯାଇଥିବା ଦେଖିବାକୁ ମିଳିଥିଲା। ଏହି ଘଟଣା ପରେ ଟ୍ରେନରେ ଥିବା ଯାତ୍ରୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା ।ଘଟଣା ପରେ ଘଟଣାସ୍ଥଳରେ ରେଳ ବିଭାଗର



ଅଧିକାରୀମାନେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। କେଉଁ କାରଣରୁ ଇଞ୍ଜିନ ବଗି ଛାଡି ଅଲଗା ହୋଇଗଲା ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଏଥିରେ କୌଣସି ଯାତ୍ରୀ ଆହତ ହୋଇଛନ୍ତି କି ନାହିଁ ତାହା ମଧ୍ୟ ଜଣାପଡିନାହିଁ ।ପ୍ରାୟ ୩୦ ମିନିଟ୍ ପରେ ଇଞ୍ଜିନ ପୁଣି ଫେରି ବଗିରେ ଯୋଡି ହେବା ପରେ ପୁରୁଣା କଟକ - ଭୁବନେଶ୍ୱର ଇଣ୍ଟରସିଟି ଏକ୍ସପ୍ରେସ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଥିଲା।

## ଜାଇକା ସହାୟତାପ୍ରାପ୍ତ ରେଙ୍ଗାଲି ଜଳସେଚନ ପ୍ରକଳ୍ପ- ଦ୍ୱିତୀୟର କାର୍ଯ୍ୟ ସମୀକ୍ଷା

ଭୁବନେଶ୍ୱର, ୨୪ ଅଗଷ୍ଟ ୨୦୨୬: ଜାପାନ ଆନ୍ତର୍ଜାତିକ ସହଯୋଗ ସଂସ୍ଥା (ଔଓଉଇ) ସହାୟତାପ୍ରାପ୍ତ ରେଙ୍ଗାଲି ଜଳସେଚନ ପ୍ରକଳ୍ପ, ଦ୍ୱିତୀୟ ପର୍ଯ୍ୟାୟର ସାମଗ୍ରିକ ଅଗ୍ରଗତି ନେଇ ଆଜି ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଜଳ ସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି ।ବୈଠକରେ ପ୍ରକଳ୍ପର ଭୌତିକ ଓ ଆର୍ଥିକ ଅଗ୍ରଗତି, ଚାଲୁଥିବା ସିଭିଲ୍ କାର୍ଯ୍ୟ, ଜଳସେଚନ କ୍ଷମତା ସୃଷ୍ଟି, ଜମି ଅଧିଗ୍ରହଣ, ଜଙ୍ଗଲ ଅନୁମୋଦନ ଏବଂ ବିଭିନ୍ନ ମୁଖ୍ୟ ଭିତ୍ତିଭୂମି ନିର୍ମାଣର ସ୍ଥିତି ବିସ୍ତୃତ ଭାବେ ସମୀକ୍ଷା କରାଯାଇଥିଲା। ପ୍ରକଳ୍ପର ଚାଲୁଥିବା ବିଭିନ୍ନ କାର୍ଯ୍ୟ ପ୍ୟାକେଜ୍‌ର ଅଗ୍ରଗତି ଉପରେ ଆଲୋଚନା ସହ ଜି-ଓଓ ପ୍ୟାକେଜ୍‌ର କାର୍ଯ୍ୟାନ୍ୱୟନ ପାଇଁ ଗ୍ରହଣ କରାଯାଉଥିବା ପଦକ୍ଷେପ ସମ୍ପର୍କରେ ମଧ୍ୟ ସମୀକ୍ଷା କରାଯାଇଥିଲା ।ବୈଠକରେ ନିର୍ଦ୍ଦେଶକ, ଆଁ ଆଣ୍ଡ୍ ଆଁ ଶ୍ରୀ ଅଶୋକ କୁମାର ବେହେରା , ଇଆଇସି କମ୍-ସ୍ୱତନ୍ତ୍ର ଶାସନ ସଚିବ ଇଂ. ବିଘ୍ନରାଜ ପୁରୋହିତ, ସମେତ ଆଭାସୀ ମାଧ୍ୟମରେ ଜାଇକା ପ୍ରକଳ୍ପର ମୁଖ୍ୟ ଯନ୍ତ୍ରୀ ଇଂ. ବିଜ୍ଞାନ ପ୍ରସାଦ ସାହୁଙ୍କ ସମେତ ବିଭାଗର ବରିଷ୍ଠ ଯନ୍ତ୍ରୀ ଓ ଅଧିକାରୀ, ପ୍ରକଳ୍ପ ପରିଚାଳନା ଦଳ ଏବଂ ସମ୍ପୃକ୍ତ ଅଧିକାରୀମାନେ ଉପସ୍ଥିତ ଥିଲେ। ପ୍ରକଳ୍ପର ବିଭିନ୍ନ କାର୍ଯ୍ୟ ପ୍ୟାକେଜ୍‌ର ଅଗ୍ରଗତି, ଜମି ଅଧିଗ୍ରହଣ, ଜଙ୍ଗଲ ଅନୁମୋଦନ, କମାଣ୍ଡ ଅଞ୍ଚଳ ବିକାଶର ସ୍ଥିତି ନେଇ ସମ୍ପୃକ୍ତ ଅଧିକାରୀମାନେ ସମୀକ୍ଷା ବୈଠକରେ ଅବଗତ କରାଇଥିଲେ।

# ଭାରତୀୟ ସଫଳ, ଓଡ଼ିଶା ବିଫଳ

- କିଟ୍ ଛାତ୍ରଛାତ୍ରୀଙ୍କୁ ୧୧ ପଦକ
- ୧୧ ଓଡ଼ିଆ ବୈଷୟିକ ଅଧିକାରୀ
- ଅନିମେଷ ବି ଆଣ୍ଟେଇଲେ
- ବାପି ହାଁସଦା ଅଧାରୁ ଓହରିଗଲେ
- ପ୍ରଥମରୁ ପ୍ରଶାନ୍ତି ଅଶାନ୍ତି

ଭୁବନେଶ୍ୱର ରବିବାର କଳିଙ୍ଗ ଷ୍ଟାଡିୟମ୍‌ରେ ବିଶ୍ୱ ଦେଡ଼କୁଦ ମହାଦେଶୀୟ ଯାତ୍ରାର ସିଲଭର ସଂସ୍କରଣ ସଫଳତାର ସହ ସମ୍ପନ୍ନ ହୋଇଛି। ଭାରତୀୟ ଖେଳାଳିମାନେ ପଦକ ଅମଳରେ ପ୍ରାଧାନ୍ୟ ବିସ୍ତାର କରିଥିବାବେଳେ ଆୟୋଜକ ଓଡ଼ିଶା ଖେଳାଳିମାନେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଗତବର୍ଷର ଏହି ପ୍ରତିଯୋଗିତାର ବ୍ରୋଞ୍ଜ୍ ସଂସ୍କରଣ କଳିଙ୍ଗ ଷ୍ଟାଡିୟମ୍‌ରେ ଖେଳାଯିବା ପରେ ଏଥର ସିଲଭର ସଂସ୍କରର ଆୟୋଜିତ ହେବା ଭାରତୀୟ ଦେଡ଼କୁଦ ଦୁନିଆରେ ନୂଆ ଫର୍ଦ ଯୋଡ଼ିଛି। କିନ୍ତୁ ଓଡ଼ିଶାରୁ ଭାଗ ନେଇଥିବା ୬ ଜଣ ନିଜ ନିଜ ଇଭେଣ୍ଟ୍ ପୋଡିୟମ୍‌ର ଶୀର୍ଷ ୩ ଭିତରେ ନ ରହିବା ଅନେକଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି।ଯୁବ ତାରକା ବାପି ହାଁସଦା ୮୦୦ ମିଟର ପୁରୁଷ ଦେଡ଼ର ଅଧାରୁ ଓହରିଯିବା ଏବଂ ଏସୀୟ କ୍ରୀଡ଼ା ପଦକ ବିଜେତା ଜାଭଲିନ୍ ତାରକା କିଶୋର ଜେନା ଶେଷ ମୁହୂର୍ତ୍ତରେ ଭାଗ ନନେବା ଭଳି ଅପ୍ରୀତିକର ପରିସ୍ଥିତି ମଧ୍ୟ ଘରୋଇ ପ୍ରଶଂସକଙ୍କୁ ନିରାଶ କରିଥିଲା। ପ୍ରଜ୍ଞା ପ୍ରଶାନ୍ତି ସାହୁ (ମହିଳା ୧୦୦ ମିଟର ବାଧାଦେଡ଼), ଶ୍ରାବଣୀ ନନ୍ଦ (ମହିଳା ୧୦୦ ମିଟର), ଅନିମେଷ କୁଜୁର (ପୁରୁଷ ୧୦୦ ମିଟର), ସ୍ୱାଧୀନ କୁମାର ମାଝୀ (ପୁରୁଷ ହାଇଜମ୍ପ) ବିଫଳ ହୋଇଥିଲେ। ପ୍ରଶାନ୍ତି ଚତୁର୍ଥରେ, ଶ୍ରାବଣୀ ଓ ଅନିମେଷ ଷଷ୍ଠରେ, ସ୍ୱାଧୀନ ସପ୍ତମରେ ରହିଥିଲେ। ମୋଟ ୧୮ ଇଭେଣ୍ଟ୍‌ରୁ କିନ୍ତୁ ଭାରତୀୟମାନେ ପ୍ରାଧାନ୍ୟ ବିସ୍ତାର କରିଥିଲେ। ଭାରତୀୟଙ୍କ ମଧ୍ୟରୁ ଆନସୀ ସୋଜନ, ଶୈଳୀ ସିଂହ, ଶ୍ରୀଶଙ୍କର ମୁରଲୀ, ରୋହିତ ଯାଦବ ଆଶାଜନକ ପ୍ରଦର୍ଶନ କରିଥିଲେ। ରୋହିତ ୮୭.୬୯ ମିଟର ଜାଭିଲିନ୍ ଫିଙ୍ଗି ପୁରୁଷ ବର୍ଗର ଶ୍ରେଷ୍ଠ ସମ୍ମାନ ବି ଅର୍ଜନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଆଥଲେଟ୍ ଅଞ୍ଜୁ ବବି ଜର୍ଜ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।ଓଡ଼ିଶା ଖେଳାଳି କି ଓଡ଼ିଆ ଖେଳାଳି ପଦକଟିଏ ଜିତି ନପାରିବା କଳିଙ୍ଗରେ ଭରପୁର ସ୍କୁଲ ଛାତ୍ରଛାତ୍ରୀ ଓ ପ୍ରଶଂସକମାନଙ୍କୁ ନିରାଶ କରିଥିଲା। କିନ୍ତୁ କିଟ୍‌ରେ ପଢୁଥିବା ୧୧ ଜଣ ଛାତ୍ରଛାତ୍ରୀ ପଦକ ଜିତିବା ରାଜ୍ୟର ଗେରବ ବଜାୟ ରଖିଥିଲା। ୪ ସ୍ୱର୍ଣ୍ଣ, ୨ ରୌପ୍ୟ, ୫ କାଂସ୍ୟ ସହ ମୋଟ ୧୧ ପଦକ ଜିତିଥିଲେ କିଟ୍ ଛାତ୍ରୀଛାତ୍ର। ପୂଜା (ମହିଳା ୧୫୦୦ ମିଟର), ଆନସୀ ସୋଜନ (ମହିଳା ଲଙ୍ଗ ଜମ୍ପ), ରୋହିତ ଯାଦବ (ଜାଭଲିନ୍), ମୁରଲୀ ଶ୍ରୀଶଙ୍କର (ପୁରୁଷ ଲଙ୍ଗ୍ ଜମ୍ପ) ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ପ୍ରାଚୀ (ମହିଳା ୪୦୦ ମିଟର), ଯାଶବୀର ସିଂହ (ପୁରୁଷ ଜାଭଲିନ୍) ରୌପ୍ୟ ପଦକ ହାସଲ କରିଥିଲେ। ଜ୍ୟୋତି ଯାରାଜୀ (ମହିଳା ୧୦୦ ମିଟର ବାଧାଦେଡ଼) କରଣବୀର ସିଂହ (ପୁରୁଷ ସଟ୍‌ପୁଟ୍), ଅନୁ ରାଣୀ (ମହିଳା ଜାଭଲିନ୍), ପୂଭାମା (ମହିଳା ୪୦୦ ମିଟର), ଡେଭିଡ୍ ପି (ପୁରୁଷ ଲଙ୍ଗ୍ ଜମ୍ପ) କାଂସ୍ୟ ପଦକ ଜିତିଥିଲେ।ଓଡ଼ିଶା ଦେଡ଼କୁଦ ଦୁନିଆ ପାଇଁ କିନ୍ତୁ ଖୁସିର କଥା ଥିଲା ରାଜ୍ୟର ୧୧ ଜଣ ଖେଳାଳି ଓ ପ୍ରଶିକ୍ଷକ ଏହି ବିଶ୍ୱସ୍ତରୀୟ ପ୍ରତିଯୋଗିତାର ଅଫିସିଆଲ୍ ଭୂମିକାରେ ରହିଥିଲେ। ମିଡିଆ ଟ୍ରିବ୍ୟୁନ୍ ଆଗରେ ରହି ଏହି ବୈଷୟିକ ଅଧିକାରୀମାନେ ମାନ୍ୟୁଆଲ୍ ସ୍କୋରିଂ କରୁଥିଲେ। ମୁଖ୍ୟ ଟାଇମ୍ କିପର ନୀପନ ଦାସ, ମୁଖ୍ୟ ଜଜ୍ ଫିନିସର ରୟ ଜନଙ୍କ ଅଧିନରେ ୧୦ ଜଣ ଓଡ଼ିଆ ବ୍ୟକ୍ତିତ୍ୱ ଏହି ଗୁରୁ ଦାୟିତ୍ୱ ସମ୍ଭାଳିଥିଲେ। ଅବସରପ୍ରାପ୍ତ ପ୍ରଶିକ୍ଷକ ରୂପନ୍ୱିତା ପଣ୍ଡା, ଜାତୀୟ ପଦକ ବିଜୟିନୀ ଖେଳାଳି ଶୁଭସ୍ମିତା ରଥଙ୍କ ସହିତ ବିମଳ ଚନ୍ଦ୍ର ସେଠୀ, ପତ୍ରପୁଷ୍ପା ମହାନ୍ତି, ରମେଶ କୁମାର ମିଶ୍ର, ଲକ୍ଷ୍ମୀଧର ମହାନ୍ତି, ଶୁଭାରାଣୀ ଡୋରା, ଅମ୍ବିକା ପ୍ରସାଦ ରଥ, ସୌମ୍ୟକାନ୍ତ ସାହୁ, ରାମଚନ୍ଦ୍ର ସାହୁ ପ୍ରମୁଖ ସାମିଲ ଥିଲେ।ଧାବକ ଅନିମେଷ କୁଜୁରଙ୍କଠାରୁ ବଡ଼ ଆଶା ଥିଲା। ୧୦୦ ମିଟର ପୁରୁଷ ଦେଡ଼ରେ ଓଡ଼ିଶା ସରକାରଙ୍କ ଏହି ଛତିଶଗଡ଼ ଆମଦାନୀ ପୁଅ ପଞ୍ଚମରେ ଅଭିଯାନ ଶେଷ କରିଥିଲେ। ବିଶ୍ୱସ୍ତରୀୟ ପ୍ରତିଯୋଗିତା ପାଇଁ ସେ ଯେ ବହୁ ପଛରେ ଅଛନ୍ତି ପୁଣି ଥରେ ପ୍ରାମାଣିତ ହୋଇଯାଇଥିଲା। କେବଳ ଅନିମେଷ ନୁହନ୍ତି ଅନ୍ୟତମ ଅଗ୍ରଣୀ ଭାରତୀୟ ଧାବକ ଗୁରିନ୍ଦରବୀର ସିଂହ ମଧ୍ୟ ପୋଡିୟମ୍ ଫିନିସ୍‌ରେ ବିଫଳ ହୋଇଥିଲେ। ଅନିମେଷ ୧୦.୩୨ ସେକେଣ୍ଡ୍ ଏବଂ ଗୁରିନ୍ଦରବୀର ୧୦.୩୯ ସେକେଣ୍ଡ୍ ସମୟ ସହ ପଦକ ବାହାରେ ରହିଥିଲେ। କ୍ରମାଗତ ଭାବେ ଦ୍ୱିତୀୟ ଇଭେଣ୍ଟ୍‌ରେ ଓଡ଼ିଶା ପ୍ରଶଂସକ ନିରାଶ ହୋଇଥିଲେ। ପୁରୁଷ ୮୦୦ ମିଟର ଦେଡ଼ରେ ଯୁବ ପ୍ରତିଭା ହାପି ହାଁସଦା ଅଧାରୁ ଓହରିଯିବା ଅନେକଙ୍କୁ ବିସ୍ମିତ କରିଥିଲା। ପ୍ରଥମ ୪୦୦ ମିଟର ପର୍ଯ୍ୟନ୍ତ ଆଗରେ ରହିଥିଲେ ମଧ୍ୟ ସେ ଓହରିଯାଇଥିଲେ। ଫଳରେ ଏହି ଉଦୀୟମାନ ପ୍ରତିଭାଙ୍କଠାରୁ ଆଶାଜନକ ପ୍ରଦର୍ଶନ ମିଳିନଥିଲା। ଆହତଜନିତ ସମସ୍ୟାରେ ଥିବାରୁ ମାଂଶପେଶୀ ଟାଣି ହେବା ପୂର୍ବରୁ ସେ ଓହରିଯାଇଥିବା ବିଶ୍ୱାସ କରାଯାଉଛି। ବାପିଙ୍କ ବିଫଳତା ଭିତରେ କିନ୍ତୁ ଦୁଇ ଭାରତୀୟ ପୋଡିୟମ୍ ଫିନିସ୍ କରିବା କିଛିଟା ସାନ୍ତ୍ୱନା ଆଣି ଦେଇଥିଲା।ବିଶ୍ୱ ଆଥଲେଟିକ୍ସର ମହାଦେଶୀୟ ରେପ୍ୟ ଲଢ଼େଇରେ ଓଡ଼ିଶାର ଅଭିଯାନ ଆରମ୍ଭ ହୋଇଥିଲା ମହିଳା ୧୦୦ ମିଟର ବାଧାଦେଡ଼ରୁ। ଗୁଳଗୁଳି ପରିବେଶ ଭିତରେ ଦେଡ଼ିଥିବା ଓଡ଼ିଆ ଝିଅ ପ୍ରଜ୍ଞା ପ୍ରଶାନ୍ତି ସାହୁ ଅଳ୍ପକେ ପୋଡ଼ିୟମ୍ ଫିନିସରୁ ବଞ୍ଚିତ ହୋଇଥିଲେ। ପ୍ରଜ୍ଞା ୧୩.୪୩ ସେକେଣ୍ଡ୍ ସମୟ ନେଇ .୨୦ ସେକେଣ୍ଡ୍ ପାଇଁ ତୃତୀୟ ସ୍ଥାନରେ ରହିପାରିନଥିଲେ। ବାହାମାସର ଚରିସ୍ମା ଟେଲର (୧୨.୯୬), ଜାପାନର ୟୁନି ଟନାକା (୧୩.୦୪) ଏବଂ ଆନ୍ଧ୍ରପ୍ରଦେଶର ଜ୍ୟୋତି ଯାରାଜୀ (୧୩.୨୪) ପ୍ରଥମ ୩ ସ୍ଥାନ ଦଖଲ କରି ନେଇଥିଲେ। ପ୍ରଜ୍ଞା ନିଜ ଶ୍ରେଷ୍ଠ ବ୍ୟକ୍ତିଗତ ପ୍ରଦର୍ଶନ (୧୩.୧୫ ସେକେଣ୍ଡ୍, ୨୦୨୪)ଠାରୁ ଢ଼େର ଦୂରରେ ରହିଥିଲେ।




## ଜୟସ୍ୱାଲା-ଫର୍ଣ୍ଣାଣ୍ଡୋ ମଧ୍ୟରେ ବାକ୍‌ଯୁଦ୍ଧ




କଲମ୍ୱୋ :କଲମ୍ୱୋରେ ରବିବାର ଆରମ୍ଭ ହୋଇଥିବା ଦ୍ୱିତୀୟ ଟେଷ୍ଟ୍‌ରେ ଭାରତୀୟ ଓପନର୍ ଯଶସ୍ୱୀ ଜୟସ୍ୱାଲ ଓ ଶ୍ରୀଲଙ୍କା ବୋଲର ଅସିତ ଫର୍ଣ୍ଣାଣ୍ଡୋ ମଧ୍ୟରେ ବାକ୍‌ଯୁଦ୍ଧ ଦେଖିବାକୁ ମିଳିଛି। ଜୟସ୍ୱାଲଙ୍କୁ ଫର୍ଣ୍ଣାଣ୍ଡୋ ଆଉଟ୍ କରିବା ପରେ ୧୭ତମ ଓଭରରେ ଏହି ଅଘଟଣ ଘଟିଥିଲା। ଫର୍ଣ୍ଣାଣ୍ଡୋଙ୍କ ଏହି ଓଭରରେ ୩ଟି ଚୋକା ମାରିବା ପରେ ଜୟସ୍ୱାଲ ଆଉଟ୍ ହୋଇଥିଲେ। ଫର୍ଣ୍ଣାଣ୍ଡୋ ଆଙ୍ଗୁଠି ଦେଖାଇଥିଲେ ଜୟସ୍ୱାଲ ପ୍ୟାଭିଲିୟନ୍ ଯାଉଥିବା ବେଳେ ଫର୍ଣ୍ଣାଣ୍ଡୋ ତାଙ୍କୁ ଆଙ୍ଗୁଠି ଦେଖାଇଥିଲେ। ଏଥିରେ ଜୟସ୍ୱାଲ ଉତ୍‌କ୍ଷିପ୍ତ ହୋଇ ଫର୍ଣ୍ଣାଣ୍ଡୋଙ୍କ ପାଖକୁ ମାଡ଼ି ଯାଇ ମୁହାଁମୁହିଁ ହୋଇଥିଲେ। ଏପରକି ହେଲ୍‌ମେଟ୍ ଫର୍ଣ୍ଣାଣ୍ଡୋଙ୍କ ମୁହଁରେ ଲଗାଇବାକୁ ଯାଉଥିଲା ବେଳେ ଶ୍ରୀଲଙ୍କା ଅଧିନାୟକ ଧନଞ୍ଜୟ ଡି'ସିଲ୍‌ଭା ଏଥିରେ ହସ୍ତକ୍ଷେପ କରି ଉଭୟଙ୍କୁ ଅଲଗା କରିଥିଲେ। ଏହାପରେ ଜୟସ୍ୱାଲ ପ୍ୟାଭିଲିୟନ୍ ଫେରିଥିଲେ। ଆଉଟ୍ ହେବା ବେଳକୁ ଜୟସ୍ୱାଲ ୯ ଚୋକା ସହ ୫୩ ବଲ୍‌ରୁ ୪୫ ରନ୍ କରିଥିଲେ। ପ୍ରଥମ ଟେଷ୍ଟ୍‌ର ଦ୍ୱିତୀୟ ପାଳିରେ ନିରୋଶାନ ଡିକ୍‌ୱେଲା ବ୍ୟାଟିଂ କରୁଥିଲା ବେଳେ ଜୟସ୍ୱାଲ ସ୍ଲେଜିଂ କରି ଚର୍ଚ୍ଚାରେ ରହିଥିଲେ।

## ପ୍ରଥମ ଦିନରେ ଭାରତର ସ୍ଥିତି ଦୃଢ଼

କଲମ୍ୱୋ : ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ କଲମ୍ୱୋରେ ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍ ଆଜି ଠାରୁ ଆରମ୍ଭ ହୋଇଯାଇଛି। କଲମ୍ୱୋର ସିଂହଳୀ ସ୍ପୋର୍ଟସ କ୍ଲବରେ ପ୍ରଥମ ଦିନ ଭାରତୀୟ ଖେଳାଳି ରାଜୁତି କରିଛନ୍ତି। ଭାରତୀୟ ଯୁବ ବ୍ୟାଟର ଦେବଦତ୍ତ ପଡ଼ିକ୍କଲଙ୍କ ଶତକ ବଳରେ ଭାରତ ୮୫ ଓଭରରେ ୫ଟି ୱିକେଟ ହରାଇ

### ପଡିକ୍କଲଙ୍କ ଶତକ
### ବେହାଲ ହେଲା ଶ୍ରୀଲଙ୍କା

୩୦୦ ରନ୍ ସହ ଦୃଢ଼ ସ୍ଥିତିରେ ଅଛି। ଅନ୍ୟପଟରେ ଶ୍ରୀଲଙ୍କାର ଅବସ୍ଥା ବେହାଲ ହୋଇଯାଇଛି।ଯୁବ ବ୍ୟାଟର ଦେବଦତ୍ତ ଏହି ଇନିଂସରେ ନିଜର ଦମ୍ଭ ଦେଖାଇଛନ୍ତି। ଦେବଦତ୍ତ ଏହି ମୁକାବିଲାରେ ଶତକ ହାସଲ କରିଛନ୍ତି। ସେ ୧୯୩ଟି ବଲ୍ ଖେଳି ୧୧୭ ରନ୍ ସଂଗ୍ରହ କରିଥିଲେ। ଏଥିରେ ସେ ୧୨ଟି ଚୋକା ସାମିଲ କରିଥିଲେ। ସେ ଅଧିନାୟକ ଶୁଭମନ ଗିଲଙ୍କ ସହିତ ମିଶି ଭଲ ଭାଗିଦାରୀ କରିପାରିଛନ୍ତି। ତାଙ୍କର ଏହି ପ୍ରୟାସ ଯୋଗୁଁ



ଭାରତୀୟ ଟିମର ସ୍କୋର ପ୍ରଥମ ଦିନରେ ଭଲ ସ୍ଥିତିରେ ପହଞ୍ଚି ପାରିଛି। ଏହି ସିରିଜରେ ଏହା ହେଉଛି ଦେବଦତ୍ତଙ୍କର ଦ୍ୱିତୀୟ ଶତକ। ଏହା ପୂର୍ବରୁ ସେ ପ୍ରଥମ ଗାଲେ ଟେଷ୍ଟରେ ମଧ୍ୟ ସେ ଶତକ ହାସଲ କରିଥିଲେ। ସେହି ମ୍ୟାଚ୍‌ରେ ସେ ୧୬୭ ରନ୍‌ର ବିସ୍ଫୋରକ ବ୍ୟାଟିଂ କରିଥିଲେ। ଦେବଦତ୍ତଙ୍କୁ ଗାଲେ ଟେଷ୍ଟରେ ପ୍ଲେୟାର ଅଫ୍ ଦ ମ୍ୟାଚ୍ ଭାବେ ଚୟନ କରାଯାଇଥିଲା। ସୂଚନାଯୋଗ୍ୟ ଟିମ୍ ଇଣ୍ଡିଆ ସ୍କୋର ୬୬ ରନ୍‌ରେ ୨ଟି ମୂଲ୍ୟବାନ ୱିକେଟ୍ ହରାଇଥିଲା। ଏହା ପରେ ଶୁଭମନ ଗିଲ ଏବଂ ଦେବଦତ୍ତ ପଡ୍ଡିକଲ ତୃତୀୟ ୱିକେଟ୍ ପାଇଁ ୧୨୦ ରନ୍‌ର ଭାଗିଦାରୀ କରିଥିଲେ। ଭାରତ ଟସ୍ ଜିଣି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା।

## ଭୁବନେଶ୍ୱର ଫେରି ବାଚସ୍ପତିଙ୍କୁ ଭେଟିଲେ ଭାରତର ପ୍ରଥମ ମହିଳା ମାଉଣ୍ଟ ୟୁନମ ଦଳ



ଭୁବନେଶ୍ୱର : ଓଡ଼ିଶା ଫେରିଛନ୍ତି ଭାରତର ପ୍ରଥମ ମହିଳା ପର୍ବତାରୋହୀ ଦଳ । ହିମାଚଳ ପ୍ରଦେଶର ମାଉଣ୍ଟ ୟୁନମ ଶିଖରକୁ ସଫଳତା ସହ ଆରୋହଣ କରି ଗତକାଲି ରାତିରେ ଫେରିଥିବା ୧୧ଜଣିଆ ମହିଳା ଦଳ ଆଜି ସକାଳେ ଓଡ଼ିଶା ବିଧାନସଭା ବାଚସ୍ପତି ଶ୍ରୀମତୀ ସୁରମା ପାଢୀଙ୍କୁ ଭେଟିଛନ୍ତି। ଅଗଷ୍ଟ ୭ ତାରିଖରେ ମାଉଣ୍ଟ ୟୁନମ ଅଭିଯାନ ଆରମ୍ଭ କରିବା ପୂର୍ବରୁ ଦଳ ବାଚସ୍ପତିଙ୍କ ଠାରୁ ଗ୍ରହଣ କରିଥିବା ତ୍ରିରଙ୍ଗା ସଂଯୁକ୍ତ ଆଇସ୍ ଆକ୍ସକୁ ସସମ୍ମାନର ସହ ହସ୍ତାନ୍ତର କରିଛନ୍ତି । ଅଭିଯାନ ସମୟରେ ଦଳ ପ୍ରତିକୂଳ ପାଗ, ଅମ୍ଳଜାନର ଅଭାବ, ଶିଖରର ତୀକ୍ଷ୍ଣତା ଆଦି ବିଭିନ୍ନ ଆହ୍ୱାନପୂର୍ଣ୍ଣ ପରିବେଶରେ ୨୦,୧୦୦ ଫୁଟ୍ ଆରୋହଣ କରି ସ୍ୱାଧୀନତା ଦିବସରେ ମାଉଣ୍ଟ ୟୁନମ ଶିଖରରେ ୮୦ ମିଟର ଜାତୀୟ ପତାକା ଉତ୍ତୋଳନ କରିଥିଲା । ୧୧ ଜଣ ସଦସ୍ୟଙ୍କ ମଧ୍ୟରୁ ଦଳନେତ୍ରୀ ଅନିତା ସ୍ୱାଇଁ, ସୋନାଲି ଭୋଇ, ପ୍ରୀତି ପୋଢ, ଲିଲି ସାହୁ ଏବଂ ଶ୍ରୀୟାଶୃତି ପାତ୍ରୋ ଶିଖରକୁ ପହଚି ପାରିଥିଲା ବେଳେ ଅନ୍ୟ ସଦସ୍ୟାମାନେ ନିକଟତର ହୋଇପାରିଥିଲେ ମଧ୍ୟ ଅସୁସ୍ଥତା ପାଇଁ ଫେରିବାକୁ ବାଧ୍ୟ ହୋଇଥିଲେ । ଆସୋସିଏସନ ଫର୍ ଆଡ୍‌ଭେର ଆଣ୍ଡ୍ ସୋସିଆଲ୍ ଆକ୍ଟିଭିଟିଜ୍ ଏବଂ ଓଡ଼ିଶାର ଅଗ୍ରଣୀ ବିଜ୍ଞାପନ, ଡିଜିଟାଲ ଓ ଇଭେମ୍ୟାନେଜମେଣ୍ଟ ସଂସ୍ଥା ସଙ୍କେତ କମ୍ୟୁନିକେସନ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ମିଳିତ ସହଭାଗିତାରେ ଆୟୋଜିତ ଏହି ଅଭିଯାନକୁ ସଫଳ କରିବାରେ ପ୍ରଶିକ୍ଷକ ତାରାକାନ୍ତ ପରିଡ଼ା, ପୂର୍ଣ୍ଣଚନ୍ଦ୍ର ନାୟକ ଏବଂ ସୋମନାଥ ରେଡ୍ଡୀ ନିରନ୍ତର ସହାୟତା କରିଥିଲେ । ୮୦ତମ ସ୍ୱାଧୀନତା ଦିବସରେ ୟୁନମ ଶିଖରରେ ୮୦ ମିଟର ଜାତୀୟ ପତାକା ଉତ୍ତୋଳନ କରି ମହିଳାମାନେ ଏହି ଐତିହାସିକ ସଫଳତା ଓଡ଼ିଶା ପାଇଁ ଆଣିଛି ଗର୍ବ ଓ ଗୌରବ। ଏହି ଅବସରରେ ବାଚସ୍ପତି ଶ୍ରୀମତୀ ପାଢୀ ଦଳର ସଫଳତା ପାଇଁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କର ସାହସ ଓ ଦୃଢସଙ୍କଳ୍ପର ପ୍ରଂଶସା କରିଛନ୍ତି । ଏହି ଅଭିଯାନର ସଫଳତା ଆଗାମୀ ଦିନରେ ଓଡ଼ିଶାର ମହିଳାମାନଙ୍କୁ ଏହିଭଳି ଦୁଃସାହସିକ କ୍ରୀଡା ପ୍ରତି ପ୍ରେରିତ କରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି । ପରେ ପରେ ସଙ୍କେତ କମ୍ୟୁନିକେସନ୍ସ ପକ୍ଷରୁ ଏହାର ଭୁବନେଶ୍ୱର କାର୍ଯ୍ୟାଳୟରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସମସ୍ତ ୧୧ ଜଣ ମହିଳା ୟୁନମ ପର୍ବାତାରୋହୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ସଦସ୍ୟମାନେ ମାଉଣ୍ଟ ଶିଖର ଯାତ୍ରାର ଭାବବିହ୍ୱଳ ଅନୁଭୂତି ସମସ୍ତଙ୍କ ସହ ବାଟିଥିଲେ । ଏହି କାର୍ଯ୍ୟକ୍ରମରେ 'ଆଶା' ଫାଉଣ୍ଡେସନର ସମ୍ପାଦକ ତଥା ଏଭରେଷ୍ଟ ଆରୋହୀ ଗଣେଷ ଚନ୍ଦ୍ର ଜେନା, ଉପସଭାପତି ହରେଶ କୁମାର ମିଶ୍ର ଏବଂ ସଙ୍କେତ କମ୍ୟୁନିକେସନ୍ସର ପରିଚାଳନା ନିର୍ଦ୍ଦେଶକ ଶୁଭାଶିଷ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଅବସର ନେଲେ କର୍ଣ୍ଣ ଶର୍ମା

ନୂଆଦିଲ୍ଲୀ : ଭାରତୀୟ ଲେଗ୍ ସ୍ପିନ୍ନର କର୍ଣ୍ଣ ଶର୍ମା ଅନ୍ତର୍ଜାତୀୟ ଓ ଘରୋଇ କ୍ରିକେଟ୍‌ରୁ ଅବସର ନେଇଛନ୍ତି। ୩୮ ବର୍ଷୀୟ କର୍ଣ୍ଣ ଭାରତ ପକ୍ଷରୁ ଗୋଟିଏ ଟେଷ୍ଟ୍, ୨ ଦିନିକିଆ ଓ ଗୋଟିଏ ଟ୍ୱେଣ୍ଟି-୨୦ ମ୍ୟାଚ୍ ଖେଳିଥିଲେ। ସଂପ୍ରତି ୟୁପିଟି୨୦ ଲିଗ୍‌ରେ କାନପୁର ସୁପରଷ୍ଟାର୍‌ରୁ ଖେଳୁଥିବା ଅବସରରେ ସେ ଏଭଳି ନିଷତ୍ତି ନେଇଛନ୍ତି। ସେ ନିଜର ଶେଷ ମ୍ୟାଚ୍ ମଙ୍ଗଳବାର ଲକ୍ଷ୍ନୌର ଏକନା କ୍ରିକେଟ୍ ଷ୍ଟାଡିୟମ୍‌ରେ ମେରୁଟ୍ ମାଭରିକ୍ସ ବିପକ୍ଷରେ ଖେଳିବେ। "ମୁଁ କେବଳ ଅବସର ଚାହୁଛି। ମଙ୍ଗଳବାର ମୁଁ ଶେଷ ମ୍ୟାଚ୍ ଖେଳିବି। ସମସ୍ତ କ୍ରିକେଟ୍‌ରୁ ଅବସର ନେଉଛି। ଏହାପରେ ମୁଁ କ୍ରିକେଟ୍ ସହ ପ୍ରଶିକ୍ଷକ ଓ ଅନ୍ୟ ଦାୟିତ୍ୱରେ ଯୋଡ଼ି ରହିବି। ମୋର ଏହି ଯାତ୍ରାରେ ସହଯୋଗ କରିଥିବା ମୋ ପରିବାର, ବିସିସିଆଇ, ରେଳବାଇ, ୟୁପିସିଏ ଓ ଆନ୍ଧ୍ର ସହ ଅନ୍ୟସମସ୍ତଙ୍କୁ ଧନ୍ୟବାଦ ଦେଉଛି" ବୋଲି କର୍ଣ୍ଣ ଅବସର ଘୋଷଣା ବେଳେ କହିଛନ୍ତି।୨୦୨୫ରେ ଶେଷ ଆଇପିଏଲ୍ ମ୍ୟାଚ୍ ଖେଳିଥିଲେ କର୍ଣ୍ଣ ମେରୁଟ୍ ବାସିନ୍ଦା କର୍ଣ୍ଣ ୨୦୧୪ରେ କ୍ରିକେଟ୍‌ର ସମସ୍ତ ଫର୍ମାଟ୍‌ରେ ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ। ଆଡିଲେଡ୍‌ରେ ଅଷ୍ଟ୍ରେଲିଆ ବିପକ୍ଷରେ ଟେଷ୍ଟ୍ ଖେଳିବା ପରେ ବର୍ମିଂହାମରେ ଇଂଲଣ୍ଡ ବିପକ୍ଷରେ ଟ୍ୱେଣ୍ଟି-୨୦ ଖେଳିଥିଲେ। ସେହିବର୍ଷ ଶ୍ରୀଲଙ୍କା ବିପକ୍ଷରେ ୨ଟି ଯାକ ଦିନିକିଆ ଖେଳିଥିଲେ। ଘରୋଇ କ୍ରିକେଟ୍‌ରେ ଏହି ଭେଟରାନ୍ ୯୭ ପ୍ରଥମ ଶ୍ରେଣୀରେ ୨୭୦, ୧୨୩ ଲିଷ୍ଟ୍-ଏ'ରେ ୧୨୩ ଓ ୧୯୧ ଟ୍ୱେଣ୍ଟି-୨୦ରେ ୧୬୮ ୱିକେଟ୍ ଅକ୍ତିଆର କରିଛନ୍ତି। ରେଳବାଇ, ଆନ୍ଧ୍ରପ୍ରଦେଶ ଓ ବିଦର୍ଭ ପକ୍ଷରୁ ସେ ଘରୋଇ କ୍ରିକେଟ୍ ଖେଳିଥିଲା ବେଳେ ଉତ୍ତରପ୍ରଦେଶ ପକ୍ଷରୁ ବୟସ ଗ୍ରୁପରେ ଖେଳିଥିଲେ। ସେ ପ୍ରଥମ ଖେଳାଳି ଭାବେ ଲଗାତାର ୩ ଆଇପିଏଲ୍ ମୁକୁଟ ଜିତିବାର ଗେରବ ପାଇଥିଲେ। ୨୦୧୬ରେ ସନ୍‌ରାଇଜର୍ସ ହାଇଦ୍ରାବାଦ, ୨୦୧୭ରେ ମୁମ୍ବାଇ ଇଣ୍ଡିଆନ୍ସ ଓ ୨୦୧୮ରେ ଚେନ୍ନାଇ ସୁପର କିଙ୍ଗ୍ସ ଦଳରୁ ସେ ଏହି ସଫଳତା ପାଇଥିଲେ।

## ପ୍ରିୟବ୍ରତ ପଟ୍ଟନାୟକ ସ୍ମାରକୀ ଇଷ୍ଟ ଇଣ୍ଡିଆ ଓପନ୍ ୧୦ ରେଡ୍ ସ୍ନୁକର ଉଦ୍‌ଘାଟିତ

ଭୁବନେଶ୍ୱର ଓଡ଼ିଶା ବିଲିୟାର୍ଡ୍ସ ଓ ସ୍ନୁକର ସଂଘ (ବିଏସ୍‌ଏଓ) ଆନୁକୂଲ୍ୟରେ ଭୁବନେଶ୍ୱର କ୍ଲବ୍‌ଠାରେ ଚତୁର୍ଥ ପ୍ରିୟବ୍ରତ ପଟ୍ଟନାୟକ ସ୍ମାରକୀ ଇଷ୍ଟ ଇଣ୍ଡିଆ ଓପନ୍ ୧୦ ରେଡ୍ ସ୍ନୁକର ପ୍ରତିଯୋଗିତା ରବିବାର ଉଦ୍‌ଘାଟିତ ହୋଇଯାଇଛି।ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାର ମ୍ୟାଚ୍ ସୋମବାରଠୁ ଆରମ୍ଭ ହେବ। ଏଥିରେ ପଡ଼ୋଶୀ ରାଜ୍ୟ ଝାଡ଼ଖଣ୍ଡ, ବିହାର ଓ ପଶ୍ଚିମବଙ୍ଗର ୧୪ ଜଣଙ୍କ ସହ ମୋଟ ୬୭ ଖେଳାଳି ଭାଗ ନେଇଛନ୍ତି। ବିଜେତା ଓ ଉପବିଜେତାଙ୍କ ଲାଗି ଟ୍ରଫି ସହ ଯଥାକ୍ରମେ ୫୦ ଓ ୨୫ ହଜାର ଟଙ୍କାର ପୁରସ୍କାର ରାଶି ରହିଛି। ସେମିଫାଇନାଲିଷ୍ଟଙ୍କୁ ୧୦ ହଜାର, କ୍ୱାଟରଫାଇନାଲିଷ୍ଟଙ୍କୁ ୫୦୦୦ ଟଙ୍କା ଲେଖାଏଁ ପୁରସ୍କାର ରାଶି ମିଳିବ। ସେହିଭଳି ସର୍ବୋଚ୍ଚ ବ୍ରେକ୍ ଲାଗି ୫୦୦୦ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି ଆୟୋଜକ ପକ୍ଷରୁ ସୂଚନା ଦିଆଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଅତିଥି ଭାବେ ବିଏସ୍‌ଏଓ ସମ୍ପାଦକ ସମୀର ଅଲୀ, ପ୍ରତିଯୋଗିତା ନିର୍ଦ୍ଦେଶକ ଗୋବିନ୍ଦ ଶର୍ମା, ଭୁବନେଶ୍ୱର କ୍ଲବ୍ ସଭାପତି ପ୍ରଦୀପ କୁମାର ଜେନା, ସମ୍ପାଦକ ଲଳିତ ଦାସ, ଯୁଗ୍ମ ସମ୍ପାଦକ ସମ୍ବିତ କୁମାର ମହାନ୍ତି, କାର୍ଯ୍ୟକାରିଣୀ ସଦସ୍ୟା ତଥା ପ୍ରିୟବ୍ରତ ପଟ୍ଟନାୟକଙ୍କ ପତ୍ନୀ ଲିପ୍‌ସା ମିଶ୍ର, ସଦସ୍ୟ ମାନସ ଦାସ, ଅନିଲ କୁମାର ସାମଲ, ସଞ୍ଜୟ ଲାଠ ପ୍ରମୁଖ ଉପସ୍ଥିତ ଥିଲେ। ବିଏସ୍‌ଏଓ ସଭାପତି ତାରାରଞ୍ଜନ ପଟ୍ଟନାୟକ ଅଂଶଗ୍ରହଣକାରୀ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସଫଳତା କାମନା କରିଛନ୍ତି।



## ଏକଲବ୍ୟ ବିଦ୍ୟାଳୟରେ ସାଇବର ସଚେତନତା ଶିବିର



ଦେବଗଡ଼, : ତିଳେଇବଣି ବ୍ଲକ ଅନ୍ତର୍ଗତ କଳାମାଟି ସ୍ଥିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରେ ସାଇବର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ମନୋରଞ୍ଜନ ବାରିକଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଶିବିରରେ ଦେବଗଡ଼ ସାଇବର ଥାନା ଅଧିକାରୀ ତ୍ରିଲୋଚନ ଖଟୁଆ ଯୋଗଦେଇ ପିପିଟି ମାଧ୍ୟମରେ ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କୁ ସାଇବର ଠକେଇର ବିଭିନ୍ନ ଦିଗ ସମ୍ପର୍କରେ ସଚେତନ କରିଥିଲେ।ଏହି ଅବସରରେ ବିଦ୍ୟାଳୟର ପ୍ରିନ୍ସିପାଲ ଡୋମନ ଏକ୍କା ସାଇବର ଠକେଇରୁ ନିଜକୁ ତଥା ସମାଜକୁ ସୁରକ୍ଷିତ ରଖିବା ପାଇଁ ସତର୍କ ରହିବା ସହ ବିଭିନ୍ନ ସୁପରାମର୍ଶ ଦେଇଥିଲେ।କାର୍ଯ୍ୟକ୍ରମରେ ଶିକ୍ଷକ ସିକନ୍ଦର ନିଷଦ, ହରି ପ୍ରସାଦ, ସୌମିତ ଘୋଷ, ରାକେଶ, ରବି କୁମାର, ତଥାଗତ ପ୍ରଧାନ, ତୁଷାର କାନ୍ତ ପ୍ରଧାନ ଓ ନନ୍ଦିନୀ ସାହୁ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ।

## ନୂଆପଡ଼ା ଜିଲ୍ଲା ଚାଷୀ ପଞ୍ଜୀକରଣ କାର୍ଯ୍ୟ ଅବ୍ୟାହତ
# ଅଣ ଜଳ ସେଚିତ ଜମି ଭାବରେ ଚାଷୀ ପଞ୍ଜୀକରଣ

ନୂଆପଡା ନୂଆପଡ଼ା ଜିଲ୍ଲା ଚାଷୀ ପଞ୍ଜୀକରଣ କାର୍ଯ୍ୟ ଅବ୍ୟାହତ, ଅଣ ଜଳ ସେଚିତ ଜମି ଭାବରେ ଚାଷୀ ପଞ୍ଜୀକରଣ ହୋଇଥିବା ବେଳେ ବର୍ତ୍ତମାନ କୃଷକ ଶକ୍ତି ସଙ୍ଗଠନ ଦାବୀ ପରେ ଜଳ ସେଚିତ ଜମି ଭାବରେ ଚାଷୀ ପଞ୍ଜୀକରଣ ପାଇଁ ସ୍ୱୀକୃତି ପ୍ରଦାନ କରିଛନ୍ତି।ଚାଷୀ ପଞ୍ଜୀକରଣ ନେଇ ଜିଲ୍ଲାରେ ୫୧% ପ୍ରତିଶତ ହୋଇଥିବା ବେଳେ ସମୁଦାୟ ୨୬୯୪୦ ଜଣ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ଗତ ବର୍ଷ ନୂଆପଡ଼ା ଜିଲ୍ଲାର ୨୬ ଗୋଟି ପ୍ୟାକ୍ସ ରେ ୫୧୩୩୯ ଜଣ ଚାଷୀ ପଞ୍ଜୀକୃତ ହୋଇଥିଲେ। ସେହିପରି ଓଡ଼ିଶା ରେ ବର୍ତ୍ତମାନ ସୁଦ୍ଧା ୮୫୯୩୮୨ ଜଣ ଚାଷୀ ପଞ୍ଜୀକରଣ ହୋଇଛନ୍ତି। ଗତ ବର୍ଷ ଓଡ଼ିଶା ରେ ସମୁଦାୟ ୧୯୬୭୮୧୨ ଜନ ଚାଷୀ ପଞ୍ଜୀକୃତ ହୋଇଥିଲେ। ପ୍ରତ୍ୟେକ ଦିନ ନୂଆପଡ଼ା ଜିଲ୍ଲାରେ ୨୯୧୨ ଜଣ ଚାଷୀ ପଞ୍ଜୀକୃତ ହେଉଛନ୍ତି। ସର୍ଭର ଡାଉନ୍ ସମସ୍ୟା ଜିଲ୍ଲାରେ ଚାଷୀ ପଞ୍ଜୀକରଣ କାର୍ଯ୍ୟରେ ବାଧା ସୃଷ୍ଟି ହେଉଥିବା କର୍ମଚାରୀମାନେ ପ୍ରକାଶ କରିଛନ୍ତି। ଜିଲ୍ଲାରେ ପ୍ୟାକ୍ସ ଦ୍ୱାରା ଡୁଆଝର ୭୫୪, କୋମନା ୮୩୬, ନୂଆପଡ଼ା ୧୧୫୯, ଖରୀଆର ରୋଡ ୧୦୨୪, କୂଳିଆବନ୍ଧା ୧୧୨୦, କେନ୍ଦମୁଣ୍ଡା ୮୦୩, କରଙ୍ଗାମଳ ୧୩୭୪, ସରାବଙ୍ଗ ୧୧୯୫, ଧରମା ବନ୍ଧା ୯୯୫, ବେଲଟୁକରି ୯୧୪, ଖଡ଼ିଆଳ ୮୦୧, ଲଖନା ୧୦୧୦, ବି. ବରଗାଁ ୧୦୭୧, ତରବୋଡ ୧୬୨୩, ହତିବନ୍ଧା ୧୨୭୦, ନିଲାଜି ୮୯୮, ବୋଡ଼େନ ୧୦୧୭, ଦର୍ଲିମୁଣ୍ଡା ୧୩୦୯, ପେଣ୍ଡରାବନ୍ଧ ୫୪୪, ସିନାପାଲି ୧୪୨୦, କାଣ୍ଡେତରା ୯୬୯, ଭୋଜପୁର ୭୪୪, ତୁକଲା ୧୦୦୯, ଭେଲା ୧୩୧୯, ଖଇରା ୭୨୪, ପରକୋଡ ୧୦୩୮ ଜଣ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ଆଣ ଜଳସେଚିତ ଚାଷୀ ରୂପେ ପଞ୍ଜୀକୃତ ଚାଷୀଙ୍କୁ ଜଳ ସେଚିତ ଜମି ଚାଷ ରୂପେ ପଞ୍ଜୀକୃତ ସମସ୍ୟା ସୃଷ୍ଟି ହୋଇଅଛି। ପ୍ରଶାସନ ପକ୍ଷ ରୁ ପୂର୍ବ ରେ ପଞ୍ଜୀକୃତ ଚାଷୀଙ୍କ ଜମି କୁ ଅଣ ଜଳ ସେଚିତ କରିଥିବା ବେଳେ ଜଳ ସେଚିତ ଜମି ରୂପେ ପଞ୍ଜୀକରଣ କରିବା ରେ ଅନ ଲାଇନ୍ ରେ କୌଣସି ବ୍ୟବସ୍ଥା ନାହିଁ। ଧାନ ବିକ୍ରି ସମୟ ରେ ଧାନ କୁଇଣ୍ଟାଲ କମ୍ ହେବା ଏକ ସମସ୍ୟା ସୃଷ୍ଟି ହେବ।

## ଲଗାଣ ଲଘୁଚାପ ବର୍ଷାରେ ଭୁଶୁଡ଼ି ପଡ଼ିଲା ଘର ପରିବାର ଲୋକ ହନ୍ତସନ୍ତ

ଜୟପାଟଣା କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ରଣମାଳ ପଞ୍ଚାୟତ ମତୁଆଲଗୁଡ଼ା ଗ୍ରାମ ର ସୁରେଶ ପଟେଲ ଙ୍କ ଘର ଲଗାଣ ଲଘୁଚାପ ବର୍ଷା ରେ ଭୁଶୁଡିବା ଫଳରେ ଅଳ୍ପକେ ଏକ ପରିବାର ଲୋକ ବଞ୍ଚିଯାଇଛନ୍ତି। ଖଟିଖିଆ ନିରୀହ ଗରିବ ସୁରେଶ ପଟେଲ ପିତା ବିଭୀଷଣ ପଟେଲ ତାଙ୍କ ଘରେ ରାତିରେ ଛଅ ପରିବାର ସହିତ ଶୋଇଥିବା ସମୟରେ ଘର ଭାଙ୍ଗି ଯାଇଥିଲା। ଅଳ୍ପ କେ ବର୍ଚିଯାଇଥିଲେ। ବର୍ତ୍ତମାନ ତାଙ୍କର। ପରିବାର ଲୋକେ ଅନେକ ଅସୁବିଧାରେ ବାହାରେ ଜୀବନ ଯାପନ କରୁଛନ୍ତି। ପ୍ରଶାସନ ତଦନ୍ତ କରି ଆବାସଗୃହ ଯୋଗାଇଦେବା କୁ ସାଧାରଣ ରେ ଦାବି।



PRINTED BY- PRASANTA KUMAR POTHAL AND OWNED,PUBLISHED AND EDITED BY **JYOTIRMAYA PANDA**, PRINTED AT- OMM PRINTERS PLOT NO-6709, NEAR RADHAKRUSHNA TEMPLE, MANCHESWAR INDUSTRIAL ESTATE, KHORDHA, ODISHA - 751010 AND PUBLISHED FROM-LB-58, BHIMATANGI HOUSING BOARD COLONY, KAPILPRASAD, BHUBANESWAR, KHORDHA, ODISHA - 751002

CHIEF EDITOR: SIMANCHAL PATTNAIK ମୁଖ୍ୟ ସଂପାଦକ : ସିମାଞ୍ଚଳ ପଟ୍ଟନାୟକ Email:-aamarprayas@gmail.com Mob:-9937020732 EDITOR : JYOTIRMAYA PANDA ସଂପାଦକ : ଜ୍ୟୋତିର୍ମୟ ପଣ୍ଡା